ବର୍ଷ-୨୫, ସଂଖ୍ୟା-୫୪
ଭୁବନେଶ୍ୱର
୨୪, ଫେବୃଆରୀ, ୨୦୨୫ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 54
Bhubaneswar
24 February, 2025, Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat



କୁଳଦୀପଙ୍କ ୩୦୦ ୱିକେଟ

# କୋହଲିଙ୍କ ମାଡ଼ରେ ପାକିସ୍ତାନ ଘାଇଲା




ଚାମ୍ପିଅନ୍ସ ଟ୍ରଫି ସେମିରେ ଭାରତ

ପାକିସ୍ତାନ-୨୪୧
ଭାରତ ୨୪୪/୪

ଦୁବାଇ, ୨୩।୨(ନି.ପ୍ର):ବୋଲିଂ ପରେ ବ୍ୟାଟିଂରେ ଭାରତର କମାଲ ପାଇଁ ୨୦୧୭ ଚାମ୍ପିଅନ୍ସ ଟ୍ରଫି ଫାଇନାଲ୍ ପରାଜୟର ପ୍ରତିଶୋଧ ନେଇଛି ରୋହିତ ବାହିନୀ। ବିରାଟ କୋହଲିଙ୍କ ଅପରାଜିତ ଶତକ ବଳରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୬ ୱିକେଟ୍‌ରେ ହରାଇ ଦ୍ୱିତୀୟ ବିଜୟ ହାସଲ କରିବା ସହ ଚାମ୍ପିଅନ୍ସ ଟ୍ରଫି ୨୦୨୫ର ସେମି ଫାଇନାଲ୍‌ରେ ପ୍ରବେଶ କରିଛି ରୋହିତ ବାହିନୀ। ସଉଦ ସକିଲଙ୍କ ୬୨ ରନ, ମହମ୍ମଦ ରିଜୱାନଙ୍କ ୪୬ ରନ ଓ ଖୁଶଦିଲ ଶାହଙ୍କ ୩୮ ରନ ବଳରେ ପାକିସ୍ତାନ ୨୪୧ ରନ କରିଥିଲା। ଜବାବରେ ଭାରତ ୪୨.୩ ଓଭରରେ ୪ ୱିକେଟ୍ ହରାଇ ସହଜରେ ହାସଲ କରି ନେଇଛି। ବିରାଟ କୋହଲି ଅପରାଜିତ ୧୦୦ ରନର ଇନିଂସ ଖେଳିଥିବା ବେଳେ ଶ୍ରେୟସ ଆୟର ୫୬ ରନ ଓ ଗିଲ୍ ୪୬ ରନ ଖେଳିଥିଲେ। ଅନ୍ୟପଟେ ପରାଜୟ ସହ ପାକିସ୍ତାନ ଟୁର୍ଣ୍ଣାମେଣ୍ଟର ବିଦା ହେବାର ଦ୍ୱାର ଦେଶରେ ପହଞ୍ଚି ଯାଇଛି।

୨୪୨ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ଭାରତୀୟ ଦଳକୁ ଦୁଇ ଓପନର ରୋହିତ ଶର୍ମା ଓ ଶୁଭମନ ଗିଲ୍ ୩୧ ରନ ଯୋଡ଼ିଥିଲେ ରୋହିତ ଶର୍ମା ଆରମ୍ଭରୁ ଦ୍ରୁତ ବ୍ୟାଟିଂ କରି ୧୩ ବଲରୁ ୨୦ ରନ କରି ଆଉଟ୍ ହୋଇଥିଲେ। ଏହା ପରେ ଗିଲ୍ ଓ ବିରାଟ କୋହଲି ଦଳର ଇନିଂସକୁ ଆଗକୁ ବଢ଼ାଇଥିଲେ। ଦୁଇ ବ୍ୟାଟର ଦ୍ୱିତୀୟ ୱିକେଟ୍‌ରେ ୬୯ ରନ ଯୋଡ଼ିଥିଲେ। ଦମଦାର ଫର୍ମରେ ଥିବା ଶୁଭମନ ଗିଲ୍ ୫୨ ବଲ୍‌ରୁ ୭ ଚୌକା ସହ ୪୬ ରନର ଉପଯୋଗୀ ଇନିଂସ ଖେଳିଥିଲେ। ଏହା ପରେ ବିରାଟ କୋହଲି ଓ ଶ୍ରେୟସ ଆୟର ଦଳର ବ୍ୟାଟିଂ ମୋର୍ଚ୍ଚା ସମ୍ଭାଳିଥିଲେ। ଦୁହେଁ ଆକ୍ରମଣାତ୍ମକ ବ୍ୟାଟିଂ କରି ଭାରତର ବିଜୟ ସୁନିଶ୍ଚିତ କରିଥିଲେ। ଏହି କ୍ରମରେ ବିରାଟ କୋହଲି ଅର୍ଦ୍ଧଶତକ ହାସଲ କରିବା ସହ ଅନେକ ରେକର୍ଡ ନିଜ ନାମରେ କରିଛନ୍ତି। ଶ୍ରେୟସ ଆୟର ଦିନିକିଆ କ୍ରିକେଟ୍‌ରେ ୨୧ତମ ଅର୍ଦ୍ଧଶତକ ହାସଲ କରିଥିଲେ। ଦୁଇ ବ୍ୟାଟର ତୃତୀୟ ୱିକେଟ୍ ୧୧୪ ରନ ଯୋଡ଼ି ଦଳର ସ୍କୋରକୁ ୨୧୪ରେ ପହଞ୍ଚାଇଥିଲେ। ଶ୍ରେୟସ ୬୭ ବଲ୍‌ରୁ ୫ ଚୌକା ଓ ୧ ଛକା ସହ ୫୬ ରନର ଉପଯୋଗୀ ଇନିଂସ ଖେଳି ପାଭିଲିୟନ ଫେରିଥିଲେ। ଏହା ପରେ ହାର୍ଦ୍ଦିକ ପାଣ୍ଡ୍ୟା ୮ ରନ କରି ଆଉଟ୍ ହୋଇଥିଲେ। ଭାରତ ବିଜୟର ଦ୍ୱାର ଦେଶରେ ପହଞ୍ଚିଥିଲେ ହେଁ ଶେଷ ଆଡ଼କୁ ବିରାଟ କୋହଲି ଶତକ ମୁଖ୍ୟ ଆକର୍ଷଣ ପାଲଟିଥିଲା। କୋହଲିଙ୍କ ଶତକକୁ ନେଇ ପଡ଼ିଆରେ ଛକାପଞ୍ଝା ଜାରି ରହିଥିଲା। ଚୌକା ମାରି ଅର୍ଦ୍ଧଶତକ ହାସଲ କରିଥିବା କୋହଲି ଶେଷରେ ଚୌକା ମାରି ଦିନିକିଆ କ୍ରିକେଟ୍‌ରେ ୫୧ତମ ଶତକ ହାସଲ କରିଛନ୍ତି। ଆଉ ଭାରତ ୪୨.୩ ଓଭରରେ ୪ ୱିକେଟ୍ ହରାଇ ମ୍ୟାଚ୍‌କୁ ଜିତି ନେଇଛି। ପାକିସ୍ତାନ ପାଇଁ ବ୍ୟୟବହୁଳ ସାବ୍ୟସ୍ତ ହୋଇଥିବା ଶାହିନ ଶାହ ଆଫ୍ରିଦ ୨ ୱିକେଟ ନେଇଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ପାକିସ୍ତାନର ଦୁଇ ଓପନର ଇମାମ ଉଲ ହକ୍ ଓ ବାବର ଆଜମ ପ୍ରଥମ ୱିକେଟ୍‌ରେ ୪୧ ରନ ଯୋଡ଼ିଥିଲେ। କ୍ରିଜରେ ଜମି ଆସିଥିବା ବାବର ଆଜମ(୨୩ ରନ)ଙ୍କୁ ଆଉଟ୍ କରି ହାର୍ଦ୍ଦିକ ପାଣ୍ଡ୍ୟା ଭାରତକୁ ପ୍ରଥମ ସଫଳତା ଦେଇଥିଲେ। ଏହା ପରେ ଇମାମ ଉଲ ହକ(୧୦) ଏକ ରନ ନେବା ଚକ୍କରରେ ଅକ୍ଷର ପଟେଲ୍‌ଙ୍କ ଚମତ୍କାର ଥ୍ରୋରେ ରନ ଆଉଟ୍ ହୋଇଥିଲେ। ଏହା ପରେ ଅଧିନାୟକ ମହମ୍ମଦ ରିଜୱାନ ଓ ସଉଦ ସକିଲ ଇନିଂସ ସମ୍ଭାଳିଥିଲେ। ଦୁଇ ବ୍ୟାଟର ସଂଯମତାର

ସହ ବ୍ୟାଟିଂ କରିଥିଲେ ଦୁହେଁ ପ୍ରଥମ ବହୁତ ମନ୍ଥର ବ୍ୟାଟିଂ କରିଥିଲେ। ଇନିଂସର ୨୫ ଓଭର ପରେ ଦୁଇ ବ୍ୟାଟର ରନ ଗତି ବଢ଼ାଇଥିଲେ। ଏହି କ୍ରମରେ ସଉଦ ସକିଲ ଦିନିକିଆରେ ନିଜର ଚତୁର୍ଥ ଅର୍ଦ୍ଧଶତକ ପୂରଣ କରିଥିଲେ। ଦୁଇ ବ୍ୟାଟର ତୃତୀୟ ୱିକେଟ୍ ପାଇଁ ୧୦୪ ରନର ଶତକୀୟ ଭାଗିଦାରୀ ଯୋଡ଼ିଥିଲେ। ଦଳୀୟ ସ୍କୋର ୧୫୧ ରନ ସ୍କୋରରେ ମହମ୍ମଦ ରିଜୱାନଙ୍କୁ କ୍ଲିନ ବୋଲ୍ଡ କରି ଅକ୍ଷର ପଟେଲ୍ ଭାରତକୁ ବଡ଼ ସଫଳତା ଦେଇଥିଲେ। ରିଜୱାନ ୭୭ ବଲ୍‌ରୁ ୪୬ ରନର ଧିମା ଇନିଂସ ଖେଳିଥିଲେ। ପରେ ପାକିସ୍ତାନ ନିୟମିତ ବ୍ୟବଧାନରେ ୱିକେଟ୍ ହରାଇଥିଲା ସଉଦ ସକିଲ ୬୨ ରନ କରି ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବଲରେ ଆଉଟ୍ ହୋଇଥିଲେ। ତୟବ ତାହିର(୪) କ୍ରିଜରେ ତିଷ୍ଠି ପାରି ନ ଥିଲେ। ୪୩ ଓଭରରେ କୁଲଦୀପ ଯାଦବ ପାକିସ୍ତାନକୁ ଡବଲ ଝଟକା ଦେଇଥିଲେ। ଲଗାତାର ଦୁଇଟି ବଲରେ ସଲମାନ ଆଗା(୧୯ ରନ) ଓ ଶାହୀନ ଆଫ୍ରିଦି(୦)ଙ୍କ ଶିକାର କରିଥିଲେ। ନିମ୍ନ କ୍ରମରେ ନସୀମ ଶାହ ୧୪ ରନ କରି କୁଲଦୀପଙ୍କ ତୃତୀୟ ଶିକାର ହୋଇଥିଲେ। ଶେଷ ଆଡ଼କୁ ଖୁଶଦିଲ ଶାହ ୩୮ ରନର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ ଶେଷରେ ପାକିସ୍ତାନ ୨୪୧ ରନ କରିଥିଲା। ବୋଲିଂରେ ଭାରତ ପକ୍ଷରୁ କୁଲଦୀପ ଯାଦବ ଦମଦାର ବୋଲିଂ କରି ୪୦ ରନ ଦେଇ ୩ଟି ସଫଳତା ହାସଲ କରିଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟା ୩୧ ରନ ବିନିମୟରେ ୨ଟି ୱିକେଟ୍ ନେଇଥିବା ବେଳେ ହର୍ଷିତ ରାଣା, ଅକ୍ଷର ପଟେଲ୍ ଓ ରବୀନ୍ଦ୍ର ଜାଡେଜା ପ୍ରତ୍ୟେକଙ୍କୁ ଗୋଟିଏ ଲେଖାଏଁ ସଫଳତା ମିଳିଛି।

## ଭିଜିଲାନ୍ସ ଜାଲରେ ଦୁଇ କୃଷି ଅଧିକାରୀ

**ନବରଙ୍ଗପୁର/ଉମରକୋଟ, ୨୩।୨ (ମହାଭାରତ) :** ଚାଷୀଙ୍କ ଜମିରେ ଅଗଭୀର ନଳକୂପ ଖନନରେ ସବସିଡି କରାଇଦେବା ନାମରେ ୫ ହଜାର ଟଙ୍କା ଲାଞ୍ଚ ନେଇ ଫସିଲେ ଉମରକୋଟ ସହକାରୀ କୃଷି ଅଧିକାରୀ ଓ ବିଟିଏମ୍। ମିଳିଥିବା ସୂଚନା ଅନୁଯାୟୀ ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ସିଂସାରୀ ପଞ୍ଚାୟତର ଜାମପଦର ଗାଁର ଚାଷୀ ଲଖିଧର ମାଝୀ ନିଜ ଜମିରେ ସରକାରଙ୍କ ଜଳନିଧୀ ଯୋଜନାରେ ଏକ ଅଗଭୀର ନଳକୂପ ଖନନ କରିଥିଲେ, ଯାହାର ସବସିଡି ରହିଥିଲା ୫୦ହଜାର ଟଙ୍କା। ଏଥି ପାଇଁ କୃଷି ବିଭାଗର ଏକ ଭେରିଫିକେସନ୍ ପ୍ରମାଣ ପତ୍ରର ଆବଶ୍ୟକତା ରହିଛି। ଏହି ଭେରିଫିକେସନ୍ କରି ରିପୋର୍ଟ ଦେବା ପାଇଁ ସହକାରୀ କୃଷି ଅଧିକାରୀ ନିଳକଣ୍ଠ ପରିଡା ଓ ବିଟିଏମ ସୁରେନ୍ଦ୍ର ବୁନ୍ଦେଲା ଚାଷୀଙ୍କୁ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏହି ୨ ଜଣ କର୍ମଚାରୀ କୁଆଡେ ଆଜି ତାଙ୍କ ଜମିକୁ ଯାଇ ଭେରିଫିକେସନ୍ କରାଯିବ ମାଗିଥିବା ଟଙ୍କା ରଖିଥାଅ ବୋଲି ଫୋନ୍ ଯୋଗେ କହିଥିଲେ। ସେ ଅନୁଯାୟୀ ଚାଷୀ ନବରଙ୍ଗପୁର ଭିଜିଲାନସର ସହାୟତା ନେଇଥିଲେ। ଆଜି ଏହି ୨ ଜଣ କର୍ମଚାରୀ ଚାଷୀଙ୍କ ଜମିକୁ ଯାଇ ଭେରିଫିକେସନ୍ କରିବା ସହ ସେମାନେ ମାଗିଥିବା ଅର୍ଥ ମାଗିଥିଲେ।

# ମେଦବହୁଳକୁ ନେଇ ଚିନ୍ତା କଲେ ମୋଦି

ନୂଆଦିଲ୍ଲୀ, ୨୩।୨(ପିଆଇବି): ମାସିକ ରେଡିଓ କାର୍ଯ୍ୟକ୍ରମ ମନ୍ କି ବାତ୍‌ରେ ମେଦବହୁଳକୁ ନେଇ ଚିନ୍ତା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏହି ଅବସରରେ ମୋଦି କହିଛନ୍ତି ଯେ, ଡେରାଡୁନରେ ରାଷ୍ଟ୍ରୀୟ କ୍ରୀଡ଼ାର ଉଦଘାଟନ ଅବସରରେ ମୁଁ ଏକ ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ ଉଠାଇଥିଲି, ଯାହା ଦେଶରେ ଏକ ନୂଆ ଚର୍ଚ୍ଚା ଆରମ୍ଭ କରିଛି।

ଏହି ବିଷୟଟି ହେଉଛି 'ଓବେସିଟି' ବା ମେଦବହୁଳତା । ଏକ ଫିଟ୍ ଓ ସୁସ୍ଥ ଦେଶ ହେବାପାଇଁ ଆମକୁ ମେଦବହୁଳତା ସମସ୍ୟାକୁ ଦୂର କରିବାକୁ ହେବ । ଏକ ଅନୁଧ୍ୟାନ ଅନୁଯାୟୀ ଆଜି ପ୍ରତ୍ୟେକ ଆଠ ଜଣଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ମେଦବହୁଳତାର ସମସ୍ୟା ଭୋଗୁଛନ୍ତି । ବିଗତ ବର୍ଷଗୁଡ଼ିକରେ ମେଦବହୁଳତାର ମାମଲା ଦୁଇଗୁଣ ହୋଇଯାଇଛି, କିନ୍ତୁ ଏହାଠାରୁ ମଧ୍ୟ ଅଧିକ ଚିନ୍ତାର କଥା ହେଲା ପିଲାଙ୍କ ଭିତରେ ବି ମେଦବହୁଳତା ସମସ୍ୟା ଚାରିଗୁଣ ବଢ଼ିଯାଇଛି । ଡବ୍ଲ୍ୟୁଏଚ୍‌ଓର ତଥ୍ୟ କହୁଛି ଯେ ୨୦୨୨ରେ ସମଗ୍ର ପୃଥିବୀରେ ପ୍ରାୟ ଅଢ଼େଇ ଶହ କୋଟି ଲୋକ ଅଧିକ ଓଜନର ଥିଲେ, ଅର୍ଥାତ ସେମାନଙ୍କର ଆବଶ୍ୟକତାଠୁ ବହୁତ ଅଧିକ ଓଜନ ଥିଲା । ଏହି ପରିସଂଖ୍ୟାନ ଅତ୍ୟନ୍ତ ଚିନ୍ତାଜନକ ଓ ଆମ ସମସ୍ତଙ୍କୁ ଭାବିବାକୁ ବାଧ କରୁଛି ଯେ ଅନ୍ତତଃ ଏପରି ହେଉଛି କାହିଁକି ? ଅଧିକ ଓଜନ ବା ମେଦ ବହୁଳତା ଅନେକ ପ୍ରକାରର ଅସୁବିଧାକୁ, ରୋଗକୁ ମଧ୍ୟ ଜନ୍ମ



ଦେଇଥାଏ। ଆମେ ସମସ୍ତେ ମିଶି ଛୋଟ ଛୋଟ ପ୍ରୟାସ ଦ୍ୱାରା ଏହି ଆହ୍ୱାନର ମୁକାବିଲା କରିପାରିବା, ଯେଉଁଭଳି ମୁଁ ଗୋଟିଏ ଉପାୟ କହିଥିଲି "ଖାଦ୍ୟରେ ତେଲ ଦଶ ପ୍ରତିଶତ କମ୍ କରିବା" । ଆପଣ ସ୍ଥିର କରିନିଅନ୍ତୁ ଯେ ପ୍ରତ୍ୟେକ ମାସରେ ଦଶ ପ୍ରତିଶତ ତେଲ କମ୍ ବ୍ୟବହାର କରିବେ । ତେଲ କିଣିବା ସମୟରେ ଏବେ ଦଶ ପ୍ରତିଶତ କମ୍ ହିଁ କିଣିବେ। ଏହା ମେଦବହୁଳତା କମ୍ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ।

ଖାଦ୍ୟରେ ତେଲର କମ୍ ବ୍ୟବହାର ଏବଂ ମେଦବହୁଳତା ଦୂର କରିବା ଖାଲି ବ୍ୟକ୍ତିଗତ ରୁଚି ନୁହେଁ ବରଂ ପରିବାର ପ୍ରତି ଆମର ଏକ ଦାୟିତ୍ୱ ମଧ୍ୟ । ଖାଦ୍ୟପେୟରେ ତେଲର ବହୁଳ ବ୍ୟବହାର ହୃଦରୋଗ, ମଧୁମେହ ଏବଂ ଉଚ୍ଚ ରକ୍ତଚାପ ଭଳି ଅନେକ ରୋଗର କାରଣ ହୋଇପାରେ। ନିଜ ଖାଦ୍ୟପେୟରେ ଛୋଟ ଛୋଟ ପରିବର୍ତ୍ତନ କରି ଆମେମାନେ ଆମର ଭବିଷ୍ୟତକୁ ସୁଦୃଢ଼, ସୁସ୍ଥ ତଥା ରୋଗମୁକ୍ତ କରିପାରିବା । ସେଥିପାଇଁ ଆଉ ଡେରି ନ କରି ଏ ଦିଗରେ ଆମକୁ ପ୍ରୟାସ କରିବାକୁ ପଡ଼ିବ। ଏହାକୁ ଆମେ ଜୀବନରେ ପ୍ରତିଫଳିତ କରିବା ଉଚିତ । ଆମେ ସମସ୍ତେ ମିଶି ଖେଳ ଖେଳରେ ଏହାକୁ ବହୁତ ପ୍ରଭାବଶାଳୀ ଢଙ୍ଗରେ କରିପାରିବା ।ଯେମିତିକି ମୁଁ 'ମନ୍ କି ବାତ୍'ର ଆଜିର ଅଧ୍ୟାୟ ପରେ ୧୦ ଜଣ ଲୋକଙ୍କୁ ଅନୁରୋଧ କରିବି, ଆହ୍ୱାନ କରିବି କି ଆପଣମାନେ ନିଜ ଖାଦ୍ୟରେ ତେଲକୁ ୧୦ ପ୍ରତିଶତ କମ୍ କରିପାରିବେ କି ? ତା'ସଙ୍ଗେ ସଙ୍ଗେ ଏକଥା ମଧ୍ୟ ଅନୁରୋଧ କରିବି ଯେ ଆପଣ ମଧ୍ୟ ଆହୁରି ୧୦ ଜଣ ଲୋକଙ୍କୁ ଏହିଭଳି ଆହ୍ୱାନ ଦିଅନ୍ତୁ । ମୋର ବିଶ୍ୱାସ, ଏହାଦ୍ୱାରା ମେଦବହୁଳତା ସହିତ ଲଢ଼ିବା ବହୁତ ସହଜ ହେବ। ସେହିପରି ଏକଜାମ୍ ୱାରିୟରମାନଙ୍କୁ ଶୁଭକାମନା ଜଣାଇଛନ୍ତି ପ୍ରଧାନମନ୍ତ୍ରୀ। ପିଏମ କହିଛନ୍ତି ଯେ, ବର୍ତ୍ତମାନ ବୋର୍ଡ ପରୀକ୍ଷାର ସମୟ। ମୁଁ ମୋର ଯୁବ ବନ୍ଧୁମାନଙ୍କୁ ଅର୍ଥାତ୍ ଏକଜାମ ୱାରିୟର ମାନଙ୍କୁ ତାଙ୍କର ପରୀକ୍ଷା ପାଇଁ ବହୁତ ବହୁତ ଶୁଭକାମନା ଜଣାଉଛି । ଆପଣ କୌଣସି ଚାପ ନ ନେଇ ସକାରାତ୍ମକ ମନୋବୃତ୍ତି ସହିତ ପରୀକ୍ଷା ଦିଅନ୍ତୁ। ପ୍ରତିବର୍ଷ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମରେ ମୁଁ ଆମର ଏକଜାମ ୱାରିୟର ମାନଙ୍କ ସହିତ ପରୀକ୍ଷା ସମ୍ବନ୍ଧିତ ଭିନ୍ନ ଭିନ୍ନ ବିଷୟରେ କଥା ହୁଏ। ମୁଁ ବହୁତ ଖୁସି ଯେ ଏବେ ଏହି କାର୍ଯ୍ୟକ୍ରମ ଏକ ସଂସ୍ଥାଗତ ରୂପ ନେବାକୁ ଯାଉଛି, ଇନଷ୍ଟିଚ୍ୟୁସନାଲାଇଜ ହେଉଛି । ଏହାସହିତ ନୂଆ ନୂଆ ବିଶେଷଜ୍ଞମାନେ ମଧ୍ୟ ଯୋଗଦେବାରେ ଲାଗିଛନ୍ତି । ଏହି ବର୍ଷ ଆମେ ଗୋଟିଏ ନୂଆ ଫର୍ମାଟରେ 'ପରୀକ୍ଷା ପେ ଚର୍ଚ୍ଚା।' କରିବାର ପ୍ରୟାସ କଲୁ । ବିଶେଷଜ୍ଞମାନଙ୍କ ସହିତ ୮ଟି ଅଲଗା ଅଲଗା ଅଧ୍ୟାୟ ମଧ୍ୟ ସାମିଲ କରାଗଲା।

# ମହାକୁମ୍ଭରେ ସ୍ନାନ କଲେ ମୁଖ୍ୟମନ୍ତ୍ରୀ



ଦେଶ ଓ ରାଜ୍ୟ ପାଇଁ ଶାନ୍ତି , ସମୃଦ୍ଧି କାମନା କଲେ

ଭୁବନେଶ୍ୱର, ୨୩।୨(ମହାଭାରତ): ମହାକୁମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ପ୍ରୟାଗରାଜ୍ ଗସ୍ତ କରି ତ୍ରିବେଣୀ ସଙ୍ଗମ ସ୍ଥଳରେ ସ୍ନାନ କରିଛନ୍ତି। ଏହା ସହିତ ପୂଜା ଓ ଆରତି ମଧ୍ୟ କରିଛନ୍ତି।

ଏହି ଅବସରରେ ଗଣ ମାଧ୍ୟମ ଆଗରେ ନିଜର ବକ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ପ୍ରୟାଗ ରାଜ୍ ତ୍ରିବେଣୀ ସଂଗମରେ ସ୍ନାନ କରିବା ଏକ ଅତ୍ୟନ୍ତ ଆଧ୍ୟାତ୍ମିକ ଅନୁଭବ। ଏହା କେବଳ ଗଙ୍ଗା, ଯମୁନା, ସରସ୍ୱତୀ ର ସଙ୍ଗମ ସ୍ଥଳ ନୁହେଁ, ଏହା ହେଉଛି ବିଶ୍ୱାସ, ପରମ୍ପରା ଓ ଦିବ୍ୟତ୍ୱର ସଙ୍ଗମ ସ୍ଥଳ ବୋଲି ସେ କହିଛନ୍ତି। ଏହି ଅବସରରେ ପ୍ରାର୍ଥନା କରି ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ପାଇଁ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଛନ୍ତି।

ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଅର୍ପଣ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଭାରତର ଆତ୍ମିକ ଉତ୍ତରଣରେ ପ୍ରଧାନମନ୍ତ୍ରୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତାଙ୍କ ଦୂରଦୃଷ୍ଟି ଓ ମହାନ୍ ଦୃଷ୍ଟିକୋଣ ଯୋଗୁ ଦେଶର ଛୋଟ ଛୋଟ ଗାଁ ରୁ ବଡ଼ ବଡ଼ ସହର ପର୍ଯ୍ୟନ୍ତ ସମସ୍ତେ ଭାରତୀୟତାର ମହାନ୍ ଅନୁଭବରେ ଉଦବୁଦ୍ଧ ହୋଇଛନ୍ତି। ତାଙ୍କ ପ୍ରେରଣାରେ ଦେଶ ଓ ରାଜ୍ୟର ସେବା କରିବା ପାଇଁ ସୁଯୋଗ ମିଳିଥିବାରୁ ସେ ଅତ୍ୟନ୍ତ ଆନନ୍ଦିତ ବୋଲି ମତ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥଙ୍କ ସହିତ ଫୋନ ଯୋଗେ କଥା ହୋଇ ଏଭଳି ସୁନ୍ଦର ଆୟୋଜନ ପାଇଁ ଧନ୍ୟବାଦ୍ ଦେଇଥିଲେ। ଉତ୍ତର ପ୍ରଦେଶର ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ସତିଶ ଶର୍ମାଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ଧନ୍ୟବାଦ୍ ଦେଇଛନ୍ତି। ଶ୍ରୀ ଶର୍ମା ପ୍ରୟାଗ ରାଜ୍ ବିମାନ ବନ୍ଦର ଠାରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ ଏବଂ ପବିତ୍ର ବୁଡ଼ ଓ ପୂଜା ସମୟରେ ତାଙ୍କ ସହିତ ରହିଥିଲେ।

# 'ଅନୁଗୋଳ ଓ ତାଳଚେରର ମୁଖଶାଳା ବଁଅରପାଳ'

ବଁଅରପାଳ, ୨୩।୨(ମହାଭାରତ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଅନୁଗୋଳ ବଁଅରପାଳ ଠାରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏହି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର କହିଛନ୍ତି ଯେ, ଅନୁଗୋଳ ଓ ତାଳଚେରର ମୁଖଶାଳା ହେଉଛି ବଁଅରପାଳ। ଜିଲ୍ଲା ପ୍ରଶାସନ ସହଯୋଗରେ ସ୍ଥାନୀୟ ଅଂଚଳର ଆବଶ୍ୟକତା ଅନୁଯାୟୀ ଶିକ୍ଷା, ସ୍ୱାସ୍ଥ୍ୟ ଓ ରୋଜଗାରକୁ ଗୁରୁତ୍ୱ ଦେବା ସହ କାର୍ଯ୍ୟକୁ ବ୍ୟାପକ କରାଇବା ପାଇଁ ସହଯୋଗୀ ହେବାକୁ ଟାଟା ଷ୍ଟିଲ ଫାଉଣ୍ଡେସନକୁ ପରାମର୍ଶ ଦେଇଛନ୍ତି।




କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଆଜି ୧ କୋଟି ୨୫ ଲକ୍ଷ ଟଙ୍କା ବ୍ୟୟରେ ବଁଅରପାଳ ଛକର ସୌନ୍ଦର୍ଯ୍ୟକରଣ ଏବଂ ଆଲୋକୀକରଣ ପାଇଁ ସମନ୍ୱିତ ବିକାଶ ପ୍ରକଳ୍ପ ଓ ୫୦ ଲକ୍ଷ ଟଙ୍କା ବ୍ୟୟରେ 'ଅମୃତ ସରୋବର' ପ୍ରକଳ୍ପ ଅଧୀନରେ ଗୋତମରା ପୋଖରୀର ନବୀକରଣ ପାଇଁ ଶିଳାନ୍ୟାସ କରିଛନ୍ତି । ସେହିପରି ସ୍ଥାନୀୟ ପିଏସଏସଜେ ଜୁନିୟର ମହାବିଦ୍ୟାଳୟ ଠାରେ ଟାଟା ଷ୍ଟିଲ ଫାଉଣ୍ଡେସନର ବାର୍ଷିକ ଉତ୍ସବ 'ଅରୁଣିମା- ୨୦୨୫' ରେ ଯୋଗଦେବା ସହ ୨୫ ଲକ୍ଷ ଟଙ୍କା ବ୍ୟୟରେ ଏହି କଲେଜର ଲ୍ୟାବ୍ ଓ ଖେଳପଡ଼ିଆ ନିର୍ମାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ କେନ୍ଦ୍ରମନ୍ତ୍ରୀ। ଏହାସହ ବଁଅରପାଳ ଅଂଚଳରେ ଶିକ୍ଷାର ବିକାଶ ପାଇଁ ସପ୍ତମ ବା ତଦୁର୍ଦ୍ଧ ଶ୍ରେଣୀରେ ପଢୁଥିବା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ପିଲାମାନଙ୍କୁ "ଜ୍ୟୋତି ଛାତ୍ରବୃତ୍ତି" ପ୍ରଦାନ କରିଥିଲେ।

ଜିଲ୍ଲା ପ୍ରଶାସନ ସହଯୋଗରେ ଟଟା ଷ୍ଟିଲ୍ ଫାଉଣ୍ଡେସନର ଏହି ସାଧୁ ଉଦ୍ୟମ ପାଇଁ ଧନ୍ୟବାଦ ଜଣାଇବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ ଅନୁଗୋଳ ଓ ତାଳଚେରର ମୁଖଶାଳା ହେଉଛି ବଁଅରପାଳ। ବଁଅରପାଳ ବ୍ଲକର ଗୋତମରା ଗାଁ ଏକ ଐତିହାସିକ ଗ୍ରାମ। ଏହି ଗ୍ରାମରେ ବିଶିଷ୍ଟ ରାଜନୀତିଜ୍ଞ ସ୍ୱର୍ଗତ ଅଦ୍ୱୈତ ପ୍ରସାଦ ସିଂହ ଜନ୍ମଗ୍ରହଣ କରିଥିଲେ। ଆଜି ଶୁଭାରମ୍ଭ ହୋଇଥିବା ପାଖାପାଖି ୨ କୋଟି ମୂଲ୍ୟର ପ୍ରକଳ୍ପ ଗୁଡ଼ିକ ବଁଅରପାଳକୁ ଏକ ନୂଆ ପରିଚୟ ଦେବ। ଏହି ଗ୍ରାମର ସୌନ୍ଦର୍ଯ୍ୟକରଣ ସହ ଜନସାଧାରଣଙ୍କ ଯାତାୟତ ସୁବିଧା ପାଇଁ ଆମେ ବଦ୍ଧପରିକର। ଗୋତମରା ପୋଖରୀ ନିକଟରେ ସ୍ୱର୍ଗତ ଅଦ୍ୱୈତ ପ୍ରସାଦ ସିଂହଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ ନେଇ ଶ୍ରୀ ପ୍ରଧାନ ପ୍ରସ୍ତାବ ଦେଇଥିଲେ।

ସେହିପରି ପିଏସଏସଜେ କଲେଜରେ ଶିଳାନ୍ୟାସ ହୋଇଥିବା ପରୀକ୍ଷାଗାର ଓ ଖେଳ ପଡ଼ିଆ ଦ୍ୱାରା ଛାତ୍ରଛାତ୍ରୀମାନେ ଉପକୃତ ହେବେ। ବଁଅରପାଳରେ ଖେଳର ପରମ୍ପରା ରହିଛି। ଧୀରେ ଧୀରେ ଖେଳ ପ୍ରତି ପିଲାମାନଙ୍କ ଆଗ୍ରହ ବଢୁଛି। ଏହି ଅଂଚଳରେ ଆଗାମୀ ଦିନରେ ଖେଳର ବିକାଶ ହେବ। ଜିଲ୍ଲା ପ୍ରଶାସନ ଓ ଟାଟା ଷ୍ଟିଲ ଫାଉଣ୍ଡେସନ ସହଯୋଗରେ ଅନୁଗୋଳ ଜିଲ୍ଲାକୁ ଏକ ଆଧୁନିକ ଜିଲ୍ଲା ଭାବେ ଗଢ଼ିବା ପାଇଁ ସାମୂହିକ ଦାୟିତ୍ୱ ନେବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି । ଏହି ଗସ୍ତକାଳରେ କେନ୍ଦ୍ରମନ୍ତ୍ରୀ ବଁଅରପାଳ ବ୍ଲକ ତଳମୂଳ ସ୍ଥିତ ଦୁର୍ଗା ମାଧବ ମନ୍ଦିର ଓ ଶନିଶ୍ଚର ମନ୍ଦିରରେ ଦର୍ଶନ କରିଥିଲେ।

## ଖୁଲାସା : ୭ ପ୍ରକଳ୍ପ ପାଇଁ ଆମେରିକାରୁ ଆସିଥିଲା ଅର୍ଥ

**ନୂଆଦିଲ୍ଲୀ,** ୨୩।୨(ମହାଭାରତ)**:** ଆମେରିକୀୟ ୟୁସେଡ୍ ପାଣ୍ଠିକୁ ନେଇ ଭାରତରେ ରାଜନୀତି ସରଗରମ ରହିଛି। ଏନେଇ ଅର୍ଥ ମନ୍ତ୍ରଣାଳୟ ଦ୍ୱାରା ଏକ ରିପୋର୍ଟ ଜାରି ହୋଇଛି। ରିପୋର୍ଟରୁ ଜଣାପଡିଛି ଯେ ୟୁସେଡ୍ ୨୦୨୩-୨୪ ରେ ୭୫୦ ମିଲିୟନ ଆମେରିକୀୟ ଡଲାର ପାଣ୍ଠି ମିଳିଛି। ୭ଟି ପ୍ରକଳ୍ପ ପାଇଁ ଏହି ପାଣ୍ଠି ମିଳିଛି। କିନ୍ତୁ ଭୋଟରଙ୍କ ମତଦାନ ବଢାଇବାକୁ ପାଣ୍ଠି ମିଳିନାହିଁ। ଯେଉଁ ପ୍ରକଳ୍ପଗୁଡ଼ିକ ପାଇଁ ପାଣ୍ଠି ପ୍ରଦାନ କରାଯାଇଛି ସେଗୁଡ଼ିକ ମଧ୍ୟରେ କୃଷି, ଖାଦ୍ୟ ସୁରକ୍ଷା, ସ୍ଥାୟୀ ଜଙ୍ଗଲ ଏବଂ ସଚ୍ଛତା ପାଇଁ ସହଭାଗୀତା, ନବୀକରଣୀୟ ଶକ୍ତିର ବାଣିଜ୍ୟୀକରଣ ଏବଂ ନବସୃଜନ ପାଇଁ ସହଭାଗୀତା, ସାସ୍ଥ୍ୟ ପ୍ରକଳ୍ପ ପାଇଁ ଚୁକ୍ତିନାମା, ବିପର୍ଯ୍ୟୟ ପରିଚାଳନା, ଶକ୍ତି କ୍ଷେତ୍ରରେ ନବସୃଜନ ସହିତ ଜଡିତ ପ୍ରକଳ୍ପ ଅନ୍ତର୍ଭୁକ୍ତ ।ପିଟିଆଇର ରିପୋର୍ଟ ଅନୁଯାୟୀ, ଅର୍ଥନୈତିକ ବ୍ୟାପାର ବିଭାଗ ୨୦୨୩-୨୪ ରେ ୟୁସେଡ୍ ପାଣ୍ଠି ଉପରେ ଏକ ରିପୋର୍ଟ ପ୍ରକାଶ କରିଛି। ଏହା ସ୍ପଷ୍ଟ ଭାବରେ କୁହାଯାଇଛି ଯେ ପାଣ୍ଠି ପାଇଥିବା ସାତଟି ପ୍ରକଳ୍ପ ମଧ୍ୟରୁ କୌଣସିଟି ନିର୍ବାଚନ କିମ୍ବା ଭୋଟ ପ୍ରତିଶତ ବୃଦ୍ଧି ସହିତ ଜଡିତ ନଥିଲା। ରିପୋର୍ଟରେ କୁହାଯାଇଛି ଯେ ଭାରତ ୧୯୫୧ ମସିହାରୁ ଆମେରିକାଠାରୁ ସାହାଯ୍ୟ ପାଇବା ଆରମ୍ଭ କରିଥିଲା।

ଏପର୍ଯ୍ୟନ୍ତ, ଭାରତ ୫୫୫ଟି ପ୍ରକଳ୍ପ ପାଇଁ ୟୁସେଡ୍ ଠାରୁ ୧୭୦୦ କୋଟି ଟଙ୍କାର ଆର୍ଥିକ ସହାୟତା ପାଇସାରିଛି। ଭାରତରେ ଭୋଟରଙ୍କ ମତଦାନ ବୃଦ୍ଧି କରିବା ପାଇଁ ୟୁସେଡ୍ ମାଧ୍ୟମରେ ୨୧ ନିୟୁତ ଡଲାର ଖର୍ଚ୍ଚ କରିବା ପଛରେ ବାଇଡେନ ପ୍ରଶାସନର ଉଦ୍ଦେଶ୍ୟ ଉପରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ବାରମ୍ବାର ପ୍ରଶ୍ନ ଉଠାଇଛନ୍ତି। ଟ୍ରମ୍ପ କହିଥିଲେ, ଭାରତରେ ଭୋଟ ଦେବା ପାଇଁ ୨୧ ନିୟୁତ ଡଲାର ଖର୍ଚ୍ଚ କରିବାର କଣ ଆବଶ୍ୟକତା ଥିଲା ? ମୁଁ ଭାବୁଛି ସେମାନେ ଅନ୍ୟ କାହାକୁ ନିର୍ବାଚିତ କରିବାକୁ ଚେଷ୍ଟା କରୁଥିଲେ ଆମକୁ ଭାରତ ସରକାରଙ୍କୁ କହିବାକୁ ପଡିବ ଏହା ଏକ ବଡ଼ ସଫଳତା। ଭାରତରେ ନିର୍ବାଚନକୁ ପ୍ରଭାବିତ କରିବା ପାଇଁ କୋଟି କୋଟି ଡଲାର ପାଣ୍ଠି ଯୋଗାଣ ନେଇ ଟ୍ରମ୍ପ ଏବଂ ତାଙ୍କ ପ୍ରଶାସନର ଦାବିକୁ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଚିନ୍ତାଜନକ ବୋଲି କହିଛନ୍ତି।

## ୯ ନକ୍ସଲଙ୍କ ଆତ୍ମସମର୍ପଣ

ମାଲକାନଗିରି, ୨୩।୨(ମହାଭାରତ)**:** ହିଂସା ଓ ଅସ୍ତ୍ର ଛାଡ଼ି ତେଲେଙ୍ଗାନାର ମୁଲୁଗୁ ଜିଲ୍ଲା ପୁଲିସ ନିକଟରେ ୯ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ମୁଲୁଗୁ ଜିଲ୍ଲା ଏସ ମହେଶ ଗିଟେଙ୍କ ଏବଂ ସିଆରପିଏଫ କମାଣ୍ଡାଣ୍ଟଙ୍କ ସମ୍ମୁଖରେ ଏହି ୯ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିଲେ। ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ହେଲେ ମାଡକମ ଉଙ୍ଗା(୩୨), ମାଡକମ ହିଡମା(୨୩), ପଡିଆମି କୋସା(୩୨), ସୋଡି ଯୋଗୀ(୨୧), କୁଞ୍ଜାମ ଆଇତେ(୨୦), ସୋଡି ବୁଦ୍ରା (୩୨), କୁଞ୍ଜାମ କୋସା(୩୧), ପଡ଼ିଆମ ଆଇତେ(୨୧) ଏବଂ କୁଞ୍ଜାମ କୋସା (୩୨)।ସରକାରଙ୍କ ତରଫରୁ ଏହି ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ସମସ୍ତ ସହଯୋଗ ପ୍ରଦାନ କରାଯିବ ବୋଲି ପୁଲିସ କହିଛି। ଏଥିସହ ଏମାନଙ୍କ ପରିବାରକୁ ଖବର ଦିଆଯିବା ସହ କିପରି ଏମାନେ ସାଧାରଣ ଜୀବନଯାପନ କରିବେ ସେନେଇ ପୁଲିସ ବୁଝାଇଥିବା କୁହାଯାଇଛି।

## ଫାର୍ମ ହାଉସ୍ ମାଲିକଙ୍କୁ ଗୁଳି କରି ହତ୍ୟା

**ଢ଼େଙ୍କାନାଳ,** ୨୩।୨(ମହାଭାରତ)**:** ଢ଼େଙ୍କାନାଳରେ ଜଣେ ଫାର୍ମ ହାଉସ ମାଲିକ ଗୋବିନ୍ଦ ନାଏକଙ୍କୁ ଗୁଳି ମାରି ହତ୍ୟା କରିବା ଖବର ଚାଞ୍ଚଲ୍ୟ ସୃଷ୍ଟି କରିଛି। କିଏ ଓ କାହିଁକି ହତ୍ୟାକଲା ତାହା ଚର୍ଚ୍ଚାର ବିଷୟ ହୋଇଛି। ଅନ୍ୟପଟେ ହତ୍ୟାର ମାତ୍ର କିଛି ଘଣ୍ଟା ଭିତରେ ଅଭିଯୁକ୍ତକୁ ଧରିବାରେ ସଫଳ ହୋଇଛି ଢ଼େଙ୍କାନାଳ ପୋଲିସ। ହେଲେ, ଗଣମାଧ୍ୟମକୁ ଅଭିଯୁକ୍ତ ଯେଉଁ ବୟାନ ଦେଇଛି ତାହା ରହସ୍ୟକୁ ବଢ଼ାଇ ଦେଇଛି।

ଢ଼େଙ୍କାନାଳ ସଦର ଥାନା କଳାଙ୍ଗ ଫାସିଗାଁରୁ ଏହି ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ଫାର୍ମ ହାଉସ ମାଲିକ ଗୋବିନ୍ଦ ନାଏକଙ୍କୁ ଗୁଳି କରି ହତ୍ୟା କରାଯାଇଛି। ବଡ କଥା ହେଉଛି ଗୋବିନ୍ଦଙ୍କୁ ଆଉ କେହି ନୁହେଁ ତାଙ୍କ ନିଜ ଭିଣୋଇ ହିଁ ହତ୍ୟା କରିଛନ୍ତି। ଏକଥା ମାନିବା ପରେ ତାଙ୍କୁ ବାନ୍ଧିଛି ପୋଲିସ। ହେଲେ, ହତ୍ୟାକାଣ୍ଡର କାରଣ ନେଇ ଅଭିଯୁକ୍ତ ଯେଉଁ ବୟାନ ଦେଇଛି ତାହା ରହସ୍ୟକୁ ଆହୁରି ବଢ଼ାଇ ଦେଇଛି।

ରମେଶର ବୟାନ କୌଣସି ପୌରାଣିକ ଫିଲ୍ମର କାହାଣୀ ଭଳି ଲାଗୁଛି। କାରଣ ମୃତକ ଫାର୍ମ ହାଉସରେ ଶୋଇଥିବାବେଳେ କେହି ତାଙ୍କୁ ଗୁଳି କରିଛି ବୋଲି ପ୍ରଥମେ କୁହାଯାଉଥିଲା। ଗୋବିନ୍ଦଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ହସ୍ପିଟାଲକୁ ନିଆଯାଇଥିଲା। କିନ୍ତୁ ହସ୍ପିଟାଲରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇବା ପରେ ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଜାରି ରଖିଛି। ହତ୍ୟାକାଣ୍ଡ ପଛର କାରଣ କଣ ଖୋଜୁଛ। ତେବେ ଗୋବିନ୍ଦଙ୍କୁ ମାରିବା ପଛର ରହସ୍ୟ କଣ ତାର ସତ ସାମନାକୁ ଆଣିବା ପୋଲିସ ପାଇଁ ବଡ ଚ୍ୟାଲେଞ୍ଜ ହୋଇଛି।

## କଖାରୁ ହାଲୁଆ

ମିଠା ଜାତୀୟ ଖାଦ୍ୟ ପ୍ରାୟତଃ ସମସ୍ତେ ପସନ୍ଦ କରିଥାନ୍ତି। ତେବେ ବୋଇତି କଖାରୁ ଏକ ଏଭଳି ପରିବା ଯାହା ଦ୍ୱାରା ବିଭିନ୍ନ ବ୍ୟନ ପ୍ରସ୍ତୁତ କରିହେବ। ତାହେଲେ ଜାଣନ୍ତୁ ବୋଇତି କଖାରୁ କିପରି ହାଲୁଆ ପ୍ରସ୍ତୁତ କରିହେବ।

**ଆବଶ୍ୟକ ସାମଗ୍ରୀ:** ବୋଇତି କଖାରୁ: ୩କପ, କ୍ଷୀର: ୧କପ, ଘିଅ: ୧/୨ କପ, କାଜୁ-ପିସ୍ତାବାଦାମ: ୫୦ଗ୍ରାମ, ଅଳେଇଚ: ୪ଟି, ଚିନି : ୧କପ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଗ୍ୟାସ ଅନ୍ କରି କାଜୁ,ପିସ୍ତାବାଦାମକୁ ଅଳ୍ପ ଘିଅ ପକାଇ ଭାଜନ୍ତୁ। ବୋଇତି କଖାରୁକୁ କୋରି ଏକ ପାତ୍ରରେ ରଖନ୍ତୁ। ଗ୍ୟାସରେ ପ୍ରେସର କୁକୁର ନେଇ ସେଥିରେ ଘିଅ ଗରମ କରନ୍ତୁ। ଘିଅ ଗରମ ହେବା ପରେ ସେଥିରେ ବୋଇତି କଖାରୁ କୋରାକୁ ପକାଇ ୧୦ ମିନିଟ ଭାଜନ୍ତୁ। ସେଥିରୁ ଅଳ୍ପ ପାଣି ବାହାରିବାକୁ ଲାଗିଲେ ସେଥିରେ ୨କପ ପାଣି ଓ ଏକ କପ କ୍ଷୀର ଦେଇ ପ୍ରେସର କୁକର ବନ୍ଦ କରି ୨ଟି ହ୍ୱିସିଲ ହେବା ଯାଏଁ ଛାଡ଼ି ଦିଅନ୍ତୁ। ବୋଇତି କଖାରୁ ସିଝିଯିବା ପରେ ସେଥିରେ ଅଳେଇଚ ପକାନ୍ତୁ। ସେଥିରେ କାଜୁ,ପିସ୍ତାବାଦାମ ଓ ଚିନି ପକାଇ ଦିଅନ୍ତୁ। ବର୍ତ୍ତମାନ ବୋଇତି କଖାରୁ ମିଶ୍ରଣକୁ ଭଲ ଭାବେ ଭାଜନ୍ତୁ। ବୋଇତି କଖାରୁ ହାଲୁଆ ହେବା ପରେ ଗ୍ୟାସ ବନ୍ଦ କରି ଏକ ପାତ୍ରକୁ ବାହାର କରି ନିଅନ୍ତୁ। ପରିବାର ତଥା ଅତିଥିଙ୍କୁ ପରଷନ୍ତୁ।



**..... ପରଦା ଖବର ......**

# 'ଦେବଯାନୀର ସ୍ୱୟମ୍ବର'



୨୦୧୭ରେ ତରଙ୍ଗରେ ପ୍ରସାରିତ ହୋଇଥିଲା ରିଆଲିଟି ସୋ' 'ଜୀନାର ଜୀବନସାଥୀ'। ଏବେ ସେହି ଚେନେଲ୍ରେ ପ୍ରଦର୍ଶିତ ହେବାକୁ ଯାଉଛି 'ଦେବଯାନୀର ସ୍ୱୟମ୍ବର'। ତେବେ ଏହା ରିୟଲିଟି ସୋ' ନୁହେଁ, ଏକ ଟେଲିସିନେମା। ଏଥିରେ ଓଲିଉଡ୍ର ଜଣାଶୁଣା ନାୟିକା ଦେବଯାନୀଙ୍କୁ ଶୀର୍ଷକ ଭୂମିକାରେ ଦେଖିବାକୁ ମିଳିବ। ତେବେ କାହିଁକି ଦେବଯାନୀଙ୍କର ସ୍ୱୟମ୍ବର ହେଉଛି, ତାହା ଜାଣିବାକୁ ହେଲେ ଏହାର ପ୍ରସାରଣଯାଏ ଅପେକ୍ଷା କରିବାକୁ ପଡ଼ିବ। ଏହି ଟେଲିସିନେମାରେ ଦେବଯାନୀଙ୍କ ବିପକ୍ଷରେ ସ୍ୱୟଂସ୍ୱରୂପଙ୍କୁ ନାୟକ ଭୂମିକାରେ ଦେଖିବାକୁ ମିଳିବ। ଅନ୍ୟମାନଙ୍କ ମଧ୍ୟରେ ଶଙ୍କର ଓ କାଜଲ୍ ବି ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଛନ୍ତି।ମୃତ୍ୟୁଞ୍ଜୟ ସାହୁଙ୍କ ନିର୍ଦ୍ଦେଶିତ 'ଦେବଯାନୀର ସ୍ୱୟମ୍ବର'ର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ଲେଖିଛନ୍ତି ପ୍ରିୟବ୍ରତ ପଣ୍ଡାୟ ନିକଟରେ ଏହାର ସୁଟିଂ ଶେଷ ହୋଇଛି। 'ଦେବଯାନୀର ସ୍ୱୟମ୍ବର'ରେ ନିଜର ଭୂମିକାରେ ଭିନ୍ନତା ଥିବା ହେତୁ ଉତ୍ସାହିତ ଅଛନ୍ତି ବୋଲି କହିଛନ୍ତି ଦେବଯାନୀ।ଉଲ୍ଲେଖଯୋଗ୍ୟ, ଆଲବମ୍ ଜଗତରେ ସଫଳ ହେବାପରେ ୨୦୦୬ରେ ମୁକ୍ତିଲାଭ କରିଥିବା 'ଆଇ ଲଭ୍ ମାଇଁ ଇଣ୍ଡିଆ' ମାଧ୍ୟମରେ ଦେବଯାନୀ ବଡ଼ ପରଦାରେ ପଦାର୍ପଣ କରିଥିଲେ। ତେବେ ନାୟିକା ସାଜି ଓଡ଼ିଆ ଛବି 'ରଙ୍ଗିଲା ଟୋକା', 'ଅଜାତଶତ୍ରୁ', 'ଖାସ୍ ତୁମରି ପାଇଁ', 'ସୀତା' ଓ 'ଭଗିଆ ଭାରିଯା' ଆଦି ସିନେମାରେ ନଜର ଆସିଛନ୍ତି। ବିଶେଷକରି ହାସ୍ୟାଭିନେତା ପପୁ ପମ୍ପମ୍ଙ୍କ ବିପକ୍ଷରେ 'ରଙ୍ଗିଲା ଟୋକା'ରେ ନାୟିକା ଭୂମିକା ନିଭାଇ ବେଶ୍ ସଫଳତା ହାସଲ କରିଥିଲେ ଦେବଯାନୀ।

## ଫ୍ରିଜରେ ଚକଟା ଅଟା ରଖନ୍ତୁ ନାହିଁ



ପ୍ରାୟ ସମୟରେ ମହିଳାମାନେ ସମୟ ବଞ୍ଚାଇବା ପାଇଁ ଅଟା ଚକଟି ଫ୍ରିଜରେ ରଖି ଦିଅନ୍ତି। ଏହି ଅଭ୍ୟାସ ସ୍ୱାସ୍ଥ୍ୟ ପାଇଁ ଖୁବ ହାନିକାରକ ହୋଇଥାଏ। ବିଶେଷଜ୍ଞଙ୍କ ଅନୁସାରେ ଅଟା ଚକଟିବାର ସଙ୍ଗେ ସଙ୍ଗେ ହିଁ ଏହାକୁ ବ୍ୟବହାର କରିବା ଆବଶ୍ୟକ।

ଏହାକୁ ଫ୍ରିଜରେ ରଖିଲେ ଫ୍ରିଜର ହାନିକାରକ ଲାଇଟ୍ ଅଟାକୁ ଖରାପ କରିଥାଏ। ଯାହା ଆମ ଶରୀର ପାଇଁ ହାନିକାରକ ହୋଇଥାଏ।

ଆୟୁର୍ବେଦିକ ତଥ୍ୟ : ଏହି ବିଷୟରେ ଆର୍ୟୁବେଦିକ ତଥ୍ୟ ମଧ୍ୟ ଦିଆଯାଇଛି। ଫ୍ରିଜରେ ବାସି ଅଟା ରଖିବା ଅର୍ଥ ବାସି ରୁଟି ଖାଇବା ସଙ୍ଗେ ସମାନ ହୋଇଥାଏ। ସଙ୍ଗେ ସଙ୍ଗେ ଅଟା ଚକଟା ହୋଇ ତିଆରି ହୋଇଥିବା ରୁଟି ଏବଂ ଫ୍ରିଜରେ ରହିଥିବା ଅଟାର ରୁଟିରେ ଅଲଗା ସ୍ୱାଦ ବୋଲି ଆପଣ ମଧ୍ୟ ଅନୁଭବ କରିଥିବେ। ଧାର୍ମିକ କାରଣ ଶାସ୍ତ୍ରରେ କୁହାଯାଇଛି ଯେ, ବାସି ଖାଦ୍ୟ ଭୂତର ଖାଦ୍ୟ ସହ ସମାନ ହୋଇଥାଏ। ଯେତେବେଳେ ଘରେ ବଳି ଯାଇଥିବା ଅଟା ଆମେ ଫ୍ରିଜରେ ଆମେ ରଖିଥାଉ, ଭୂତମାନଙ୍କର ଏହା ଉପରେ ନଜର ପଡିଥାଏ। ଯେଉଁମାନଙ୍କ ଘରେ ଏହିପରି ଅଟା ଫ୍ରିଜରେ ରଖାଯାଇଥାଏ, ସେମାନଙ୍କ ଘରେ ସବୁ ବେଳେ କିଛି ନା କିଛି ପ୍ରକାରର ରୋଗ ଲାଗି ରହିଥାଏ।

## ଦକ୍ଷିଣ ଦିଗରେ ଭୁଲରେ ବି ରଖନ୍ତୁ ନାହିଁ ଏହି ଜିନିଷ ; ହୋଇଯିବେ କାଙ୍ଗାଳ

ବାସ୍ତୁଶାସ୍ତ୍ରରେ ଦିଗର ମହ□। ବର୍ଣ୍ଣନା କରାଯାଇଛି। ଘରେ ରଖାଯାଉଥିବା ପ୍ରତ୍ୟେକ ଜିନିଷ ବାସ୍ତୁ ଅନୁସାରେ ରଖିବା ଦ୍ୱାରା ଜୀବନରେ କଦାପି ସମସ୍ୟାର ସାମ୍ନା କରିବାକୁ ପଡି ନଥାଏ। ସେହିଭଳି ଘରେ ଦିଗ ପ୍ରତି ଧ୍ୟାନ ନଦେବା ଦ୍ୱାରା ଜୀବନରେ ନାନା ସମସ୍ୟାର ସାମ୍ନା କରିବାକୁ ପଡିଥାଏ। ଏକ ଛୋଟ୍ ଭୁଲ୍ ପାଇଁ ବ୍ୟକ୍ତି କାଙ୍ଗାଳ ମଧ୍ୟ ହୋଇ ଯାଆନ୍ତି। ଘରର ପ୍ରତ୍ୟେକ ଦିଗର କିଛି ନା କିଛି ଜିନିଷ ରଖିବାକୁ ବାରଣ କରାଯାଇଛି। ଏହାଦ୍ୱାରା ଅଶୁଭ ହୋଇଥାଏ। ଭୁଲରେ ମଧ୍ୟ ବାରଣ ହୋଇଥିବା ଜିନିଷକୁ ସେହି ଦିଗରେ ରଖନ୍ତୁ ନାହିଁ। ଜାଣନ୍ତୁ ଦକ୍ଷିଣ ଦିଗରେ କେଉଁ ଜିନିଷକୁ ରଖିବାକୁ ବାରଣ କରାଯାଇଛି। ଜ୍ୟୋତିଷ ଶାସ୍ତ୍ରରେ ଦକ୍ଷିଣ ଦିଗକୁ



ଯମ ଦେବତାଙ୍କ ଦିଗ ବୋଲି ମାନ୍ୟତା ରହିଛି। କୁହାଯାଏ ଦକ୍ଷିଣ ଦିଗରେ ଭୁଲରେ ମଧ୍ୟ ଜଳନ୍ତା ଦୀପ ରଖନ୍ତୁ ନାହ। ବାସ୍ତୁ ଅନୁସାରେ ଦକ୍ଷିଣ ଦିଗରେ ଜଳନ୍ତା ଦୀପ ରଖିବା ଦ୍ୱାରା ଅଶୁଭ ହୋଇଥାଏ। ଏହାଦ୍ୱାରା ବ୍ୟକ୍ତିଙ୍କୁ ଜୀବନରେ ଆର୍ଥିକ ସମସ୍ୟାର ସାମ୍ନା କରିବାକୁ ପଡିଥାଏ। ଏଭଳି କି ବ୍ୟକ୍ତି ଧିରେ ଧିରେ କାଙ୍ଗାଳ ହୋଇଯାଏ। ଘରୁ ସୁଖଶାନ୍ତି ଦୂର ହୋଇଯାଏ।ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଘରେ ଜଳନ୍ତା ଦୀପ ସର୍ବଦା ଉତ୍ତର ଦିଗରେ ରଖିବା ଆବଶ୍ୟକ। ଏହି ଦିଗରେ ଦୀପ ରଖିବା ଶୁଭଙ୍କର। କୁହାଯାଏ ଏହାଦ୍ୱାରା ମା'ଲକ୍ଷ୍ମୀ ଓ ଭଗବାନ କୁବେରଙ୍କ ଆଶୀର୍ବାଦ ପ୍ରାପ୍ତି ହୋଇଥାଏ ଯ ଯାଦ୍ୱାରା ବ୍ୟକ୍ତି ବିଶେଷଙ୍କୁ ଧନ ପ୍ରାପ୍ତି ହୋଇଥାଏ। କଦାପି ଟଙ୍କାର ଅଭାବ ହୋଇନଥାଏ।ଏହାସହ ଘରର ଦକ୍ଷିଣ ଦିଗରେ ଭୁଲରେ ମଧ୍ୟ ତୁଳସୀ ବୃକ୍ଷ ରଖନ୍ତୁ ନାହିଁ। ଏହାଦ୍ୱାରା ମଧ୍ୟ ଘରୁ ସୁଖସମୃଦ୍ଧି ଦୂର ହୋଇଯାଏ।

# କେମିତି ବ୍ୟବହାର କରିବେ ଫେସ୍ ପାଉଡର୍ ?

ବ୍ୟୁଟିସିଆନ୍ ମେକ୍ଅପ୍ କରିବା ସମୟରେ ପ୍ରାଇମର୍, କନ୍ସିଲର୍ ପରେ ପାଉଡର୍ ଲଗାଇଥାଆନ୍ତି। ପାଉଡର୍ର ବ୍ୟବହାର ମେକ୍ଅପ୍କୁ କିଛି ଘଣ୍ଟା ପର୍ଯ୍ୟନ୍ତ ସିଲ୍ କରି ଅତ୍ୟଧିକ ଗ୍ଲୋଇଙ୍ଗ୍ ଇଫେକ୍ଟ ଦିଏ, ସେହିଭଳି ଫାଉଣ୍ଡେସନ୍ର ଫାଇନାଲ୍ ଟଚ୍ ମେକ୍ଅପ୍କୁ ଫିନିଶ୍ ଦେବାରେ ସହାୟକ। କିନ୍ତୁ ଆମେ ଜାଣତରେ ହେଉ ବା ଅଜାଣତରେ ଏହାକୁ ନେଇ ଭୁଲ୍ କରିବସୁ। ଯେଉଁ କାରଣରୁ ଲୁକ୍ ପୁରା ଖରାପ ହୋଇଯାଏ। ଫେସ୍ ପାଉଡର୍କୁ କିଭଳି ବ୍ୟବହାର କରିବା ଦରକାର ତାହା ଜାଣିଯିବା ଉଚିତ୍।



- ମେକ୍ଅପ୍ ସେତେବେଳେ ଭଲ ଦିଶିବ ଯେତେବେଳେ ଏହାକୁ ଭଲ ଭାବେ ଆପ୍ଲାଏ କରାଯିବ। ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ ହେଉଛି ସଠିକ୍ ମେକ୍ଅପ୍ ଟୁଲ୍ସ। ଏହା ଫେସ୍ ପାଉଡର୍ ସହ ଥାଏ। ଯଦି ଆପଣଙ୍କ ସ୍କିନ୍ ତୈଳାକ୍ତ ହୋଇଥାଏ ତେବେ ପାଉଡର୍ ପଫ୍ ବ୍ୟବହାର କରନ୍ତୁ, ଅତ୍ୟଧିକ ତୈଳାକ୍ତ ଶୁଖି ମ୍ୟାଟ୍ ଫିନିଶ୍ ଲୁକ୍ ଦେଇପାରିବ। ସାଧାରଣ କିମ୍ବା ରୁକ୍ଷ ତ୍ୱଚା ହୋଇଥିଲେ ପାଉଡର୍ ବ୍ରଶ୍ ବ୍ୟବହାର କରାଯାଇପାରେ।
- ପ୍ରଡକ୍ଟ କିଣିବା ସମୟରେ ସ୍କିନ୍ଟୋନ୍ ଯଥେଷ୍ଟ ନୁହେଁ। ଏଥିପାଇଁ ସ୍କିନ୍ ଟାଇପ୍କୁ ଧ୍ୟାନରେ ରଖିବା ଜରୁରୀ। ଯଦି ଆପଣଙ୍କ ତ୍ୱଚା ତୈଳାକ୍ତ ହୋଇଥାଏ ତେବେ ଫେସ୍ ପାଉଡର୍ ଏଭଳି ବାଛନ୍ତୁ ଯେଉଁଥିରେ କେବଳ ଟ୍ୟାଲ୍କମ୍ ଥିବ। କାରଣ ଏହା ଚେହେରାରୁ ତୈଳାକ୍ତକୁ ପୋଛି ପରଫେକ୍ଟ ଫିନିଶ୍ ଦେବ। ସେହିଭଳି ଶୁଷ୍କ ତ୍ୱଚା ଥିଲେ ହାଇଡ୍ରୋନିକ୍ ଏସିଡ୍ ଓ ହାଇଡ୍ରେଟିଙ୍ଗ୍ ପ୍ରପର୍ଟି ଥିବା ଫେସ୍ ପାଉଡର୍ ବାହାର କରନ୍ତୁ।
- ମାର୍କେଟ୍ରୁ ଫାଉଣ୍ଡେସନ୍ କିଣନ୍ତୁ ବା କନ୍ସିଲର୍ କିମ୍ବା ଫେସ୍ ପାଉଡର୍, ତିନିଟି ମଧ୍ୟରେ ଗୋଟିଏ ହି ଫର୍ମୂଲା ଆପଣାନ୍ତୁ। ତ୍ୱଚା ଅନୁସାରେ ଏକ ସେଡ୍ ଲାଇଟ୍ ପାଉଡର୍ କିଣନ୍ତୁ।
- ଫେସ୍ ପାଉଡର୍ କେବଳ ତ୍ୱଚା ଓ ବେକର ଆଖପାଖରେ ଲଗାଯାଏ ତା ନୁହେଁ। ପାଉଡର୍ ସବୁବେଳେ ମଥା, ନାକ ଓ ଚିବୁକ ଉପରେ ଲଗାନ୍ତୁ। କାରଣ ତ୍ୱଚାର ଏହି ଭାଗ ହିଁ ସବୁବେଳେ ଅଧିକ ତୈଳାକ୍ତ ଜଣାପଡ଼େ। ମଥାରେ ଲଗାଇବା ସମୟରେ ପାଉଡର୍ ଯେପରି କେଶ ଆଡ଼କୁ ନଯାଏ ସେଥିପ୍ରତି ଧ୍ୟାନ ଦେବେ। ନଚେତ୍ ଆପଣଙ୍କ କେଶ ବିନ୍ୟାସ ମଧ୍ୟ ବିଗିଡ଼ିଯିବ ଓ ପାଉଡର୍ ଲିଭାଇବା ବି ମୁସ୍କିଲ ହେବ।
- ମେକ୍ଅପ୍ କରିବା ପୂର୍ବରୁ ତ୍ୱଚାକୁ ମଶ୍ଚରାଇଜ୍ କରିବା ଦରକାର। ଏଥିସହ ମେକ୍ଅପ୍ ପାଇଁ ନରମ ଆବରଣ ପ୍ରସ୍ତୁତ କରନ୍ତୁ। ଫେସ୍ ପାଉଡର୍କୁ ପରଫେକ୍ଟ ଫିନିଶ୍ ଦେବା ପାଇଁ ଏହା ବ୍ୟବହାର କରିବା ଜରୁରୀ। ଏହାଦ୍ୱାରା ମେକ୍ଅପ୍ ଅଧିକ ସମୟ ପର୍ଯ୍ୟନ୍ତ ସତେଜ ରହିବ।
- କୌଣସି ବି ପ୍ରଡ଼କ୍ଟକୁ ଦରକାର ଠାରୁ ଅଧିକ ବ୍ୟବହାର କରନ୍ତୁ ନାହିଁ। ଏହା ମଧ୍ୟ ଫେସ୍ ପାଉଡର୍ ପାଇଁ ଦରକାର। ଅଧିକ ମାତ୍ରାରେ ଲଗାଇବା ବଦଳରେ ଏହାର ଗୋଟିଏ ମାତ୍ର କୋଟ୍ ଲଗାଇ ଶେଷରେ ଅତ୍ୟଧିକ ପାଉଡର୍କୁ ବ୍ରଶ୍ରେ ହଟାନ୍ତୁ।

## ଘର ପାଇଁ ବାସ୍ତୁ କାହିଁକି ଜରୁରୀ

ଘରର ବାତାବରଣ ସୁବବେଳେ କିପରି ସୁସ୍ଥ ରହିବ ତା' ପାଇଁ କିଛି ନିର୍ଦ୍ଦିଷ୍ଟ ନିୟମ ମାନିବାକୁ ପଡ଼ିଥାଏ। କିନ୍ତୁ ହାଠାତ ଯେତେବେଳେ ଘରେ



କେଯଣସି କାରଣ ନଥାଇ କଳହ ଏବଂ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇଥାଏ ସେତେବେଳେ ଏହା ଚିନ୍ତାର ବିଷୟ ପାଲଟିଥାଏ।

ଯେତେ ଧନ ଉପାର୍ଜନ କଲେବି କେଉଁଆଡ଼େ ଆସି କେଉଁଆଡ଼େ ଚାଲିଯାଏ, ତାହା ଜଣାପଡ଼େ ନାହିଁ। କିନ୍ତୁ ବାସ୍ତୁଶାସ୍ତ୍ରବିତଙ୍କ ମତରେ ଘରର ସକରାତ୍ମକ ଏବଂ ନକରାତ୍ମକ ଉଭୟ ମାହୋଲ ପାଇଁ ଘରର ଗୃହିଣୀ ମାନଙ୍କ ଅବଦାନ ବହୁତ ବେଶୀ। ଗୃହିଣୀ କରୁଥିବା ନିଜସ୍ୱ କର୍ମ ଉପରେ ମଧ୍ୟ ଘରର ମାହୋଲ ନିର୍ଭର କରିଥାଏ।

ଗୃହିଣୀ ସୂର୍ଯ୍ୟାଦୟ ପୂର୍ବରୁ ବିଛଣା ଛାଡ଼ିବା ଉଚିତ। ବିଛଣା ଛାଡ଼ିବା ପରେ ସ୍ନାନ କରିବା ସହିତ ଘର ସଫା କରିବା ଉଚିତ। କିନ୍ତୁ ସୂର୍ଯ୍ୟାଦୟ ପରେ ଯଦି ଏସବୁ କାମକୁ କରାଯାଏ ଘର ମଧ୍ୟରେ ନକରାତ୍ମକ ଶକ୍ତି ପ୍ରବେଶ କରିଥାଏ।

ସ୍ନାନ କରିବା ପରେ ଘରର ଗୃହିଣୀ ରୋଷେଇ ଘରକୁ ପ୍ରବେଶ କରି ରୋଷେଇ ଆରମ୍ଭ କରିବା ଉଚିତ। ଆମେ ନିତିଦିନଆ ଖାଦ୍ୟ ତିଆରି କରି ସାରିଲା ପରେ ସବୁଦିନ ସେହି ଖାଦ୍ୟକୁ ଭଗବାନଙ୍କ ପାଖରେ ଅର୍ପଣ କରିବା ଉଚିତ। ଏହାଦ୍ୱାରା ଘରେ ସବୁବେଳେ ସୁଖଶାନ୍ତି ବଜାୟ ରହିଥାଏ।

ଉହିଳାମାନେ ସାଧାରଣତଃ ସୂର୍ଯ୍ୟାସ୍ତ ପରେ କେଶ କୁଣ୍ଡାଇବା କଥା ନୁହେଁ। ଏମିତି କଲେ ମା' ଲକ୍ଷ୍ମୀ ଅସନ୍ତୁଷ୍ଟ ହୋଇଥାନ୍ତି। ଘରର ଧାନଧାନ୍ୟ ବୃଦ୍ଧି ହେବାର ବାଧା ସୃଷ୍ଟି ହୋଇଥାଏ।

ଘରର ମହିଳାମାନେ ଯେତେ ଖୁସିରେ ରହିବେ ଘରର ମାହୋଲ ଏବଂ ବାତାବରଣ ମଧ୍ୟ ସେତେ ଅଧିକ ଭଲ ରହିବ। ଯେଉଁ ଘରର ମହିଳ । ସଦସ୍ୟ ମାନେ ଯେତେ ଅଧିକ ଝଗଡ଼ା ଏବଂ ପାଟିତୁଣ୍ଡ କରିଥାନ୍ତି ଏହା ଘରର ମାହୋଲକୁ ବିଗାଡ଼ିକା ସହିତ ଏକ ନକରାତ୍ମକ ବାତାବରଣ ଘରେ ସୃଷ୍ଟି କରିଥାଏ।

# ଏମ୍ସରେ ଲିଭର ଟ୍ରାନ୍ସପ୍ଲାଣ୍ଟେସନ୍ କ୍ଲିନିକ୍ ଉଦଘାଟିତ

**ଭୁବନେଶ୍ୱର,୨୩।୨ (ମହାଭାରତ):** ଯକୃତ(ଲିଭର) ପ୍ରତିରୋପଣ ସେବା ପ୍ରତିଷ୍ଠା କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସୂପ, ଏମ୍ସ ଭୁବନେଶ୍ୱରରେ ଏକ ଉତ୍ସର୍ଗୀକୃତ ଯକୃତ ପ୍ରତିରୋପଣ କ୍ଲିନିକ୍ ଉଦଘାଟିତ ହୋଇଯାଇଛି। ଏହା ଉନ୍ନତ ଯକୃତ ଯତ୍ନ କ୍ଷେତ୍ରରେ ଏକ ବିଶେଷ ସଂଭାବନା ସୃଷ୍ଟି କରିଛି। ଏହି ପଦକ୍ଷେପ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ଏବଂ ଓଡ଼ିଶା ତଥା ବାହାର ରାଜ୍ୟର ଯକୃତ ପ୍ରତିରୋପଣର ବର୍ଦ୍ଧିତ ଆବଶ୍ୟକତାକୁ ସମାଧାନ କରିବା ପ୍ରତି ପ୍ରତିଷ୍ଠାନର ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଛି।

କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଏବଂ ମେଡିକାଲ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡାଙ୍କ ଉପସ୍ଥିତିରେ ଏମ୍ସ ଭୁବନେଶ୍ୱରର ଅଧକ୍ଷ ଡ. ଶୈଳେଶ କୁମାର ଏହି କ୍ଲିନିକ୍ ଉଦଘାଟନ କରିଥିଲେ। ଏହି ବିଶେଷଜ୍ଞ କ୍ଲିନିକ୍ ଯକୃତ ଯତ୍ନ ପାଇଁ ଏକ ସଂରଚିତ ଏବଂ ବହୁବିଧ ଦୃଷ୍ଟିକୋଣ ସୁନିଶ୍ଚିତ କରି ଯକୃତ ପ୍ରତିରୋପଣ ଆବଶ୍ୟକ କରୁଥିବା ରୋଗୀଙ୍କ ମୂଲ୍ୟାଙ୍କନ, ତାଲିକାଭୁକ୍ତକରଣ ଏବଂ ଅସ୍ତ୍ରୋପଚାରର ପୂର୍ବର ବିଭିନ୍ନ ଆବଶ୍ୟକତା




ପୂରଣ ଦିଗରେ ବିଶେଷ ସହାୟକ ହେବ।

ଏମସ୍ ଭୁବନେଶ୍ୱର ଯକୃତ ପ୍ରତିରୋପଣ ସେବା ଆରମ୍ଭ କରିବା ପାଇଁ ପ୍ରସ୍ତୁତ ହେଉଥିବାରୁ, ଅନ୍ତିମ ପର୍ଯ୍ୟାୟରେ ଉପନୀତ ଯକୃତ ପୀଡ଼ିତ ରୋଗୀଙ୍କ ମୂଲ୍ୟାଙ୍କନ ଏବଂ ତାଲିକାଭୁକ୍ତ କରିବା ପାଇଁ ଏକ ଉତ୍ସର୍ଗୀକୃତ କ୍ଲିନିକ୍ ର ଆବଶ୍ୟକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ପଦକ୍ଷେପ ଯକୃତ ଯତ୍ନରେ ଥିବା ବ୍ୟବଧାନକୁ ପୂରଣ କରିବ ଏବଂ ଅଗଣିତ ରୋଗୀଙ୍କ ପାଇଁ ଆଶାର କିରଣ ପ୍ରଦାନ କରିବା ନେଇ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡକ୍ଟର ଆଶୁତୋଷ ବିଶ୍ୱାସ କହିଛନ୍ତି। ଯକୃତ ପ୍ରତିରୋପଣ କ୍ଲିନିକ୍ ସର୍ଜିକାଲ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି, ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି, ଶିଶୁ ଶଲ୍ୟଚିକିତ୍ସା ଏବଂ ଶିଶୁ ରୋଗ ବିଭାଗ ଦ୍ୱାରା ମିଳିତ ଭାବରେ ପରିଚାଳିତ ହେବ। ଜଣେ ଉତ୍ସର୍ଗୀକୃତ ଯକୃତ ପ୍ରତିରୋପଣ ସଂଯୋଜକ ଏବଂ ପୁଷ୍ଟିସାଧନ ବିଶେଷଜ୍ଞ ମଧ୍ୟ କ୍ଲିନିକ୍ ସହିତ ସାମିଲ ହୋଇ, ରୋଗୀ ଏବଂ ସେମାନଙ୍କ ପରିବାର ପାଇଁ ସାମଗ୍ରିକ ଯତ୍ନ ସୁନିଶ୍ଚିତ କରିବେ। ଏହି କ୍ଲିନିକ୍ ଓଡ଼ିଶା ଏବଂ ପଡ଼ୋଶୀ ରାଜ୍ୟର ରୋଗୀମାନଙ୍କୁ ସେବା ଯୋଗାଇବ, ବ୍ୟାପକ ମୂଲ୍ୟାଙ୍କନ ଏବଂ ଚିକିତ୍ସା ପ୍ରଦାନ କରିବ। ଏହାର ପ୍ରାଥମିକ କାର୍ଯ୍ୟ ମଧ୍ୟରେ ଯକୃତ ପ୍ରତିରୋପଣ ପାଇଁ ରୋଗୀଙ୍କ ମୂଲ୍ୟାଙ୍କନ, ପ୍ରତିରୋପଣ ପାଇଁ ରୋଗୀଙ୍କ ତାଲିକାଭୁକ୍ତ କରିବା, ଦାତା ଏବଂ ଗ୍ରହଣକାରୀ ଉଭୟଙ୍କ ପାଇଁ ପୂର୍ବ ଅସ୍ତ୍ରୋପଚାର ପ୍ରସ୍ତୁତି, ପୁଷ୍ଟିକର ଏବଂ ପ୍ରତିରୋପଣ ପରାମର୍ଶ, ଏବଂ ଯକୃତ ପ୍ରତିରୋପଣର ବିପଦ ଏବଂ ଲାଭ ବିଷୟରେ ସୂଚନା ପ୍ରଦାନ କରିବ। ଏହି ସ୍ୱତନ୍ତ୍ର କ୍ଲିନିକ୍ ପ୍ରତି ମଙ୍ଗଳବାର ଦିନ ୨:୩୦ ରୁ ୪:୩୦ ପର୍ଯ୍ୟନ୍ତ ଗ୍ୟାଷ୍ଟ୍ରୋ ଓପିଡି କମ୍ପ୍ଲେକ୍ସର କୋଠରୀ ନମ୍ବର ୨୨୨ ରେ କାର୍ଯ୍ୟ କରିବ। ଏହି କାର୍ଯ୍ୟକ୍ରମରେ ଡ. ମାନସ ପାଣିଗ୍ରାହୀ (ବିଭାଗୀୟ ମୁଖ୍ୟ, ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି), ଡ. ବ୍ରହ୍ମଦତ୍ତ ପଟ୍ଟନାୟକ (ବିଭାଗୀୟ ମୁଖ୍ୟ, ସର୍ଜିକାଲ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି), ଡ. ସଞ୍ଜୟ ଗିରି (ବିଭାଗୀୟ ମୁଖ୍ୟ, ବର୍ଣ୍ଣସ ଏଣ୍ଡ ପ୍ଲାଷ୍ଟିକ ସର୍ଜରୀ), ଡ. ସୁବ୍ରତ ସାହୁ (ଶିଶୁ ଶଲ୍ୟଚିକିତ୍ସା), ଡ. ତାରାପ୍ରସାଦ ତ୍ରିପାଠୀ ଏବଂ ଡ. ରଞ୍ଜନ ପଟେଲ (ରେଡିଓଲୋଜି) ସମେତ ଅଧ୍ୟାପକ ଅଧ୍ୟାପିକା, ନର୍ସିଂ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ମଧ୍ୟାହ୍ନ ଭୋଜନ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ

**ଭୁବନେଶ୍ୱର,୨୩।୨ (ମହାଭାରତ):** ଲକ୍ଷ୍ମୀସାଗର ସରକାରୀ ଉଚ୍ଚ ବିଦ୍ୟାଳୟର ନୂତନ ମଧ୍ୟାହ୍ନ ଭୋଜନ ଗୃହ ଏବଂ ସଭାଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ଏହି ଅବସରରେ ସେ କହିଛନ୍ତି ଯେ, ଯାହା ବିଦ୍ୟାଳୟର ଭିତ୍ତିଭୂମିକୁ ସୁଦୃଢ଼ କରିବ। ଏହି ସମୟରେ ପରିବେଶ ସୁରକ୍ଷାର ବାର୍ତ୍ତା ନେଇ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରିଛି। ଆଗାମୀ ଦିନରେ ଏହି ବିଦ୍ୟାଳୟକୁ ସୁନ୍ଦର କରିବା ଆମର ଲକ୍ଷ୍ୟ ହେବ। କେବଳ ଏହି ବିଦ୍ୟାଳୟ ନୁହେଁ ଓଡ଼ିଶାର ସମସ୍ତ ବିଦ୍ୟାଳୟ ଗସ୍ତ କରି ତାର ସ୍ଥିତି ପରଖାଯିବ। ପିଲାଙ୍କ ଶିକ୍ଷାଦାନକୁ ନେଇ କୌଣସି ଅବହେଳା ଗ୍ରହଣୀୟ ନୁହେଁ। ତେଣୁ ସମସ୍ତ ପ୍ରକାରର ସୁବିଧା ଏବଂ ଯୋଜନା ଠିକ୍ ଭାବରେ କାର୍ଯ୍ୟକାରୀ ହେବ।

## କାଶୀ ବିଶ୍ୱନାଥଙ୍କ ଦର୍ଶନ କଲେ ଡ.ମୁକେଶ ମହାଲିଙ୍ଗ

**ଭୁବନେଶ୍ୱର,୨୩।୨ (ମହାଭାରତ):** କାଶୀ ବିଶ୍ୱନାଥଙ୍କ ଦର୍ଶନ କଲେ ଡ.ମୁକେଶ ମହାଲିଙ୍ଗ। ଏହି ପବିତ୍ର କାଶୀ ସହରରେ ସେ ବାବା ବିଶ୍ୱନାଥଙ୍କ ଦର୍ଶନ ଲାଭ କରି ବିଶ୍ୱବାସୀଙ୍କ ମଙ୍ଗଳ କାମନା କରିଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଛନ୍ତି ଯେ, ସଂସ୍କୃତି, ଆସ୍ଥା ଏବଂ ଉନ୍ନତିର ସହର ହେଉଛି ବାରାଣସୀ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କ ନେତୃତ୍ୱରେ ବିକଶିତ ହେଉଥିବା ଏହି ଐତିହାସିକ ସହରର ସଂସ୍କୃତି ଓ ଐତିହ୍ୟ ସହ ଜଡ଼ିତ ହେବାର ସୌଭାଗ୍ୟ ଲାଭ କଲି। ଏହି ଆଧାତ୍ମିକ ଯାତ୍ରାରେ ମୋ ସହ ଭଟଲିର ମାନ୍ୟବର ବିଧାୟକ ଶ୍ରୀ ଇରାଶିସ ଆଚାର୍ଯ୍ୟ ଉପସ୍ଥିତ ଥିଲେ।

# ନାନୋମେଡିସିନର ବିକାଶ ଉପରେ ସମ୍ମିଳନୀ

**ଭୁବନେଶ୍ୱର,୨୩।୨ (ମହାଭାରତ):** କିଟ୍ ବିଶ୍ୱବିଦ୍ୟାଳୟରେ ନାନୋମେଡିସିନର ସଦ୍ୟତମ ବିକାଶ ଉପରେ ଦୁଇ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ଏହି ସମ୍ମିଳନୀରେ ବହୁ ଗବେଷକ, ଛାତ୍ର, ଚିକିତ୍ସା ବୃତ୍ତିଧାରୀ, ସମାଜବିଜ୍ଞାନୀ ଏବଂ ଷ୍ଟାର୍ଟଅପ୍ ସମେତ ୫୦୦ରୁ ଅଧିକ ପ୍ରତିନିଧି ଯୋଗ ଦେଇଥିଲେ। ଆମେରିକା, ସ୍ୱିଜରଲ୍ୟାଣ୍ଡ, ସ୍ପେନ୍, ଭାରତ, ଜର୍ମାନୀ, ଆର୍ଜେଣ୍ଟିନା, ଫ୍ରାନ୍ସ, ଆୟାର୍ଲାଣ୍ଡ ଏବଂ ଅଷ୍ଟ୍ରେଲିଆର ବିଶିଷ୍ଟ ବକ୍ତାମାନେ ନାନୋଟେକ୍ନୋଲୋଜି-ଆଧାରିତ ଡାଇଗ୍ନୋଷ୍ଟିକ୍ସ, ଇମେଜିଂ ଏବଂ ଥେରାପୁଟିକ୍ସରେ ସଦ୍ୟତମ ବିକାଶ ବିଷୟରେ ଆଲୋକପାତ କରିଥିଲେ।

ପ୍ରେସିସିନ୍ ନାନୋମେଡିସିନ୍ ଜର୍ନାଲ୍ (ୟୁଏସ୍ଏ), ସ୍କୁଲ୍ ଅଫ୍ ବାୟୋଟେକ୍ନୋଲୋଜି ଏବଂ କିମସ ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଏହା ଭାରତ ସରକାରଙ୍କ ପ୍ରମୁଖ ବୈଜ୍ଞାନିକ ପରାମର୍ଶଦାତାଙ୍କ କାର୍ଯ୍ୟାଳୟର ଏକ ପ୍ରୟାସ - ଭୁବନେଶ୍ୱର ସିଟି ନଲେଜ୍ ଇନୋଭେସନ୍ କ୍ଲଷ୍ଟର ମିଳିତ ସହଯୋଗରେ ଆୟୋଜନ କରାଯାଇଥିଲା।




ଆଲୋଚନାରେ ଅଂଶଗ୍ରହଣ କରି ବୈଜ୍ଞାନିକ ଏବଂ ଉଦ୍ୟୋଗୀ ଉଦ୍ଭାବନ କିପରି ସୁଲଭ, ସ୍କେଲେବଲ୍ ଏବଂ ସ୍ଥାୟୀ ସ୍ୱାସ୍ଥ୍ୟସେବା ସମାଧାନ ଆଡ଼କୁ ନେଇପାରିବ ତାହା ଉପରେ ଅତିଥିମାନେ ମତ ବ୍ୟକ୍ତ କରିଥିଲେ। ସମଗ୍ର ଭାରତରୁ ଛାତ୍ରଛାତ୍ରୀମାନେ ଏଥିରେ ସକ୍ରିୟ ଭାବରେ ଅଂଶଗ୍ରହଣ କରି ପୋଷ୍ଟର ଉପସ୍ଥାପନ ସହ ସେମାନଙ୍କ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ମନୋନୀତ ପ୍ରକଳ୍ପଗୁଡ଼ିକୁ ଅଧିକ ବିକାଶ ପାଇଁ କିଟ ଟିବିଆଇରେ ପ୍ରଦର୍ଶିତ କରାଯିବ। କିଟ ବିଶ୍ୱବିଦ୍ୟାଳୟ ଏବଂ ବିସିକେଆଇସି ଏପରି ପଦକ୍ଷେପ ମାଧ୍ୟମରେ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଇକୋସିଷ୍ଟମରେ ଉତ୍କର୍ଷତା ବୃଦ୍ଧି କରିବା ପାଇଁ ସେମାନଙ୍କର ପ୍ରତିବଦ୍ଧତା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏହି ସମ୍ମିଳନୀକୁ ସ୍ୱିଜରଲ୍ୟାଣ୍ଡର ୟୁନିଭର୍ସିଟି ହସ୍ପିଟାଲ ବାସେଲର ଇଂଟରନ୍ୟାସନାଲ ସୋସାଇଟି ଫର ନାନୋମେଡିସିନର ସଭାପତି ପ୍ରଫେସର ପାଟ୍ରିକ୍ ହୁଞ୍ଜିକର ଏବଂ ଆମେରିକାର ପ୍ରିସିସନ୍ ନାନୋମେଡିସିନର ମୁଖ୍ୟ ସଂପାଦକ ପ୍ରଫେସର ଲାଜୋସ୍ ପି. ବାଲୋଘ୍ ଉଦଘାଟନ କରିଥିଲେ। କିଟ ବିଶ୍ୱବିଦ୍ୟାଳୟର ଗବେଷଣା ଏବଂ ନବସୃଜନ ନିର୍ଦ୍ଦେଶକ ଏବଂ କିଟ ଟେକ୍ନୋଲୋଜି ବିଜିନେସ ଇନକ୍ୟୁବେଟରର ସିଇଓ ପ୍ରଫେସର ମୃତ୍ୟୁଞ୍ଜୟ ସୁଆର ସ୍ୱାଗତ ଭାଷଣ ଦେଇଥିବା ବେଳେ ବିସିକେଆଇସିର ସିଇଓ ଡ ନମ୍ରତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱ ମାତୃଭାଷା ଦିବସ ପାଳିତ



**ଭୁବନେଶ୍ୱର,୨୩।୨ (ମହାଭାରତ):** ବିଶ୍ୱରେ ୭୦୦୦ ରୁ ଊର୍ଦ୍ଧ୍ୱ ଭାଷା ରହିଥିବା ବେଳେ ତନ୍ମଧ୍ୟରୁ ଅନେକ ଲୋପ ପାଇବାକୁ ବସିଲାଣି। ଓଡ଼ିଆ ଏକ ସମୃଦ୍ଧ ତଥା ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଛି। ତେବେ ଆମେ ଆମ ମାତୃଭାଷାକୁ ଅଧିକ ସମୃଦ୍ଧ ଓ ବଂଚାଇ ରଖିବା ପାଇଁ ନିଜ ଠାରୁ ହିଁ ପ୍ରୟାସ ଆରମ୍ଭ କରିବା ଜରୁରୀ। କାରଣ ନିଜଠାରୁ ଆରମ୍ଭ ହୋଇଥିବା କାର୍ଯ୍ୟ ଦୀର୍ଘସ୍ଥାୟୀ ହୋଇଥାଏ ବୋଲି କହିଛନ୍ତି ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ପ୍ରାଚୀନ୍‌ର ମୁଖ୍ୟ ତଥା ବିଶିଷ୍ଟ ସାହିତ୍ୟିକା ପ୍ରଫେସର ଗାୟତ୍ରୀବାଳା ପଣ୍ଡା।

ସୋଆରେ ବିଶ୍ୱ ମାତୃଭାଷା ଦିବସର ରଜତ ଜୟନ୍ତୀ ପାଳନ ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସ୍ୱାଗତ ଅଭିଭାଷଣ ଦେବା ପରିପ୍ରେକ୍ଷୀରେ ପ୍ରଫେସର ପଣ୍ଡା କହିଥିଲେ ଯେ ଓଡ଼ିଆ ଭାଷାକୁ ବଂଚାଇବା ସହ ପ୍ରତ୍ୟେକ ପରିବାର ତଥା ସାମାଜିକ ସ୍ତରରେ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି। ପିଲାମାନଙ୍କୁ ନିଜ ମାତୃଭାଷା ପ୍ରତି ଆକୃଷ୍ଟ କରାଇବା ଜରୁରୀ ବୋଲି ପ୍ରଫେସର ପଣ୍ଡା କହିଛନ୍ତି।

କାର୍ଯ୍ୟକ୍ରମରେ ବିଶିଷ୍ଟ ଐତିହାସିକ ଡକ୍ଟର ନିବେଦିତା ମହାନ୍ତି 'ଓଡ଼ିଆ ଜାତି ନିର୍ମାଣରେ ଭାଷାର ଭୂମିକା' ପ୍ରସଙ୍ଗରେ ଆଲୋଚନା କରି ବ୍ୟାସକବି ଫକୀରମୋହନ ସେନାପତିଙ୍କ 'ରେବତୀ' ଗଳ୍ପକୁ ଉଦ୍ଧୃତ କରି ଆଜି ବି ସମାଜରେ ଜଣେ ଜଣେ ରେବତୀ ବଂଚିଛନ୍ତି ବୋଲି କହିଥିଲେ। ଫକୀରମୋହନଙ୍କ ସମୟରେ ନାରୀମାନଙ୍କୁ ନେଇ ଅନେକ କୁସଂସ୍କାର ଓ ଅନ୍ଧବିଶ୍ୱାସ ରହିଥିବା ବେଳେ ଏହାକୁ ଅନୁଭବ କରି ନିଜ ରଚନାରେ ସେ ଏହା ଉପରେ ମନ୍ତବ୍ୟ ରଖିଥିଲେ।

ଏହି ଅବସରରେ ବିଶିଷ୍ଟ କବୟିତ୍ରୀ ଡକ୍ଟର ଅପର୍ଣ୍ଣା ମହାନ୍ତି ମାତୃଭାଷାକୁ ମା' ସହ ଜଡ଼ିତ କରି ଓଡ଼ିଆ ଭାଷାକୁ ସମୃଦ୍ଧ କରିବା ଦିଗରେ ମା' ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ।

କାର୍ଯ୍ୟକ୍ରମରେ ରମାଦେବୀ ମହିଳା ବିଦ୍ୟାଳୟର ରାଜନୀତି ବିଜ୍ଞାନର ଅବସରପ୍ରାପ୍ତ ପ୍ରଫେସର ଡକ୍ଟର ମାନସ ବେହେରା 'ଓଡ଼ିଆ ଭାଷାର ପ୍ରାୟୋଜିତ ସମ୍ଭାବନା: ଇତିହାସ ପୃଷ୍ଠଭୂମିରେ' ପ୍ରସଙ୍ଗରେ ଆଲୋଚନା କରିଥିଲେ। ଓଡ଼ିଆ ଭାଷାକୁ ସବୁସ୍ତରରେ ପ୍ରଚଳିତ କରିବା ପାଇଁ ସରକାରୀ ସ୍ତରରେ ପ୍ରଚେଷ୍ଟା ହେବା ଜରୁରୀ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଶେଷରେ ସାରୋଳଦାସ ମହାଭାରଥର ସମ୍ପାଦକ ପ୍ରଫେସର ଗୌରାଙ୍ଗ ଚରଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାଚୀନ୍‌ର ଆନ୍‌ଥ୍ରୋପୋଲଜି ଓ ଟ୍ରାଇବାଲ୍ ଷ୍ଟଡିଜ୍ ବିଭାଗର ଆସୋସିଏଟ୍ ପ୍ରଫେସର (ଡକ୍ଟର) ନିହାର ରଂଜନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରଫେସର ପ୍ରଦୀପ୍ତ କୁମାର ପଣ୍ଡା ଓ ପ୍ରଫେସର ସନ୍ତୋଷ କୁମାର ରଥ ଉପସ୍ଥିତ ଥିଲେ।

# ଅଣ-ସଂଗଠିତ ଶ୍ରମିକଙ୍କ ପାଇଁ ବଜେଟ୍ ବୃଦ୍ଧି କରାଯାଉ

**ଭୁବନେଶ୍ୱର,୨୩।୨ (ମହାଭାରତ):** ଅଣସଂଗଠିତ କ୍ଷେତ୍ରରେ ୯୧% ଶ୍ରମିକ କାର୍ଯ୍ୟ କରୁଥିବା ବେଳେ ସାମାଜିକ ନିରାପତ୍ତା, ମଜୁରୀ ବୃଦ୍ଧି ଓ ଅର୍ଥନୈତିକ ବିକାଶ ନିମନ୍ତେ ରାଜ୍ୟ ଓ କେନ୍ଦ୍ର ବଜେଟ୍‌ରେ ବୃଦ୍ଧି ହେବା ଜରୁରୀ ବୋଲି ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଆକ୍ସନ୍ଏଡ୍ ଆସୋସିଏସନ୍, ସିସିଡବ୍ଲୁ ଡି ଓ ଜନ ଜାଗରଣ ଦାଦନ ସଂଘର ମିଳିତ ଆନୁକୁଲ୍ୟରେ ହୋଟେଲ୍ ଯଯାତି ଠାରେ ଆୟୋଜିତ ଅଣ-ସଂଗଠିତ ଶ୍ରମିକଙ୍କ ସାମାଜିକ ସୁରକ୍ଷା, ମଜୁରୀ ଓ ଅର୍ଥନୈତିକ ବିକାଶ ସଂକ୍ରାନ୍ତୀୟ ଦୁଇ ଦିବସୀୟ କର୍ମଶାଳାରେ ଅତିଥି ଭାବରେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ଦତ୍ତୋପନ୍ତ ଥେଙ୍ଗାଡି ରାଷ୍ଟ୍ରୀୟ ଶ୍ରମିକ ଶିକ୍ଷା ବୋର୍ଡର ନିର୍ଦ୍ଦେଶକ ଧର୍ମେନ୍ଦ୍ର କୁମାର ମିଶ୍ର, ପ୍ରଫେସର ହରେକୃଷ୍ଣ ସ୍ୱାଇଁ, ଖୋର୍ଦ୍ଧାଜିଲ୍ଲା ଶ୍ରମ ବିଭାଗର ପ୍ରଭାଗୀୟ ଶ୍ରମ ଆୟୁକ୍ତ ଅଜୟ କୁମାର ପ୍ରଧାନ, ଓଡିଶା ଅଣସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡର ମେମ୍ବର ମହେନ୍ଦ୍ର ପରିଡ଼ା, ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ୍ଡୀ, ସିପିଆଇଏମର ପ୍ରଦୀପ୍ତ




ନାୟକ, ଦତ୍ତୋପନ୍ତ ଥେଙ୍ଗାଡି ରାଷ୍ଟ୍ରୀୟ ଶ୍ରମିକ ଶିକ୍ଷା ବୋର୍ଡର ଏଜୁକେସନ୍ ଅଫିସର ବସନ୍ତ ପାତ୍ର, ସ୍ତମ୍ଭକାର ଡଃ ସନ୍ତୋଷ କୁମାର ମହାପାତ୍ର, ବରିଷ୍ଠ ପତ୍ରକାର ସୁଦର୍ଶନ ଛୋଟରାୟ, ଆକ୍ସନ୍ଏଡ୍ ଆସୋସିଏସନର ସହଯୋଗୀ ନିର୍ଦ୍ଦେଶକ ଦେବବ୍ରତ ପାତ୍ର ଓ ରାଜ୍ୟ ଜନସ୍ୱାସ୍ଥ୍ୟ ଅଭିଯାନର ଗୌରାଙ୍ଗ ଚନ୍ଦ୍ର ମହାପାତ୍ର ପ୍ରମୁଖ ମଜୁରୀର ଦିଗ, ଅଣସଂଗଠିତ ଶ୍ରମିକଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁରକ୍ଷା ଉପରେ ବକ୍ତବ୍ୟ ରଖିଥିଲେ। ଅଧିବେଶନକୁ ଆକ୍ସନଏଡ୍ ଆସୋସିଏସନ୍‌ର ଘାସିରାମ ପଣ୍ଡା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ସିସିଡବ୍ଲୁଡିର ସମ୍ପାଦକ ସଦାଶିବ ସ୍ୱାଇଁ ପ୍ରଦାନ କରିଥିବାବେଳେ ତୃପ୍ତିମୟୀ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଜନଜାଗରଣ ଦାଦନ ସଂଘର ନରେନ୍ଦ୍ର ମହାରଣା, ଅଣ ସଂଗଠିତ ଶ୍ରମିକ ମଞ୍ଚର ଅଭୟ ପତି, ପ୍ରକାଶ ସାମଲ, ଫୁଲମଣୀ ପାତ୍ର, ସଂଯୁକ୍ତା ମହାରଣା, ମମତା ସାହୁ, ମାନବିକ ଅଧିକାର କର୍ମୀ ମାନସ ରଞ୍ଜନ ପ୍ରଧାନ, ମୁରଲୀ ଚରଣ ଦାସ ପ୍ରମୁଖ ଅଣସଂଗଠିତ ଶ୍ରମିକଙ୍କର ସମସ୍ୟାର ସମାଧାନ ପାଇଁ ଏକ ବ୍ୟାପକ ଖସଡ଼ା ପ୍ରସ୍ତୁତି କରିଥିଲେ। ଆକ୍ସନଏଡ୍ ଆସୋସିଏନ୍‌ର ଶୁଭେନ୍ଦୁ କୁମାର ରାୟ ଓ ଲୋପମୁଦ୍ରା ବେହେରା କାର୍ଯ୍ୟକ୍ରମରେ ଯୋଗଦାନ କରି ଅଣସଂଗଠିତ ଶ୍ରମିକମାନେ ସଚେତନତା ତଥା ଆଇନକାନୁନ୍ ବାବଦରେ ଅଧିକ ଜାଣିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କର୍ମଶାଳାରେ ଜନଜାଗରଣ ଦାଦନ ସଂଘର ପ୍ରତିନିଧି, ଅଣସଂଗଠିତ ଶ୍ରମିକ ମଞ୍ଚର ପ୍ରତିନିଧି, ଜୀବନ ରେଖା ଘରୋଇ ପରିଚାରିକା ସଂଘର ପ୍ରତିନିଧି ଓ ବସ୍ତି ସ୍ତରୀୟ ମାନବିକ ଅଧିକାର ସୁରକ୍ଷାକର୍ମୀମାନେ ଅଂଶ ଗ୍ରହଣ କରିଥିଲେ।

## କିଟ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଦରକାର : ବିଜୟ ପଟ୍ଟନାୟକ

**ଭୁବନେଶ୍ୱର,୨୩।୨ (ମହାଭାରତ):** କିଟ୍‌ରେ ଘଟିଥିବା ଘଟଣା ଦୁର୍ଭାଗ୍ୟଜନକ, କିଟ୍ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବା ଦରକାର ବୋଲି କହିଛନ୍ତି ପୂର୍ବତନ ମୁଖ୍ୟ ଶାସନ ବିଜୟ ପଟ୍ଟନାୟକ। ସେ କହିଛନ୍ତି ଯେ, ମୁଁ ମୁଖ୍ୟ ଶାସନ ସଚିବ ଥିବା ସମୟରେ କିଟ୍ ଜମି ଜାଲିଆତି ନେଇ ଅଭିଯୋଗ ଆସିଥିଲା। ଇଷ୍ଟେଟ ଅଫିସରଙ୍କ କୋର୍ଟରେ ମାମଲା ହୋଇଥିଲା। ସରକାରୀ ଜମି, ଜଙ୍ଗଲ ଜମି ଜବରଦଖଲ, ବିନା ଆପ୍ରୁଭାଲରେ ନିର୍ମାଣ ଅଭିଯୋଗ ଆସିଥିଲା। ଅଭିଯୋଗ ଆସିବା ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା ଓ ନିର୍ଦ୍ଦେଶ ଦିଆଯାଇଥିଲା। ୨୦୧୦ ରୁ ୨୦୧୨ -୨୦୧୩ ଭିତରେ ଆସିଥିଲା ଅଭିଯୋଗ। ବିଜେଡ଼ି ଟିକେଟରେ ଅଚ୍ୟୁତ ସାମନ୍ତ ରାଜ୍ୟସଭା ଯାଇଥିଲେ। ଏଥିରେ ସନ୍ଦେହ ନାହିଁ ଯେ ବିଜେଡ଼ି ସରକାର ତାଙ୍କୁ ଅହେତୁକ ଅନୁକମ୍ପା ଦେଖାଇଥିଲେ। ଏବେ ରାଜ୍ୟରେ ସରକାର ବଦଳିଛି। ବିଜେପି ସରକାର ଦେଖାଇବା ଦରକାର ଯେ ସେମାନେ ବିଜେଡ଼ି ଠାରୁ ଭିନ୍ନ। କିଟରେ ଦୁର୍ଭାଗ୍ୟ ଜନକ ଘଟଣା ଘଟିଛି। ଏହା ସାଧାରଣ ଘଟଣା ନୁହଁ। ଅଶାଳୀନ ଓ ଅରୁଚିକର ମନ୍ତବ୍ୟ ଦିଆଯାଇଛି ନେପାଳ ଉପରେ। ସେମାନଙ୍କ ଦେଶର ବଜେଟଠୁ କିଟ୍ ବଜେଟ ଅଧିକ କହିବା ନିନ୍ଦନୀୟ। ଓଡିଶା ସରକାର ଦେଖାଇଦେବା ଦରକାର ଯେ ଦେଶ ଉପରେ କଥା ଆସିଲେ କାହାକୁ ଛଡା ଯିବା ଉଚିତ୍। ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ କିଟ୍ ବିରୋଧରେ ନେବା ଦରକାର। ନଚେତ୍ ବିଦେଶୀ ଛାତ୍ର ଛାତ୍ରୀ ଭୟ କରିବେ ଓଡ଼ଶା ଆସି ପଢିବା ପାଇଁ। ଡିମ୍ଡ ୟୁନିଭର୍ସିଟି ମାନ୍ୟତା ଦିଆଯିବ ନା ନାହିଁ ସେନେଇ ଭାରତ ସରକାର ଓ ରାଜ୍ୟ ସରକାର କାରଣ ଦର୍ଶାଅ ନୋଟିସ୍ ଜାରି କରିବା କଥା।

# ଖୋଲୁଛି ନବ ଦାସଙ୍କ ରୋଷେୟା ମୃତ୍ୟୁ ରହସ୍ୟ

**ଭୁବନେଶ୍ୱର,୨୩।୨ (ମହାଭାରତ):** ବିଜେଡିର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱର୍ଗତ ନବ ଦାସଙ୍କ ରୋଷେୟା ଲଳିତ ସାହୁଙ୍କ ସନ୍ଦେହଜନକ ମୃତ୍ୟୁ ମାମଲାର ଗୁମର ଫଟିବା ଆରମ୍ଭ ହୋଇଛି। ଏହି ସନ୍ଦେହଜନକ ମୃତ୍ୟୁର ତଦନ୍ତରେ ଡୋରି ବନ୍ଧା ଯାଇଥିବା ବେଳେ ମୋହନ ସରାକର ଏହି ମୃତ୍ୟୁ ରହସ୍ୟ ସମ୍ପର୍କରେ ସାନି ତଦନ୍ତ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ଫଳରେ ଏହି ତଦନ୍ତ ଏବେ ଆଗକୁ ଯାଇଛି। ଏହି ମୃତ୍ୟୁ ସମ୍ପର୍କରେ ଥାନାରେ ନବ ଦାସଙ୍କର ଜଣେ ସୁରକ୍ଷାକର୍ମୀ ଏତଲା ଦେଇଥିଲେ। ପୋଲିସ ପ୍ରଥମେ ସେହି ସୁରକ୍ଷାକର୍ମୀଙ୍କୁ ଜେରା କରିବା ଆରମ୍ଭ କରିଛି। ସୁରକ୍ଷାକର୍ମୀ ହେମ ସାଗର ନାୟକଙ୍କୁ ଏତଲା ସମ୍ପର୍କରେ ପଚାରାଯିବାରୁ ସେ ପ୍ରଥମେ ହଡ଼ବଡ଼ ହୋଇ ଯାଇଥିଲେ। ସେ ତାଙ୍କର ଲିଖିତ ଅଭିଯୋଗ



ସମ୍ପର୍କରେ କଣ ଉଲ୍ଲେଖ କରିଛନ୍ତି ବୋଲି ପୋଲିସ ତାଙ୍କୁ ପଚାରିବା ବେଳେ ସେ ତାହା କହି ପାରି ନଥିଲେ। ପୋଲିସ ତାଙ୍କୁ ବାରମ୍ବାର ପଚରା ଉଚରା କରିବା ପରେ ସେ ଯେଉଁ ମନ୍ତବ୍ୟ ଦେଇଥିଲେ ସେଥିରେ କୌଣସି ତାଳ ମେଳ ରହି ନଥିଲା। ପୁନର୍ବାର ଆଜି ତାଙ୍କୁ ପୋଲିସ ଜେରା କରିଥିବା ଖବର ମିଳିଛି। ଏଥିସହିତ ଅନ୍ୟ କେତେକ ସନ୍ଦିଗ୍ଧ ଲୋକଙ୍କୁ ମଧ୍ୟ ପୋଲିସ ଜେରା କରିବାର ଯୋଜନା କରିଛି। ନବ ଦାସଙ୍କ ରୋଷେୟା ଲଳିତ ସାହୁଙ୍କର ଢ଼େଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ଡେଙ୍ଗବୋରେଇ ଗାଁରେ। ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ଝାରସୁଗୁଡ଼ା ସ୍ଥିତ ବାସଭବନରେ ରୋଷୟା ଭାବରେ କାମ କରୁଥିଲେ। ୨୦୨୨ ଏପ୍ରିଲ ୧୭ ତାରିଖ ସନ୍ଧ୍ୟାରେ ତାଙ୍କ ମୃତଦେହ ମନ୍ତ୍ରୀଙ୍କ ସରକାରୀ ବାସଭବନରୁ ମିଳିଥିଲା। ତେବେ ଘଟଣାକୁ ୩ ବର୍ଷ ବିତିଯାଇଥିଲେ ସୁଦ୍ଧା ବର୍ତ୍ତମାନ ସୁଦ୍ଧା ଏହାର ରହସ୍ୟ ଏ ପର୍ଯ୍ୟନ୍ତ ପୋଲିସ ଉଦ୍‌ଘାଟନ କରି ପାରି ନାହିଁ।

# କୋଣାର୍କ ସାହିତ୍ୟ ସଂସଦର ବିଶ୍ୱମାତୃଭାଷା ଦିବସ

**ଭୁବନେଶ୍ୱର,୨୩।୨ (ମହାଭାରତ):** କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ ବିଡ଼ିଏ କଲୋନୀ ଗାୟତ୍ରୀ ପ୍ରଜ୍ଞାପୀଠ ପରିସରରେ ବିଶିଷ୍ଟ ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ନାରାୟଣ ଦାସ ଅତିଥି ପରିଚୟ ଦେବା ସହ କହିଥିଲେ ରାଜନୈତିକ ପଶାପାଲଟିରେ ନିଜ ରାଜ୍ୟ ଓଡ଼ିଶାରେ ନିଜ ମାତୃଭାଷା ପ୍ରତି ଯେଉଁଳି ଅବହେଳା କରାଯାଇଛି ସାରା ଭାରତରେ କୌଣସି ରାଜ୍ୟରେ ଏପରି ଘଟି ନାହିଁ। ପ୍ରତ୍ୟେକ ସ୍ୱାଭିମାନୀ ଓଡ଼ିଆ ନିଜ ମାତୃଭାଷା କିପରି ଯଥାଶୀଘ୍ର ସରକାରୀ ଭାଷା ଭାବେ କାର୍ଯ୍ୟ କରିବ ସେଥିପ୍ରତି ଦୃଷ୍ଟି ଦେବା ଉଚିତ। ସାହିତ୍ୟିକ ପ୍ରଫେସର ଡ. ଶରଚ୍ଚନ୍ଦ୍ର ମହାପାତ୍ର ଓଡ଼ିଆ ଭାଷାର ପ୍ରାଚୀନତା, ମୌଳିକତା ଓ ଓଡ଼ିଆ ବର୍ଣ୍ଣମାଳାର ବୈଜ୍ଞାନିକ ଉଚ୍ଚାରଣ ନେଇ ସାର ଗର୍ଭକ ବକ୍ତବ୍ୟ ରଖିଥିଲେ। ବିଶିଷ୍ଟ ଗାଳ୍ପିକ ସୁନୀଲ କୁମାର ବୋଷ ପ୍ରତ୍ୟେକ ଓଡ଼ିଆ ମାତୃଭାଷାକୁ ନିଜ ପ୍ରେମିକା ଭଳି ଭଲ ପାଇବାକୁ ପରାମର୍ଶ ଦେଇଥିଲେ। ଶ୍ରୀ ଜଗନ୍ନାଥ ସାହିତ୍ୟ ପରିଷଦର ସଭାପତି ଶିବସୁନ୍ଦର ପଟ୍ଟନାୟକ ରାମାୟଣ, ମହାଭାରତ ଓ ବିଭିନ୍ନ ପୁରାଣ ତଥା ପ୍ରାଚୀନ ସାହିତ୍ୟ ଯୋଗୁଁ ଆମ ଭାଷା ବଳିଷ୍ଠ ବୋଲି ମତ ଦେଇଥିଲେ। ପାଲା ତଥା ଆଧ୍ୟାତ୍ମିକ ସାହିତ୍ୟରେ ରୁଚି ରଖିଥିବା ବିଶିଷ୍ଟ ସାହିତ୍ୟିକ ଲଡ୍ଡୁ କିଶୋର ଦାଶ ତାଙ୍କ




ବକ୍ତବ୍ୟରେ କହିଥିଲେ ମାତୃଭାଷାର ବହୁଳ ବ୍ୟବହାର ଓଡ଼ିଆ ଭାଷାକୁ ଦୀର୍ଘସ୍ଥାୟୀ କରିବ ବୋଲି ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈକୁଣ୍ଠନାଥ ରାଜଗୁରୁ, ଶାନ୍ତିଲତା ବଳିଆରସିଂହ, ଡ. ବୃନ୍ଦାବନ ପଣ୍ଡା, ରାଜକିଶୋର ବଳିଆରସିଂହ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ଅଧ୍ୟାପକ ତୁଷାର ପାଲଟାସିଂହ, ଦେବରାଜ ପ୍ରଧାନ, ରାଜେନ୍ଦ୍ର କୁମାର ନରେନ୍ଦ୍ର, ଜ୍ଞାନ ରଂଜନ ଦାଶ, ସୁରେଶ ଚନ୍ଦ୍ର ବିଶ୍ୱାଳ, ବିକ୍ରମ କେଶରୀ ଚମ୍ପତି, ବଂଶୀଧର ଦାସ, ସତ୍ୟବାନ ଶ୍ରୀଚନ୍ଦନ, ପ୍ରଫୁଲ୍ଲ କୁମାର ନାୟକ, ପ୍ରଫୁଲ୍ଲ କୁମାର ଦାସ, ନଳିନୀ ଦାଶ ଓ ନୀଳାଦ୍ରିନାଥ ଜଗଦେବ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କବି ଗୋବିନ୍ଦ ଚନ୍ଦ୍ର ମହାରଣା, ପ୍ରଫୁଲ୍ଲ କୁମାର ସାମନ୍ତରାୟ ଓ . ଚପଳା କୁମାରୀ ପଣ୍ଡାଙ୍କ ସଂଯୋଜନାରେ ଶାନ୍ତିଲତା ଦେବୀ, ଦିବ୍ୟଲୋଚନ ଭାରିମଲ୍ଲ, କୈଳାସ ଚନ୍ଦ୍ର ପୃଷ୍ଟି, ପ୍ରହଲ୍ଲାଦ ବାରିକ, ପ୍ରଫୁଲ୍ଲ ଦାସ, ନରୋତମ ମାହାନ୍ତା, ଜ୍ୟୋତିରଂଜନ ସାହୁ ପ୍ରମୁଖ ୧୨ଜଣ କବିତା ପାଠ କରିଥିଲେ।

# ନିଶା ପାଇଁ ହତ୍ୟା

ରାଜରାସ୍ତାରେ ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ବାଇକରେ ଯାଉଥିବା ଜଣେ ବ୍ୟକ୍ତିଙ୍କୁ ତିନିଜଣ ଦୁର୍ବୃତ୍ତ ଆକସ୍ମିକ ଭାବେ ପଛରୁ ଆସି ଆକ୍ରମଣ କରଇଥିଲେ। ବାଇକରେ ଆସିଥିବା ଏହି ଦୁର୍ବୃତ୍ତମାନଙ୍କ ଖଣ୍ଡାଚୋଟରେ ସମ୍ପୃକ୍ତ ବ୍ୟକ୍ତିଙ୍କ ମୁଣ୍ଡଗଣ୍ଡି ଅଲଗା ହୋଇ ଯାଇଥିଲା ଏବଂ ଘଟଣାସ୍ଥଳରେ ସେ ପ୍ରାଣ ହରାଇଥିଲେ। ମୃତକ ଜଣକ ପୋଲିସ ପାଇଁ କାମ କରୁଥିଲେ ବା ସିଭିଲ ପୋଲିସ ଥିଲେ। ହତ୍ୟାକାରୀଙ୍କ ମଧ୍ୟରେ ଜଣେ ମହିଳା ଥିଲେ ଯିଏ କି ସମଗ୍ର ଘଟଣାର ମାଷ୍ଟରମାଇଣ୍ଡ ବୋଲି କୁହାଯାଉଛି। କିଛି ଦିନ ଫେରାର ରହିବା ପରେ ସେ ଏବେ ପୋଲିସ ନିକଟରେ ଆତ୍ମସର୍ପଣ କରିଛି ଏବଂ ପୋଲିସ ତାକୁ ଗିରଫ କରିଛି। ସେହି ମହିଳା ବା ଯୁବତୀ ଜଣକ ଅଳ୍ପ ଦିନ ତଳେ ଜେଲରୁ ଜାମିନରେ ବାହାରିଥିଲେ। ଜେଲରୁ ବାହାରିବାର ୫ ଦିନ ଭିତରେ ସେ ଏହି ହତ୍ୟାଣ୍ଡ ଘଟାଇଥିଲେ। ନିଶା କାରବାର ଅଭିଯୋଗରେ ସେ ଗିରଫ ହୋଇ ଜେଲ ଯାଇଥିଲେ। ଯାହା ସୂଚନା ମିଳିଛି ଏବଂ ମୃତକଙ୍କ ପତ୍ନୀ ଯାହା କହିଛନ୍ତି ତାଙ୍କ ସ୍ୱାମୀ ସହଦେବଙ୍କୁ ଜୀବନରେ ମାରିଦେବା ପାଇଁ କୁଆଡ଼େ ମୋବାଇଲରେ ଧମକ ଆସୁଥିଲା। ଏ ସମ୍ପର୍କରେ ସହଦେବ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ତାଙ୍କୁ ଅଭୟବାଣୀ ପ୍ରଦାନ କରିଥିଲା। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ପୋଲିସ ତାଙ୍କୁ ସୁରକ୍ଷା ଦେଇପାରିଲା ନାହିଁ ଏବଂ ଅତି ଅସହାୟ ଭାବେ ରାସ୍ତାରେ ପଡ଼ି ସହଦେବଙ୍କ ଜୀବନ ଗଲା। ଏହି ହୃଦୟବିଦାରକ ଘଟଣା ସବୁଠି ଚର୍ଚ୍ଚାର ବିଷୟ ହୋଇଛି। କୁହାଯାଉଛି ଯେ, ହତ୍ୟାକାରୀ ସମ୍ପୃକ୍ତ ଯୁବତୀଙ୍କ ଘରୁ ବ୍ରାଉନସୁଗର ବାହାରିଥିଲା। ଏ ସମ୍ପର୍କରେ ସହଦେବ କୁଆଡ଼େ ପୋଲିସକୁ ସୂଚନା ଦେଇଥିଲେ। ଯୁବତୀଙ୍କୁ ପୋଲିସର ଗିରଫ ପଛରେ ସହଦେବଙ୍କ ହାତ ରହିଛି ବୋଲି ସେ ଭାବି ନେଇଥିଲା ଏବଂ ଏହାର ପ୍ରତିଶୋଧ ନେବାକୁ ଏଭଳି ଜଘନ୍ୟ ହତ୍ୟା କରିଛି। ରାଜଧାନୀରେ ପ୍ରବାସୀ ଭାରତୀୟ ସମ୍ମିଳନୀ ଚାଲିଥିବା ବେଳେ ଏବଂ ସମଗ୍ର ରାଜଧାନୀ ଏକ ପ୍ରକାର ସୁରକ୍ଷା ବଳୟ ମଧ୍ୟରେ ରହିଥିବା ବେଳେ ସକାଳେ ରାଜଧାନୀର ଏକ ମୁଖ୍ୟ ରାସ୍ତାରେ ନିଶା ମାଫିଆମାନେ ଜଣେ ନିରପରାଧ ବ୍ୟକ୍ତିଙ୍କୁ ହତ୍ୟା କରିବା ଆମ ସୁରକ୍ଷା ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ସଭ୍ୟ ସମାଜରେ ଏହା ଗ୍ରହଣୀୟ ନୁହେଁ। ଏଭଳି ଘଟଣାରେ ଅଭିଯୁକ୍ତଙ୍କ ପ୍ରତି କଠୋର ଦଣ୍ଡବିଧାନ ହେବା ଉଚିତ। ଦଣ୍ଡ ବ୍ୟବସ୍ଥାରେ ତ୍ରୁଟି ବା କୋହଳତା ପାଇଁ ଆଜି ଦେଶରେ ଏଭଳି ଅପରାଧ ସଂଖ୍ୟା ବଢ଼ିଚାଲିଛି। ଏଭଳି ଏକ ହତ୍ୟାକାଣ୍ଡ ବିରଳରୁ ବିରଳତର ଏବଂ ଅତ୍ୟନ୍ତ ଅମାନୁଷିକ ବୋଲି କୁହାଯାଇପାରେ। ତେଣୁ ଆଇନ ଅନୁଯାୟୀ ହତ୍ୟାକାରୀଙ୍କୁ ଫାଶୀ ହେବା ଉଚିତ। କିନ୍ତୁ ଏଭଳି ଦଣ୍ଡ ବିଧାନ ସମ୍ଭାବନା କ୍ଷୀଣ। ଆଇନର ଫାଙ୍କ ଦେଇ ଅପରାଧୀମାନେ ଖସିଯାଉଛନ୍ତି। ଆମ ଆଇନ ବ୍ୟବସ୍ଥା ମଧ୍ୟ ସେହିପରି। ହଜାରେ ଦୋଷୀ ପଛେ ଖସି ଯାଆନ୍ତୁ କିନ୍ତୁ ଜଣେ ନିର୍ଦ୍ଦୋଷ ଦଣ୍ଡ ନପାଉ ଏହା ଆମ ଆଇନର ମୂଳଭିତ୍ତି। ତେଣୁ ତଥ୍ୟ ପ୍ରମାଣରେ ସାମାନ୍ୟତମ ସନ୍ଦେହ ସୃଷ୍ଟି ହେଲେ କୋର୍ଟ ଅପରାଧୀଙ୍କୁ ବେନିଫିଟ ଅଫ ଡାଉଟରେ ଛାଡ଼ି ଦେଉଛନ୍ତି। ଏଠାରେ ତଦନ୍ତକାରୀ ପୋଲିସର ଦାୟିତ୍ୱ ସର୍ବାଧିକ। ତଦନ୍ତକାରୀ ଅଫିସର ଏହି ମାମଲାରେ ଏଭଳି ଠୋସ ପ୍ରମାଣ ଉପସ୍ଥାପନ କରିବା ଉଚିତ ଏବଂ ସରକାରୀ ଓକିଲ କୋର୍ଟରେ ଏଭରି ଦୃଢ଼ତାର ସହ ଯୁକ୍ତି ଉପସ୍ଥାପନ କରିବା ଉଚିତ ଯେପରିକି ଅପରାଧୀ ଆଇନ ଆଖିରେ ଧୂଳି ଦେଇ ଖସିପାରିବ ନାହିଁ। ସହଦେବ ହତ୍ୟା ମାମଲାରେ ସବୁଠାରୁ ବଡ଼ ପ୍ରସଙ୍ଗ ହେଲା ନିଶା କାରବାର। ରାଜ୍ୟରେ ଚୋରା ନିଶା କାରବାର ଏତେ ବଢ଼ିଯାଇଛି ଯେ ଏହା ଆମ ସାମାଜିକ ବ୍ୟବସ୍ଥାକୁ ଗୁରୁତର ପ୍ରଭାବିତ କରୁଛି। ଅନେକ ଯୁବକ ନିଶା କବଳରେ ପଡ଼ି ନିଜ ଜୀବନକୁ ବରବାଦ କରୁଛନ୍ତି।

# ବିମାତା, କୁମାତା ନୁହେଁ

**॥ ଶ୍ରୀମତୀ ଲକ୍ଷ୍ମୀ ପଟ୍ଟନାୟକ ॥**


“ *ସମାଜରେ ଅନେକ ସାବତମାଆ ଅଛନ୍ତି ଯେଉଁମାନଙ୍କ ଜୀବନ ପିଲାଙ୍କ ପାଇଁ ସମର୍ପିତ । ସନ୍ତାନପ୍ରସବ କ୍ଷମତା ଉପରେ ସ୍ୱଇଚ୍ଛାରେ ସେମାନେ ପ୍ରତିବନ୍ଧକ ଲଗାଉଥିବା ଦେଖାଯାଏ । ନିଜ ସନ୍ତାନ ପାଇଁ ବ୍ୟାକୁଳତା ପ୍ରକାଶ କରନ୍ତି ନାହିଁ; ଛୋଟ ଛୋଟ ପିଲାଙ୍କୁ ଛାଡ଼ି ଇହଲୀଳା ସମ୍ବରଣ କରୁଥିବା ମହିଳାଙ୍କ ପ୍ରତି ଏମାନଙ୍କ ମନୋଭାବ ସ୍ୱତଃ ଏକ ନୂଆ ଚେତନା ଆଣିଦେଇଥାଏ । ଯେଉଁ ପରିବାରରେ ପିଲାମାନେ ବଡ଼ ହେବାପରେ ପୁରୁଷଟିଏ ଦ୍ୱିତୀୟ ବିବାହ କରେ, ସେଠି ପିଲାମାନେ ବାପା, ମାଆଙ୍କ ସ୍ନେହଠାରୁ ନିଜକୁ ଦୂରେଇ ରଖନ୍ତି ।*


ସାମାଜିକ ଚଳଣି ଭିତରେ ମାଆ ଚରିତ୍ରକୁ ନେଇ ଏବେବି ମତଭେଦ ରହିଛି । ମା’ ଓ ସାବତମାଆର ଭୂମିକାକୁ ସମଭାବରେ ଗ୍ରହଣ କରିପାରୁନାହିଁ ସମାଜ । ପୌରାଣିକ ଯୁଗରୁ ସାବତ ମା’କାହାଣୀ ମନଗଢ଼ା ହେଲେ ବି ଲୋକ ଚକ୍ଷୁରେ ଏହା ଜୀବନ୍ତ ଥିବା ଲକ୍ଷ୍ୟ କରାଯାଏ । ସାବତମାଆ ଯେ ମାଆର ସ୍ନେହ, ମମତାଠାରୁ ସନ୍ତାନମାନଙ୍କୁ କମ୍ ସ୍ନେହ ଦିଏନାହିଁ, ତାହା ଅନେକ କ୍ଷେତ୍ରରେ ଉପଲବ୍ଧି କରାଯାଉଥିଲେ ମଧ୍ୟ ପ୍ରଚଳିତ ବ୍ୟବସ୍ଥା ଓ ପାରିପାର୍ଶ୍ୱିକ ଅବସ୍ଥା ଏହି ସାବତ ମାଆର ଚିତ୍ରକୁ ବଦଳାଇବାରେ ସକ୍ଷମ ହୋଇପାରିନାହିଁ । ଛୋଟ ଛୋଟ ଶିଶୁ ସନ୍ତାନଙ୍କ ଲାଳନପାଳନର ଆବଶ୍ୟକତା ପୂରଣ କରିବା ପାଇଁ ପରିବାରର ଚାପରେ ଅନେକ ଦ୍ୱିତୀୟ ବିବାହ କରିବାକୁ ବାଧ୍ୟ ହୁଅନ୍ତି । ନବବଧୂଟି ପରିବାରକୁ ଆସିବା ପରେ ପିଲାଙ୍କୁ ଯେତେ ସ୍ନେହ ମମତା ଅଜାଡ଼ି ଦେଲେବି ସାହି ପଡ଼ୋଶୀ ତା’ର ଆତ୍ମୀୟତାକୁ ସହଜରେ ଗ୍ରହଣ କରିପାରନ୍ତି ନାହିଁ । ମାଆର ଆକଟ ହିଁ ଦୁର୍ବିସହ ହୋଇପଡ଼େ ଅନ୍ୟମାନଙ୍କ ପାଇଁ । ସାବତ ମାଆର ଚରିତ୍ର ମୃତ୍ୟୁ ପର୍ଯ୍ୟନ୍ତ ନଭେଇବାକୁ ପଡ଼ିଥାଏ ତାକୁ।

ପ୍ରାଚୀନ କାଳରେ ପତ୍ନୀ ଥାଇ ମଧ୍ୟ ଦ୍ୱିତୀୟ ପତ୍ନୀ ଗ୍ରହଣ କରିବା ସଂଭ୍ରାନ୍ତ ପରିବାରର ଏକ ପରମ୍ପରା ଥିଲା । ପ୍ରଥମ ପତ୍ନୀର ସନ୍ତାନଙ୍କୁ ନିଜ ସନ୍ତାନ ସଦୃଶ ଦେଖିଥିଲେ ମଧ୍ୟ ଦୁଇ ପତ୍ନୀଙ୍କ ପାରିବାରିକ କଳହ ଓ ଉଭୟଙ୍କ ମନାନ୍ତର ବହୁ ପରିମାଣରେ ପ୍ରଭାବିତ କରୁଥିଲା ପିଲାମାନଙ୍କୁ । ସେମାନଙ୍କ କୋମଳ ମନ ଭିତରେ ସାବତମାଆର କାହାଣୀକୁ ଜୋରଜବରଦସ୍ତ ଲଦି ଦେଉଥିଲା ସମାଜ । ଅତ୍ୟାଧୁନିକ ସମାଜରେ ସାବତମାଆର ଭୂମିକା ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ମନେହୁଏ । ପିଲାଙ୍କ ଲାଳନପାଳନ, ଶିକ୍ଷାଦାନ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ମାଆ ପାଇଁ କଷ୍ଟସାଧ୍ୟ ହୋଇପଡ଼ିଛି । ଅଧିକ ପରିଶ୍ରମ ମଧ କରିବାକୁ ହେଉଛି ସେମାନଙ୍କୁ । ମାଆ ଭୂମିକାରେ ଥିବା ସାବତମାଆ ମଧ୍ୟ ଏଥିରୁ ନିଜକୁ ନିବୃତ୍ତ ରଖିପାରୁନାହାନ୍ତି । ସାବତମାଆର ଲାଳନ ପାଳନ ସ୍ନେହ, ଶ୍ରଦ୍ଧା ଅନେକ ମାତୃହୀନ ନବଜାତଙ୍କୁ ମଣିଷ କରି ଗଢ଼ି ତୋଳିବାରେ ସହାୟକ ହୋଇ ପାରିଛି ।

ଯେଉଁଠି ମାଆ ଥାଇ ସାବତ ମାଆ ଆସୁଛି ସେ ପରିବାରରେ ଦୁଇ ମହିଳାଙ୍କ ମଧ୍ୟରେ ମନାନ୍ତର ଦେଖାଯାଉଛି । ପିଲାମାନେ ଉଭୟ ମାଆଙ୍କ ସାନିଧ୍ୟ ଲାଭ କରୁଛନ୍ତି । କୌଣସି ମହିଳା ସନ୍ତାନମାନଙ୍କ ପ୍ରତି ଅସୂୟା ମନୋଭାବ ରଖିବା ଦେଖାଯାଏ ନାହିଁ । ପ୍ରାଚୀନକାଳର କିଛି କାହାଣୀ ଓ ପରମ୍ପରା ସାବତ ମାଆ ଚରିତ୍ରକୁ ବିଶୃଙ୍ଖଳିତ ବ୍ୟବସ୍ଥା ଭିତରକୁ ନେଇ ଆସିଛି ଯାହା ଏବେବି ଲୋକଙ୍କ ମନଭିତରୁ ସେ ବ୍ୟକ୍ତିତ୍ୱ ବାହାରି ଆସିପାରୁନାହିଁ । ଗାଁ ଗହଳିରେ ସାବତମାଆ, ମାଆଠାରୁ ଅଧିକ ମମତା ଦେଇଥାଏ । ଲୋକକଥା ଓ ପଡ଼ୋଶୀଙ୍କ ଈର୍ଷାଭାବ ହିଁ ତାକୁ ବାଧ୍ୟ କରିଥାଏ ପିଲାମାନଙ୍କର ଠିକ୍‌ଭାବେ ଯତ୍ନନେବା ପାଇଁ । ସହରାଞ୍ଚଳରେ ଅତ୍ୟାଧୁନିକ ଚାଲି ଚଳଣି ଭିତରେ ସାବତମାଆର ଆତ୍ମୀୟତା ପିଲାମାନଙ୍କ ଉପରୁ ଊଣାହେବା ଦେଖାଯାଏ ନାହିଁ । ସାବତମାଆଟିଏ ସବୁବେଳେ ମାନସିକ ଚାପର ବଶବର୍ତ୍ତୀ ହୋଇଥାଏ । ସବୁ ସମୟରେ ତାକୁ ଯେଉଁ ସମ୍ବୋଧନ କରାଯାଇଥାଏ ତାହା ତା ମନଭିତରେ ଗଭୀର ଆଘାତ ସୃଷ୍ଟି କରିଥାଏ । ବିଳାସ ବ୍ୟସନରେ ରହୁଥିବା ଧନାଢ଼୍ୟ ପରିବାରରେ ପିଲାମାନେ ମାଆ ଓ ସାବତମାଆର ପାର୍ଥକ୍ୟ ସେଭଳି ଅନୁଭବ କରନ୍ତି ନାହିଁ । ସେମାନେ ଯେଉଁ ଧାରାରେ ପ୍ରତିପାଳିତ ହୋଇଥାଆନ୍ତି ସେଥିରୁ ଅଚାନକ ବିଚ୍ୟୁତ ଘଟିଲେ ମାନସିକ ଆଘାତ ପାଆନ୍ତି । ମାଆ ସହ ସେମାନଙ୍କର ଥିବା ସମ୍ପର୍କର ରଜ୍ଜୁ ବିଚ୍ଛିନ୍ନ ହେଲେ ମମତାରେ ଏକ ବ୍ୟତିକ୍ରମ ଲକ୍ଷ୍ୟ କରାଯାଇଥାଏ । ଜନ୍ମରୁ ଯେଉଁ ଆତ୍ମୀୟତା ସେମାନଙ୍କ କଅଁଳ ମନକୁ ବାନ୍ଧି ରଖିଥାଏ ସେଥିରେ ପରିବର୍ତ୍ତନ, ସ୍ୱାଭାବିକଭାବେ ସେମାନଙ୍କୁ ଆଘାତ ଦେଇଥାଏ । ସହଜରେ ସେମାନେ ଆଉଜଣେ ମାଆର ଆତ୍ମୀୟତାକୁ ଗ୍ରହଣ କରିପାରିନଥାନ୍ତି । ସମୟକ୍ରମେ ଅଭ୍ୟସ୍ତ ହୋଇପଡ଼ିଲେ ଏହି ବ୍ୟବଧାନ ଦୂରେଇ ଯାଇଥାଏ । ଅନ୍ୟମାନଙ୍କ ଆଖିରେ ସାବତମାଆ ସବୁବେଳେ ସାବତମାଆର ପାରମ୍ପରିକ ଚରିତ୍ର ହୋଇ ରହିବା ଦେଖାଯାଏ ଯାହା ବାସ୍ତବ କ୍ଷେତ୍ରରେ ଯଥେଷ୍ଟ ପରିବର୍ତ୍ତନ ଆଣିଥାଏ ସେ କଥା କେହି ସହଜରେ ବୁଝିବାକୁ ଚେଷ୍ଟା କରନ୍ତି ନାହିଁ ।

ସମାଜରେ ଅନେକ ସାବତମାଆ ଅଛନ୍ତି ଯେଉଁମାନଙ୍କ ଜୀବନ ପିଲାଙ୍କ ପାଇଁ ସମର୍ପିତ । ସନ୍ତାନପ୍ରସବ କ୍ଷମତା ଉପରେ ସ୍ୱଇଚ୍ଛାରେ ସେମାନେ ପ୍ରତିବନ୍ଧକ ଲଗାଉଥିବା ଦେଖାଯାଏ । ନିଜ ସନ୍ତାନ ପାଇଁ ବ୍ୟାକୁଳତା ପ୍ରକାଶ କରନ୍ତି ନାହିଁ; ଛୋଟ ଛୋଟ ପିଲାଙ୍କୁ ଛାଡ଼ି ଇହଲୀଳା ସମ୍ବରଣ କରୁଥିବା ମହିଳାଙ୍କ ପ୍ରତି ଏମାନଙ୍କ ମନୋଭାବ ସ୍ୱତଃ ଏକ ନୂଆ ଚେତନା ଆଣିଦେଇଥାଏ । ଯେଉଁ ପରିବାରରେ ପିଲାମାନେ ବଡ଼ ହେବାପରେ ପୁରୁଷଟିଏ ଦ୍ୱିତୀୟ ବିବାହ କରେ, ସେଠି ପିଲାମାନେ ବାପା, ମାଆଙ୍କ ସ୍ନେହଠାରୁ ନିଜକୁ ଦୂରେଇ ରଖନ୍ତି । ସାବତମାଆ ଯେତେ ଚେଷ୍ଟା କଲେବି ସେମାନଙ୍କ ମନରେ ପରିବର୍ତ୍ତନ ଆଣିବାରେ ସକ୍ଷମ ହୁଏନାହିଁ । ମାଆ ଓ ସନ୍ତାନଙ୍କ ବୟସର ତାରତମ୍ୟ, ସ୍ନେହ ଶ୍ରଦ୍ଧା ଅପେକ୍ଷା ଈର୍ଷା ଓ ଅସ୍ୱଷ୍ଟ ମନୋଭାବ ସୃଷ୍ଟି କରିଥାଏ । ଅନେକ କ୍ଷେତ୍ରରେ ପୁଅ ଝିଅଙ୍କ ବିବାହ ପରେ ବି ଅସହାୟ ବୟସ୍କ ବାପାମାନେ ଦ୍ୱିତୀୟ ବିବାହକୁ ବାଛି ନେଇଥାଆନ୍ତି । ଏଭଳି କ୍ଷେତ୍ରରେ ସାବତମାଆଙ୍କ ଠାରୁ ସେଭଳି ସ୍ନେହ ମିଳିନଥାଏ । ପିଲାମାନେ ସବୁବେଳେ ଏହି ପାରିବାରିକ ବଳୟ ଭିତରୁ ନିଜକୁ ଦୂରେଇ ରଖିଥାଆନ୍ତି । ଯେଉଁଠି ଆତ୍ମୀୟତା ସେମାନଙ୍କୁ ସ୍ପର୍ଶ କରିଥାଏ ସେ କ୍ଷେତ୍ରରେ ସାବତମାଆ ହୋଇପଡ଼େ ମାଆଠାରୁ ଅଧିକ ମମତା ପ୍ରଦାୟିନୀ । ଏବେ ମାଆ ଥିଲେ ସାବତମାଆ ଘରକୁ ଆସିବା ପରମ୍ପରା ଧୀରେ ଧୀରେ ଲୋପ ପାଇବାକୁ ବସିଲାଣି । ସାବତମାଆ ଅପେକ୍ଷା ଅତ୍ୟାଧୁନିକ ସମାଜରେ ରକ୍ଷିତାମାନଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଗୋଟିଏ ପରିବାରରେ ପତ୍ନୀ ଓ ଦ୍ୱିତୀୟ ପତ୍ନୀଙ୍କୁ ରଖିବା ବ୍ୟବସ୍ଥାଠାରୁ ଦୂରେଇ ରହୁଛନ୍ତି ପୁରୁଷମାନେ । ପରିବାର ବାହାରେ ରକ୍ଷିତାମାନଙ୍କ ପାଇଁ ସ୍ଥାନ ବାଛୁଛନ୍ତି । ଘରଭିତରେ ଦୁଇ ମହିଳାଙ୍କ ବିବାଦର ଆଶଙ୍କା ଓ ଲୋକଲଜ୍ଜାକୁ ଭୟକରି ଅନେକ ଶିକ୍ଷିତ ବ୍ୟକ୍ତି, ରକ୍ଷିତାକୁ ସମ୍ପର୍କୀୟ ମାନଙ୍କଠାରୁ ଦୂରରେ ରଖୁଛନ୍ତି । ନାରୀ ସ୍ୱାଧୀନତା ସାବତମାଆ ପରମ୍ପରାରେ ଘୋର ପ୍ରତିବନ୍ଧକ ସୃଷ୍ଟି କରିଛି । ସାବତମାଆର ସ୍ୱଭାବ ଓ ମାନସିକତାକୁ ନେଇ ଯେଉଁସବୁ ଚର୍ଚ୍ଚା ଏବେବି ସାମାଜକ ଚଳଣି ଭିତରେ ପରମ୍ପରା ହୋଇ ରହିଯାଇଛି, ତାହା ବାସ୍ତବତାଠାରୁ ସମ୍ପୂର୍ଣ୍ଣ ଭିନ୍ନ । ସାବତମାଆ କୋଳରେ ବଢ଼ିଥିବା ପିଲାମାନେ ଜୀବନସାରା ଏଇ ମାଆମାନଙ୍କୁ ଭୁଲିପାରନ୍ତି ନାହିଁ । ନାରୀ ମାନସିକତା ଭିତରେ ଯେଉଁ ମାଆର ହୃଦୟ ରହିଛି, ତାହା ଜନ୍ମିତ ମାଆଠାରୁ ଯେତିକି ପରିମାଣରେ ମିଳିଥାଏ ଠିକ୍ ସେତିକି ମିଳେ ସାବତମାଆଠାରୁ । ଭୁଲ ବୁଝାମଣା, ଅସୂୟା ମନୋଭାବ ରଖୁଥିବା ମହିଳାଙ୍କ ଆଲୋଚନା ଏବଂ ସାଧାରଣ ତ୍ରୁଟି ବିଚ୍ୟୁତିକୁ ନେଇ ସାବତମାଆ ଉପରେ ଯେଉଁ ଧାରଣା ତିଆରି କରାଯାଇଛି ସେସବୁ ଠିକ୍ ନୁହେଁ ପ୍ରମାଣିତ କରିଛନ୍ତି ସାବତମାଆମାନେ । ଏହି ବ୍ୟବସ୍ଥା ଏବେବି ପ୍ରଚଳିତ ଅଛି । ମାଆ ଓ ସାବତମାଆ ଚରିତ୍ରକୁ ନେଇ ରହିଛି ଭିନ୍ନମତ ।


**ଶିକ୍ଷୟିତ୍ରୀ, ଖଇରମାଳ, ଉପ୍ରା ବିଦ୍ୟାଳୟ, କୁରମେଲ ଗ୍ରାମାପଞ୍ଚାୟତ, ନର୍ଲା, କଳାହାଣ୍ଡି**


# ଭଗବତୀ ଭାରତୀ ଦେବୀ ନମସ୍ତେ

**॥ ଡ଼ଃ.ଅରୁନ୍ଧତୀ ଦେବୀ ॥**

ଆସୁଛି ସରସ୍ୱତୀ ପୂଜା। ଶିକ୍ଷାର୍ଥୀମାନେ ଏହି ପୂଜାକୁ ଆଗ୍ରହ, ଭକ୍ତି ସହକାରେ ପାଳନ କରିଥାନ୍ତି। ମା’ସରସ୍ୱତୀଙ୍କ ଅନ୍ୟ ନାମ ବାଗ୍‌ଦେବୀ। ଧ୍ୱନି, ଶବ୍ଦ ବା ବାକ୍ୟ କହିବାର ମହାନ ଶକ୍ତିଟି ଆମ ପାଖରେ ଯାହା ରହିଛି ତା’ର ନିୟନ୍ତା ହେଉଛନ୍ତି ଏହି ଶୁକ୍ଳବର୍ଣ୍ଣ ବସ୍ତ୍ର ପରିହିତା, ବୀଣାପୁସ୍ତକ ଧାରିଣୀ ମା’ସରସ୍ୱତୀ। ସେ ଆମ କଣ୍ଠଦେଶରେ ବିରାଜମାନ କରି ଆମକୁ ବାଣୀ ବା ବାକ୍ୟ କହିବାର ଶକ୍ତି ପ୍ରଦାନ କରିଥାନ୍ତି। ଏଣୁ ମା’ଙ୍କର ଆରାଧନା କଲାବେଳେ ପିଲାମାନେ ଗାଇ ଉଠିଥାନ୍ତି ସରସ୍ୱତୀ ମା’କଣ୍ଠରେ ଥା, ବିଦ୍ୟା ନଆସିଲେ କହି ଦେଉଥା। ସବୁ ପ୍ରାଣୀମାନଙ୍କ ମଧ୍ୟରେ ଶ୍ରେଷ୍ଠ ପ୍ରାଣୀ ମନୁଷ୍ୟ ହିଁ କଥା କହିବାର କ୍ଷମତା ହାସଲ କରିଛି। ଯଦିଓ କିଛି ଜୀବଜନ୍ତୁ ଅଛନ୍ତି କଥା କହିବା ଭଳି ଧ୍ୱନି ସୃଷ୍ଟି କରିପାରନ୍ତି, ତେବେ ମଣିଷ ପରି କେହି ଏଥିରେ ଧୂରନ୍ଧର ହୋଇପାରନ୍ତି ନାହିଁ। ସୁତରାଂ ବାଗ୍‌ଦେବୀଙ୍କର ତାଙ୍କ ସେହି ଶ୍ରେଷ୍ଠ ସନ୍ତାନ ପ୍ରତି ଅସୀମ କରୁଣା ରହିଛି କହିଲେ ଭୁଲ ହେବନାହିଁ। ତେବେ ଏହି କରୁଣାର ଉପଯୋଗ ଆମେ କିପରି ଭାବେ କରୁଛେ ? ଆଜିକାର ସମୟରେ ଏହା ଚିନ୍ତା କରିବା ନିହାତି ଜରୁରୀ। ପଦିଏ ମଧୁର କଥା ଅନ୍ୟର କ୍ଳେଶ ହରଣ କରିଦେଉଥିବାବେଳେ ସେହି ପଦିଏ କଥା ଅନ୍ୟ ମନକୁ ବିଷାଦମୟ ତଥା ବିଷାକ୍ତମୟ କରିପାରେ। ଏହି କଥାରୁ ହିଁ ସୃଷ୍ଟି ହେଉଛି ଯାବତୀୟ କଳିତକରାଳ। ଏଣୁ ସନ୍ଥମାନେ କହିଯାଇଛନ୍ତି ବିନୟ ମଧୁର ବଚନ, କହି ତୋଷିବ ପ୍ରାଣୀମନ। ତେବେ ମଧୁର କଥା ସତ୍ୟ ଉପରେ ଆଧାରିତ ହୋଇଥିଲେ ତାହା ପ୍ରଭାବଶାଳୀ ହୋଇଥାଏ। ଏଣୁ ବିଜ୍ଞ, ସାଧୁସନ୍ଥମାନେ କଥାର ଅପବ୍ୟବହାର କରିନଥାନ୍ତି। ଯାହା କହିଥାଆନ୍ତି ସତ୍ୟ ଉପରେ ଆଧାରିତ ହୋଇଥାଏ। ନିଜର ଶବ୍ଦ ଉପରେ ଏମାନେ ଏପରି ସିଦ୍ଧି ପ୍ରାପ୍ତ କରିଥାନ୍ତି ଯେ, ଯାହା କହନ୍ତି ତାହା ଫଳବତୀ ହୋଇଯାଏ। ଯାହାକୁ କୁହାଯାଏ ଆଶୀର୍ବଚନ। ଆମର ବିଶ୍ୱାସ ଅଛି ଯେ ଯଦି କେଉଁ ଅସହାୟ, ବୟସ୍କଙ୍କୁ ନିଜରସ୍ୱାର୍ଥ ହାସଲ ଲାଗି ହଇରାଣହରକତ କରୁ ତେବେ ସେମାନଙ୍କ ଯନ୍ତ୍ରଣାଦଗ୍ଧ ହୃଦୟର ଭାବ ଯେଉଁ ବାକ୍ୟ ରୂପେ ଉଚ୍ଚାରିତ ହୁଏ ତାହା ସତ୍ୟରେ ପରିଣତ ହୋଇଯାଏ। ଯାହାକୁ ଅଭିଶାପ ଆଖ୍ୟା ଦିଆଯାଇଛି। ଶାସ୍ତ୍ରରେ ଶବ୍ଦକୁ ବ୍ରହ୍ମ ସହ ତୁଳନା କରାଯାଇଛି। ଯାହାର ଅଧିଷ୍ଠାତ୍ରୀ ହେଉଛନ୍ତି ମା’ସରସ୍ୱତୀ। ଏଣୁ ମା’କଳା ନିପୁଣା। ସବୁ କଳାକାର ମା’ଙ୍କୁ ଆରାଧନା କରି କଳା ସାଧନା କରିଥାନ୍ତି। ମା’ସନ୍ତୁଷ୍ଟ ହେଲେ କଳାକାରର ସାଧନା ସିଦ୍ଧ ହୋଇଥାଏ। ଏହି କ୍ରମରେ ଆମ ଓଡ଼ିଶାର ଝଙ୍କଡ଼ ସାରଳା ପୀଠ କଳାକାରଙ୍କ ତୀର୍ଥ କ୍ଷେତ୍ର ଭାବେ ପରିଚିତ। ଏଠାରେ ମୁଖ୍ୟତଃ ପାଲାଗାୟକମାନେ ମା’ସାରଳାଙ୍କର କରୁଣା ଭିକ୍ଷା କରିଥାନ୍ତି। ମା’ ସନ୍ତୁଷ୍ଟ ହେଲେ ସେମାନେ ନିଜର କଳା ନିର୍ଭୁଲ ଭାବେ ପରିବେଷଣ କରିବାର କ୍ଷମତା ହାସଲ କରିପାରନ୍ତି ବୋଲି କାହିଁ କେଉଁ କାଳରୁ ବିଶ୍ୱାସ ରହିଆସିଛି।

ମା’ସରସ୍ୱତୀ ସକଳ ବିଦ୍ୟାର ଅଧିଷ୍ଠାତ୍ରୀ ଦେବୀ। ଗାୟତ୍ରୀ ରହସ୍ୟୋପନିଷଦରେ ବର୍ଣ୍ଣିତ ଅଛି - ସରସ୍ୱତ୍ୟାଃ ସର୍ବେ ବେଦା ଅଭବନ୍ - ସରସ୍ୱତୀଙ୍କ ପାଖରୁ ସମସ୍ତ ବେଦ ସୃଷ୍ଟି। ମା’ସରସ୍ୱତୀଙ୍କର ବହୁ ନାମ ରହିଛି - ବାକ୍, ବାକ୍ୟେଶ୍ୱରୀ, ଭାରତୀ, ବାଣୀ ଇତ୍ୟାଦି। ମା’ଶୁକ୍ଳବର୍ଣ୍ଣା, ଶ୍ୱେତବସନା, କମଳବାସିନୀ, ହଂସବିହାରିଣୀ, ହସ୍ତରେ ବୀଣା, ଗଳାରେ ମୁକ୍ତାର ମାଳ ଓ କୋଳରେ ପୁସ୍ତକ ଶୋଭିତ। ଏହାର ତାତ୍ପର୍ଯ୍ୟ କ’ଣ ? ସରସ୍ୱତୀ ଶବ୍ଦର ଅର୍ଥ - ସରସ୍ + ବତୀ, ସରସ ମାନେ ଜଳ, ତେଣୁ ମା’ସରସ୍ୱତୀ ହେଲେ ଜଳବତୀ। ସୃ ଧାତୁର ଅନ୍ୟ ଏକ ଅର୍ଥ ହେଉଛି ବିକଶିତ ହେବା। ତେଣୁ ସରସ୍ୱତୀ ଶବ୍ଦରେ ବିକାଶର ବ୍ୟାକୁଳତା ରହିଛି। ମା’ସରସ୍ୱତୀଙ୍କର ଅନ୍ୟ ଏକ ନାମ ବାଗ୍‌ଦେବୀ। ବାକ୍‌ମାନେ ଶବ୍ଦ। ମା’ସରସ୍ୱତୀ ଶବ୍ଦର ଦେବୀ। ସରସ୍ୱତୀ ପ୍ରତିମା ମଧ୍ୟରେ ସୃଜନ ପ୍ରଗତିକୁ ଲକ୍ଷ୍ୟ କରାଯାଏ। ସୃଷ୍ଟିର ଆଦିରେ ଅଛି ଗତି। ଅନନ୍ତ ବକ୍ଷରେ ଆକର୍ଷଣ-ବିକର୍ଷଣ ମଧ ଦେଇ ସୃଷ୍ଟିର ପ୍ରଥମ ସଞ୍ଚାର - ଗତି ଓ ସ୍ପନ୍ଦନ ବା ଶବ୍ଦ। ଅନନ୍ତ ବ୍ୟୋମରେ ଏହି ଶବ୍ଦ ନାନା ରୂପେ ପ୍ରତିଭାତ। ତେଣୁ ଶ୍ରୀମଦ୍ ଭାଗବତରେ ଅଛି - ଆଦିରେ ପରମବ୍ରହ୍ମ ଶବ୍ଦରୂପୀ। ତାଙ୍କୁ ଉପଲବ୍ଧି କରିବାକୁ ହେଲେ ଶବ୍ଦର ଉପାସନା କରିବାକୁ ହେବ। ମା’ସରସ୍ୱତୀ ପୂଜା ସେହି ଶବ୍ଦ ଉପାସନାର ବ୍ୟାପାର।

ମା’ସରସ୍ୱତୀଙ୍କର ଚରଣଯୁଗଳ ପଦ୍ମ ଉପରେ ନ୍ୟସ୍ତ ଓ ପଦ୍ମପାଣିରେ ଫୁଟିଛି। ମନୁସଂହିତାରେ ଅଛି - ଅବ୍ୟକ୍ତ ଈଶ୍ୱର ଯେତେବେଳେ ଜୀବଜଗତ ସୃଷ୍ଟି କରିବାକୁ ଇଛା କଲେ ସେ ପ୍ରଥମେ ପାଣି ବା ଜଳ ସୃଷ୍ଟି କଲେ, ପୁଣି ପଞ୍ଚମହାଭୂତ ଅର୍ଥାତ୍ କ୍ଷିତି, ଅପ୍, ତେଜ, ମରୁତ୍ ଓ ବ୍ୟୋମ ଭିତରେ ପ୍ରଥମ ଘନୀଭୂତ ରୂପ ହେଉଛି ଜଳ। ଅନ୍ୟ ସବୁ ହେଉଛି ବାୟବୀୟ ବା ବାଷ୍ପୀୟ ଅବସ୍ଥା। ଘନୀଭୂତ ପ୍ରଥମ ଭୂତ ହିଁ ହେଲା ହିଁ ପାଣି। ପାଣି ଉପରେ ପଦ୍ମ, ପଦ୍ମ ଶବ୍ଦର ଉତ୍ପତ୍ତି ପଦ୍ ଧାତୁଁ ଠାରୁ - ଅର୍ଥ ଗତି, ସ୍ଥିତି ଓ ପ୍ରାପ୍ତି। ଏହାକୁ ଆଶ୍ରୟ କରି ହିଁ ସୃଷ୍ଟି ବିକଶିତ ବା ବିବର୍ଦ୍ଧିତ। ଏହି ଗତି ଓ ସ୍ଥିତି ସୃଷ୍ଟିର ସବୁକିଛି ମଧ୍ୟରେ ଅନ୍ତଃସୂତ୍ୟ ଓ ଏହା ଆଗେଇ ଚାଲିଛି ପ୍ରାପ୍ତିର ଦିଗରେ। ମା’ସରସ୍ୱତୀ ହଂସାସୀନା, ହଂସ ଅର୍ଥ - ଅହଂ ସଃ ଅର୍ଥାତ୍ ମୁଁ ହିଁ ସେହି ଯିଏ ସର୍ବଜ୍ଞାନର ଅଧିଶ୍ୱରୀ। ପ୍ରତିଟି ମନୁଷ୍ୟ ତାଙ୍କୁ ବହନ କରି ଚାଲନ୍ତୁ, ଏହା ହଂସରୂଢ଼ା ଦେବୀଙ୍କର ତାତ୍ପର୍ଯ୍ୟ। ବିଦ୍ୟାଚର୍ଚ୍ଚା, ମନକୁ ଉଦାର ଓ ପରାର୍ଥପର କରିବା, ସହନ-ଧାରଣ ଓ ବହନ ଶକ୍ତିର ବୃଦ୍ଧି ଏବଂ ହୀନତା-ସଂକୀର୍ଣ୍ଣତା-ସ୍ୱାର୍ଥପରତା ଓ ଅଶ୍ଳୀଳତାର ବିଲୋପ - ଏହା ହିଁ ହେଉଛି ଦେବୀଙ୍କର ହଂସବିହାରିଣୀର ତାତ୍ପର୍ଯ୍ୟ।

ହଂସ ହେଲା କଳନାଦୀ ବା କଳକଣ୍ଠ। କଲ୍ ଧାତୁ ଅର୍ଥ ଗତି ଓ ଶବ୍ଦ। ହଂସରୂପୀ ପ୍ରତିଟି ବ୍ୟକ୍ତିସତ୍ତା ହିଁ ଶବ୍ଦବ୍ରହ୍ମରୁ ଉଦ୍‌ଭୂତ, ଆଉ ସୃଷ୍ଟିର ପ୍ରତିଟି ଅଣୁପରମାଣୁ ମଧ୍ୟରେ ରହିଛି ଏହି ଗତି ବା ଚଳମାନତା। ଗତି ଓ ଶବ୍ଦ ହଂସ ମଧ୍ୟରେ ନିତ୍ୟ ଅବସ୍ଥିତ। ମା’ଙ୍କର କୋଳରେ ପୂଜାପାଏ ବହି। ମା’ ହେଉଛନ୍ତି ବିଦ୍ୟାଦେବୀ, ତାଙ୍କ ପାଖରେ ଅଛି ସୃଜନ ପ୍ରଗତି ଓ ଏହି ସୃଷ୍ଟି ହିଁ ଆଦିବ୍ରହ୍ମ। ବିଦ୍ୟା ଆସିଛି ବିଦ୍ ଧାତୁରୁ - ଅର୍ଥ ଜ୍ଞାନ, ବିଚାର, ଅସ୍ତିତ୍ୱ ଓ ପ୍ରାପ୍ତି। ପ୍ରକୃତ ବିଦ୍ୟାଲାଭ ହେଲେ ଜ୍ଞାନ, ଅସ୍ତିତ୍ୱ, ବିଚାରଶକ୍ତି ଓ ପ୍ରାପ୍ତି ଲାଭ ହୁଏ। ଆଉ ସେ ପ୍ରାପ୍ତି ହେଉଛି - ଧାରଣ-ପାଳନୀ-ସମ୍ବେଗସିଦ୍ଧ ବ୍ୟକ୍ତିତ୍ୱ ବା ଈଶ୍ୱର ପ୍ରାପ୍ତି। ମା’ସରସ୍ୱତୀଙ୍କର ହସ୍ତରେ ଅଛି ବୀଣା - ବୀଣାରୁ ଜାତ ଶବ୍ଦ ବା ଧ୍ୱନୀ - ଐଂ ହେଉଛି ମା’ସରସ୍ୱତୀଙ୍କର ବୀଜମନ୍ତ୍ର। ସାଧନାର ବିଭିନ୍ନ ସ୍ତରରେ ଏହି ଧ୍ୱନୀ ଶୁଣାଯାଏ, ମା’ସରସ୍ୱତୀଙ୍କର ବୀଜମନ୍ତ୍ର ଯେଉଁଠାରେ ଶୁଣାଯାଏ ତାହା ହେଉଛି ସତ୍ୟଲୋକ - ଯେଉଁଠାରେ ଅସ୍ତିତ୍ୱର ବାର୍ତ୍ତା ପ୍ରଚାରିତ ହୁଏ। ଶବ୍ଦ ସାଧନାରେ ଅଧିଗତ ହେଲେ ସୃଷ୍ଟିଧାରାର ମୂଳ ରହସ୍ୟ ଭକ୍ତକୁ ପ୍ରାପ୍ତ ହୁଏ। ମା’ସରସ୍ୱତୀଙ୍କର ଆଉ ଏକ ନାମ ଭଦ୍ରକାଳୀ - ଅର୍ଥାତ୍ ସେ କଲ୍ୟାଣଗତିସମ୍ପନ୍ନା। ମା’ସରସ୍ୱତୀଙ୍କର ଆଠଟି ଶକ୍ତି ଯଥା - ଲକ୍ଷ୍ମୀ, ମେଧା, ଧରା, ତୁଷ୍ଟି, ଗୌରୀ, ପୁଷ୍ଟି, ପ୍ରଭା ଓ ଧୃତି। ମା’ସରସ୍ୱତୀ ଶୁକ୍ଳବର୍ଣ୍ଣା, ଶୁଭ୍ରବସ୍ତ୍ରାବୃତା। ଏହି ଶୁଭ୍ର ବା ଧଳାରଙ୍ଗ ପବିତ୍ରତାର ପ୍ରତୀକ। ପୁଣି ସତ୍ତ୍ୱଗୁଣର ରଙ୍ଗ ମଧ ଧଳା। ସତ୍ତ୍ୱଗୁଣମାନେ ଅସ୍ତିତ୍ୱ ଯେଉଁଠାରେ ବଜାୟ ରହେ ତାହାର ଚର୍ଚ୍ଚା। ସତ୍ତ୍ୱଗୁଣର ଚରିତ୍ର ହେଉଛି ହାଲୁକା। ତାହା ସହଜରେ ଉପରକୁ ଉଠିପାରେ। ଯାହାର ନୀଚ ଦିଗରେ ଓଜନ ଭାରି ନୁହେଁ ଅର୍ଥାତ୍ ପ୍ରବୃତ୍ତିର ପାଷାଣଭାର ଠାରୁ ଯିଏ ମୁକ୍ତ ସେ ହିଁ ପ୍ରକୃତରେ ମୁକ୍ତ। ପୁଣି ସବୁବର୍ଣ୍ଣ ଏକତ୍ର ମିଳିଲେ ଧଳାବର୍ଣ୍ଣ ହୁଏ। ମା’ସରସ୍ୱତୀଙ୍କର ଏହି ଶୁଭ୍ରବର୍ଣ୍ଣ ମଧ୍ୟରେ ଏହି ମିଳନ ବା ସମାହାରର ଇଙ୍ଗିତ ପ୍ରତିଭାତ ହୁଏ। ଏହିସବୁକୁ ଲକ୍ଷ୍ୟ କଲେ ଜଣାଯାଏ ମା’ସରସ୍ୱତୀଙ୍କର ଉପାସନା ମାନେ ପରମବ୍ରହ୍ମର ଉପାସନା, ସୃଷ୍ଟି ତତ୍ତ୍ୱର ଉପାସନା। ଏହି ତାତ୍ପର୍ଯ୍ୟ ବୁଝି ଯେଉଁମାନେ ପୂଜା କରନ୍ତି ସେମାନଙ୍କର ପୂଜା ସାର୍ଥକ ହୁଏ। ‘ବିକାଶ-ବ୍ୟାକୁଳ ଗତି ହିଁ ଯାହାଙ୍କର ସଂସ୍ଥିତି - ସେ ହିଁ ମା’ ସରସ୍ୱତୀ, ଆଉ ବାକ୍ ବା ଶବ୍ଦ ହିଁ ଯାହାଙ୍କର ସତ୍ତା - ସେ ହିଁ ବାଗ୍‌ଦେବୀ; ତେଣୁ ଯିଏ ବାଗ୍ ଦେବୀ, ସେ ହିଁ ମା’ ସରସ୍ୱତୀ’।


ଆନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ,
କଟକ, ଦୂରଭାଷ : ୯୯୩୭୧୭୨୮୧୦


# ଡାକୋଟା ବିମାନ : ଏକ ଅନନ୍ୟ ଅନୁଭବ

**॥ ଶ୍ୟାମ ସୁନ୍ଦର ସାମଲ ॥**

ପ୍ରବାଦ ପୁରୁଷ ଦୁର୍ଦ୍ଧର୍ଷ ପାଇଲଟ ବିଜୁ ପଟ୍ଟନାୟକଙ୍କ ଐତିହାସିକ ସ୍ମୃତି ବହନ କରୁଥିବା ଡାକୋଟା ବିମାନ ଇତିମଧ୍ୟରେ ଭୁବନେଶ୍ୱରରେ ପହଞ୍ଚିଛି। ଦୀର୍ଘବର୍ଷ ଧରି କୋଲକାତାସ୍ଥିତ ନେତାଜୀ ସୁଭାଷ ଆନ୍ତର୍ଜାତିକ ବିମାନ ବନ୍ଦରରେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିବା ପରେ ଶେଷରେ ଏ ସ୍ମୃତି ସନ୍ତକଟିକୁ ଓଡ଼ିଶା ଅଣାଯାଇଛି। ଏ ବିମାନରେ ବିଜୁ ପଟ୍ଟନାୟକ ଅନେକ ଦୁଃସାହସିକ ଉଡାଣ କରିଛନ୍ତି। ଏହା ମଧ୍ୟରେ ସବୁଠୁ ଶ୍ରେଷ୍ଠ ହେଉଛି ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ଡଚମାନଙ୍କ କବଳରୁ ମୁକ୍ତ କରି ଭାରତ ଉଡାଇ ଆଣିବା। ୧୯୪୭ ମସିହା ଜୁଲାଇ ମାସରେ ଇଣ୍ଡୋନେସିଆର ତତ୍କାଳୀନ ସୁଲତାନ ଶାଜାହିର ଓ ଉପରାଷ୍ଟ୍ରପତି ସୁକର୍ଣ୍ଣୋଙ୍କୁ ବିଜୁବାବୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ ଏହି ଡାକୋଟା ବିମାନରେ। ଏହି ଅଭିଯାନରେ ବିଜୁ ବାବୁଙ୍କ ସହିତ କେବଳ ଜଣେ ସହ ପାଇଲଟ ଥିଲେ। ସେ ହେଉଛନ୍ତି ତାଙ୍କ ପତ୍ନୀ ଜ୍ଞାନ ପଟ୍ଟନାୟକ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ମଧ ନିଜ ଜୀବନକୁ ବାଜି ଲଗାଇ ବିଜୁବାବୁ ଅନେକ ଇଂରେଜଙ୍କ ଜୀବନ ରକ୍ଷା କରିଥିଲେ। ଦୁର୍ଭାଗ୍ୟର କଥା ସ୍ୱାଧୀନତା ସଂଗ୍ରାମୀଙ୍କ ସହ ତାଙ୍କର ଗୁପ୍ତ ସମ୍ପର୍କ ଖବର ପାଇଁ ବ୍ରିଟିଶ ସରକାର ତାଙ୍କୁ ୧୧୪୩, ଜାନୁଆରୀ ୧୨ ତାରିଖରେ ଗିରଫ କରିଥିଲେ। ଜେଲରୁ ମୁକ୍ତ ହେବା ପରେ ସେ ନିଜ ଉଦ୍ୟମରେ କଳିଙ୍ଗ ଏୟାରୱେଜ ସହିତ ଭୁବନେଶ୍ୱରରେ ଏକ ପାଇଲଟ ତାଲିମ ପ୍ରତିଷ୍ଠାନ ଆରମ୍ଭ କରିଥିଲେ।

ଡାକୋଟା ସହିତ ବିଜୁ ବାବୁଙ୍କର ଅନେକ ସ୍ମୃତି ଜଡ଼ିତ ରହିଛି। ସ୍ୱାଧୀନତା ସଂଗ୍ରାମର ଅନେକ କାହାଣୀର ମୁକସାକ୍ଷୀ ଏହି ବିମାନ। ତେଣୁ ଏଭଳି ଏକ ସ୍ମୃତି ବିଜଡ଼ିତ ସ୍ମାରକୀ ଆମ ରାଜ୍ୟକୁ ଫେରି ଆସିବାରେ ସମସ୍ତଙ୍କ ଭିତରେ ଏକ ଖୁସିର ଲହରି ଖେଳିଯାଇଛି। ଯୁବ ବର୍ଗ ଏବଂ ବିଶେଷକରି ସ୍କୁଲ ଛାତ୍ରଛାତ୍ରୀଙ୍କ ଭିତରେ ଏ ବିମାନ ଏବଂ ବିଜୁବାବୁଙ୍କ ଦୁଃସାହସିକ କାହାଣୀକୁ ନେଇ ଉତ୍ସାହ ବଢ଼ିଛି। ଖଣ୍ଡ ଖଣ୍ଡ ହୋଇ ଆସିଥିବା ଏ ବିମାନଟିକୁ ପୁଣିଥରେ ଯୋଡ଼ା ଯାଇ ଭୁବନେଶ୍ୱର ବିମାନ ବନ୍ଦରର ଟର୍ମିନାଲ-୧ ସମ୍ମୁଖରେ ସର୍ବସାଧାରଣଙ୍କ ପ୍ରଦର୍ଶନ ପାଇଁ ରଖାଯିବ। ଏଥିପାଇଁ ଭାରତୀୟ ବିମାନ ବନ୍ଦର କର୍ତ୍ତୃପକ୍ଷ ରାଜ୍ୟ ସରକାରଙ୍କୁ ୧.୧ ଏକର ଜମି ଯୋଗାଇ ଦେଇଛନ୍ତି। ଏଠାରେ ନୂଆ ରୂପରେ ଦେଖିବାକୁ ମିଳିବ ଡାକୋଟା ବିମାନକୁ। ଆସନ୍ତା ୫ ତାରିଖରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଲୋକାର୍ପଣ କରିବେ ବୋଲି ଜଣାଯାଇଛି।

ଏ ଅବସରରେ ସରକାରଙ୍କୁ ଏକ ପରାମର୍ଶ - ଆଗାମୀ ପିଢ଼ିଙ୍କୁ ଉଦବୁଦ୍ଧ କରିବା ପାଇଁ ବିଜୁବାବୁଙ୍କ ପାଇଲଟ ଜୀବନ ଏବଂ ସ୍ୱାଧୀନତା ସଂଗ୍ରାମରେ ଡାକୋଟାର ସହଯୋଗ ସମ୍ପର୍କିତ ଏକ ପ୍ରାମାଣିକ ଚଳଚ୍ଚିତ୍ର ଯଦି



କରାଯାଇ ପାରନ୍ତା ଏହା ଛାତ୍ରଛାତ୍ରୀଙ୍କ ପାଇଁ ଅଧିକ ଉପାଦେୟ ହୋଇପାରନ୍ତା। ୧୯୩୦ ଦଶକରେ ଓଡ଼ିଶାର ଜଣେ ଯୁବକ ରେଭେନ୍ସା ମହାବିଦ୍ୟାଳୟରେ ବିଏସସି ପଢୁଥିବା ବେଳେ ପାଇଲଟ ହେବାର ଆଗ୍ରହରେ ପାଠପଢ଼ା ଛାଡ଼ି ୧୯୩୬ ମସିହାରେ ପାଲଇଟ ଟ୍ରେନିଂ ନେଇ ଇଂରେଜ ସରକାରଙ୍କ ଇଣ୍ଡିଆନ ନ୍ୟାସନାଲ ଏୟାର ୱେଜରେ ପାଇଲଟ ରୂପେ ଯୋଗଦେବା ଏକ କାହାଣୀ ଭଳି ଲାଗିପାରେ ଆଜିର ଯୁବପିଢ଼ିଙ୍କୁ। ତେଣୁ ଏସବୁ ସ୍ମୃତି ଏବଂ ତଥ୍ୟକୁ ସାଇତି ରଖିବା ପାଇଁ ଡାକୋଟା ବିମାନ ଭିତରେ ବସି ଦର୍ଶକ ଦେଖି ପାରନ୍ତେ ଏହା ଏକ ଅନନ୍ୟ ଅନୁଭବ ହୋଇପାରନ୍ତା ସେମାନଙ୍କ ପାଇଁ। ସରକାର ଏ ଦିଗରେ ଚିନ୍ତା କରିବେ ବୋଲି ଆଶା।


ପୂର୍ବତନ କେନ୍ଦ୍ରାଞ୍ଚଳ ସଂଯୋଜକ, ଶ୍ରୀସତ୍ୟସାଇ ସେବା ସମିତି, କଟକ, ଦୂରଭାଷ : ୯୭୭୮୬୩୫୯୨୬

## ବିଦ୍ୟୁତ ସଂସ୍ପର୍ଶରେ ଆସି ଯୁବକ ମୃତ

କରଞ୍ଜିଆ,(ମହାଭାରତ) ମୟୂରଭଞ୍ଜ ଜିଲ୍ଲା ମହୁଲଡ଼ିହା ଥାନା ଅନ୍ତର୍ଗତ ମହୁଲଡ଼ିହା ଗ୍ରାମ ଯାଉଁରୀଧର ସାହିରେ ରବିବାର ଅପରାହ୍ନ ସମୟରେ ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ଯୁବକ ଙ୍କ ମୃତ୍ୟୁ ଘଟିଛି।ମୃତ ଯୁବକ ଜଣକ ହେଉଛନ୍ତି ଯାଉଁରୀଧର ସାହିର ଦାନ୍ତୁରାମ ଟୁଡୁ ଙ୍କ ପୁଅ ଫାଗୁ ଚରଣ ଟୁଡୁ (୨୩) ବୋଲି ଜଣାପଡ଼ିଛି। ଦିନ ପ୍ରାୟ ୪ ଟା ସମୟରେ ଫାଗୁ ଚରଣ ଗାଁ ରେ ଲାଗିଥିବା ଟ୍ରାନ୍ସଫର୍ମର ଖୁଣ୍ଟରେ ଚଢି ଯାଇଥିଲେ ।ସେଠାରେ ସେ ବିଦ୍ୟୁତ ସଂସ୍ପର୍ଶରେ ଆସି ଯାଇ ଖୁ□ ଉପରୁ ତଳକୁ ଖସି ପଡ଼ିଥିଲେ ।ପରେ ସ୍ଥାନୀୟ ଲୋକ ଓ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରି ଥିଲେ ।ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମହୁଲଡ଼ିହା ଥାନା ପୋଲିସ ଶବକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି ।ଯୁବକ ଜଣକ ମସ୍ତିଷ୍କ ଖରାପ ଥିବା ନେଇ ପରିବାର ଲୋକେ କହିଛନ୍ତି।

## ସିଓ୍ୱଜ୍ ସିପିଙ୍ଗ କର୍ମଚାରୀଙ୍କ ଧର୍ମଘଟକୁ ସମର୍ଥନ ଜଣାଇଲା ପାରାଦୀପ ନଗର କଂଗ୍ରେସ୍

ପାରାଦୀପ(ମହାଭାରତ): ପାରାଦୀପ ବନ୍ଦରରେ ପଣ୍ୟ କାରବାର କରୁଥିବା ସିଓ୍ୱଜ୍ ସିପିଙ୍ଗ ଆଣ୍ଡ ଲଜିଷ୍ଟିକ୍ସ କମ୍ପାନୀ ଲିମିଟେଡ୍ ପାରାଦୀପରେ ପଣ୍ୟ କାରବାର କରିବା ଦିନଠାରୁ ସବୁବେଳେ ଚର୍ଚ୍ଚାରେ ରହି ଆସିଛି । ଡମ୍ପର ମାଲିକମାନଙ୍କୁ ଡମ୍ପର ଭଡା ନଦେବାରୁ ବାରମ୍ବାର ଡମ୍ପର ମାଲିକ ସଂଘ ଧାରଣା ଦେଇଛନ୍ତି । ଅପରପକ୍ଷରେ କମ୍ପାନୀ ତାର ନିଜ କର୍ମଚାରୀମାନଙ୍କୁ ଦୀର୍ଘ ଦିନ ହେବ ଦରମା ଦେଉନାହିଁ । ଯାହାର ପ୍ରତିବାଦରେ କର୍ମଚାରୀମାନେ ୧୨ ଦିନ ହେବ ଧାରଣା ଦେଇଛନ୍ତି । କମ୍ପାନୀରେ କାମ କରୁଥିବା ୨୧ ଜଣ ଶ୍ରମିକ ଦରମା ନପାଇ କମ୍ପାନୀ ଗେଟ୍ ଆଗରେ ଧାରଣାରେ ବସିଛନ୍ତି। କମ୍ପାନୀ କର୍ତ୍ତୃପକ୍ଷ ଏହି ଧାରଣାରତ ଶ୍ରମିକଙ୍କୁ ଦରମା ଦେବାତ ଦୂରର କଥା ସ୍ଥାନୀୟ ଅଧିକାରୀ ସେମାନଙ୍କୁ ସୌଜନ୍ୟତାର ସହିତ ଭେଟିବାକୁ ଆସୁ ନାହାନ୍ତି ଯେ ସିଓ୍ୱଜ୍ ସିପିଙ୍ଗ ଆଣ୍ଡ ଲଜିଷ୍ଟିକ୍ସ କମ୍ପାନୀ ଲିମିଟେଡ୍ର ଧାରଣାରତ ଶ୍ରମିକମାନେ ବିଭିନ୍ନ ସ୍ତରରେ ଦାବୀ ଜଣାଇଥିଲେ ବି କୌଣସି ଫଳ ମିଳିନାହିଁ ଯେ ବାଧ ହୋଇ ଧାରଣାରତ ଶ୍ରମିକମାନେ ପାରାଦୀପ ନଗର କଂଗ୍ରେସ୍ ନେତାମାନଙ୍କୁ ଭେଟି ସେମାନଙ୍କ ସମସ୍ୟାର ସମାଧାନ ପାଇଁ ଆଲୋଚନା କରିଥିଲେ । ରବିବାର ଦିନ ପାରାଦୀପ କଂଗ୍ରେସ୍ ନେତା ନିରଂଜନ ନାୟକ, ନଗର କଂଗ୍ରେସ୍ ସଭାପତି କେଦାର ବିଶ୍ୱାଳଙ୍କ ସମେତ ବହୁ କଂଗ୍ରେସ୍ ନେତା ଧାରଣାସ୍ଥଳରେ ପହଂଚି ଧାରଣାରତ ୨୧ କର୍ମଚାରୀଙ୍କୁ ସମର୍ଥନ ଜଣାଇଥିଲେ ।ଆଗାମୀ ୧୦ ଦିନ ମଧ୍ୟ ଯଦି ସିଓ୍ୱଜ୍ ସିପିଙ୍ଗ ଆଣ୍ଡ ଲଜିଷ୍ଟିକ୍ସ କମ୍ପାନୀ ଏହି କର୍ମଚାରୀମାନଙ୍କୁ ସେମାନଙ୍କ ବକେୟା ଦରମା ପ୍ରଦାନ ନକରେ ତେବେ ନଗର କଂଗ୍ରେସ୍ ଏହି ଆନ୍ଦୋଳନକୁ ଜୋରଦାର କରିବ ବୋଲି କହିଛନ୍ତି କଂଗ୍ରେସ୍ ନେତା ନିରଂଜନ ନାୟକ । ଓଡିଶା ପ୍ରଗତିର ମୂଖଶାଳା



ପାରାଦୀପରେ ଅଣଓଡିଆ କମ୍ପାନୀମାନେ ଅଣଓଡିଆ ଶ୍ରମିକମାନଙ୍କୁ ଆଣି କାମ କରୁଛନ୍ତି । ଓଡିଆ ଶ୍ରମିକମାନଙ୍କୁ ଦରମା ନଦେଇ ନାନା ହଇରାଣ ହରକତ କରୁଛନ୍ତି ଯାହାର ଏକ ବଡ ନମୁନା ସିଓ୍ୱଜ୍ ସିପିଙ୍ଗ ଆଣ୍ଡ ଲଜିଷ୍ଟିକ୍ସ କମ୍ପାନୀ ବୋଲି କହିଛନ୍ତି ନଗର କଂଗ୍ରେସ୍ ସଭାପତି କେଦାର ବିଶ୍ୱାଳ । ପ୍ରକାଶଥାଉକି, ଦୁଇ ଦିନ ପୂର୍ବେ ସିଓ୍ୱଜ୍ ସିପିଙ୍ଗ ଆଣ୍ଡ ଲଜିଷ୍ଟିକ୍ସ କମ୍ପାନୀର ଲାଇମ୍ ଷ୍ଟୋନ୍ ଖଲାସ କରିବାକୁ ଆସିଥିଲା ।ପାରାଦୀପ ଡମ୍ପର ମାଲିକ ସଂଘର ପ୍ରାୟ ୪କୋଟି ଟଙ୍କା ଭଡା ବାବଦକୁ ବାକି ରଖିଥିବା ସିଓ୍ୱଜ୍ ସିପିଙ୍ଗ ଆଣ୍ଡ ଲଜିଷ୍ଟିକ୍ସ କମ୍ପାନୀକୁ ଜାହାଜରୁ ପଣ୍ୟ ଖଲାସ ପାଇଁ ଡମ୍ପର ଦେବାକୁ ମନା କରି ଦେଇଥିଲା ଡମ୍ପର ମାଲିକ ସଂଘ । ବାଧ ହୋଇ ଜାହାଜଟି ଶନିବାର ଦିନ ପାରାଦୀପ ବନ୍ଦର ଛାଡି ଦେଇ ଆଙ୍କରେଜ୍କୁ ଯାଇଥିଲା । ପରେ ରବିବାର ଦିନ ଜାହାଜରୁ ପଣ୍ୟ ଖଲାସ କରାଯିବା ପାଇଁ ବିକଳ୍ପ ବ୍ୟବସ୍ଥା ହେବାରୁ ଜାହାଜରୁ ପଣ୍ୟ ଖଲାସ ହେଉଛି । ସିଓ୍ୱଜ୍ ସିପିଙ୍ଗ ଆଣ୍ଡ ଲଜିଷ୍ଟିକ୍ସ କମ୍ପାନୀର ଏଭଳି ମନୋମୁଖୀ କାର୍ଯ୍ୟକୁ ଡମ୍ପର ମାଲିକ ସଂଘ ନିନ୍ଦା କରିଥିବା ବେଳେ ରବିବାର ଦିନ ଧାରଣାରତ ଶ୍ରମିକମାନଙ୍କ ପାଇଁ କଂଗ୍ରେସ୍ର ସହାୟତା ମିଳିଥିବାରୁ ଧାରଣାରତ ଶ୍ରମିକମାନେ କଂଗ୍ରେସ୍ ନେତୃମଣ୍ଡଳୀଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ଅବ୍ୟବସ୍ଥା ଘେରରେ ଖଡ଼ିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର

## ଡାକ୍ତର ଅଭାବରୁ ରୋଗୀ ହନ୍ତସନ୍ତ




ଖଡ଼ିଆଳ:(ମହାଭାରତ) ଖଡିଆଳ ସହର ହେଉଛି ନୂଆପଡା ଜିଲ୍ଲାର ଏକ ପ୍ରମୁଖ ସହର ଯାହାକି ନୂଆପଡା ଜିଲ୍ଲାର ପ୍ରାଣକେନ୍ଦ୍ର କହିଲେ ଅତ୍ୟୁକ୍ତି ହେବନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ, ବାଣିଜ୍ୟ ବ୍ୟବସାୟ ପାଇଁ ଲକ୍ଷାଧିକ ଲୋକ ଏହି ଖଡ଼ିଆଲ ସହର ଉପରେ ନିର୍ଭର କରନ୍ତି। ବିଶେଷ କରି ଖଡିଆଳ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଜିଲାର ଖଡିଆଳ, ବୋଡ଼େନ, ସିନାପାଲି ବ୍ଲକ ଓ ବଲାଙ୍ଗିର ଜିଲାର ବଙ୍ଗୋମୁଣ୍ଡା ବ୍ଲକ ଓ ଛତିଶଗଡ ରାଜ୍ୟର ଦେଓଭୋଗ ଅ□ଞ୍ଚଅଧିକାଂଶରେ ନିର୍ଭର କରିଥାନ୍ତିୟ କିନ୍ତୁ ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଏବେ ଡାକ୍ତରଙ୍କ ସହ ଅନ୍ୟାନ୍ୟ ଅସୁବିଧା ଗୁଡିକ ଲାଗି ରହିଛି। ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟର ନୂତନ ଗୃହ ଉଦଘାଟିତ ହୋଇ ନଥିବା ବେଳେ ଆଜିଯାଏ ଡିଜିଟାଲ ଏକ୍ସରେ କାର୍ଯ୍ୟକ୍ଷମ ହୋଇ ପାରିନି। ଏହି ଡାକ୍ତରଖାନାରେ କୋଡ଼ିଏ ଜଣ ଡାକ୍ତର ରହିବା କଥା କିନ୍ତୁ ବର୍ତ୍ତମାନ ବାର ଜଣ ଡାକ୍ତର ରହିଛନ୍ତି । ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ତିନି ବର୍ଷ ହେଲା ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଡାକ୍ତର ନଥିବା ବେଳେଏହି ବିଭାଗର ଜଣେ ଅବସରପ୍ରାପ୍ତ ଡାକ୍ତର ରହି କାମ ଚଳାଉଥିବା ଦେଖିବାକୁ ମିଳିଛି ହେଲେ ସେ ଅଧିକାଂଶ ସମୟ ନିଜ କ୍ଲିନିକରେ ରହନ୍ତି। ଫଳରେ ପ୍ରସବ ପାଇଁ ଅଧିକାଂଶ ମହିଳା ସ୍ଥାନୀୟ ମିଶନ ହସ୍ପିଟାଲ କିବା ନୂଆପଡା ଜିଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇଥାନ୍ତି। ସେହିପରି ଶିଶୁ ବିଶେଷଜ୍ଞ ଡାକ୍ତର ଅଧିକାଂଶ ସମୟ ତାଲିମ ଦେବା ପାଇଁ ନିଯୋଜିତ ହୋଇଥାନ୍ତି ଓ ନିଜ କ୍ଲିନିକରେ ସମୟ ଦେଇଥାନ୍ତି। ଏହି ହସ୍ପିଟାଲରେ ଏକ ବ୍ଲଡ୍ ବ୍ୟାଙ୍କ୍ ପାଇଁ ଦୀର୍ଘ ଦିନରୁ ଦାବି ହୋଇ ଆସୁଛି କିନ୍ତୁ ସରକାର ଶୁଣୁ ନାହାନ୍ତିୟ ଡାକ୍ତର ଅଭାବ ଯୋଗୁ ରୋଗୀ ମାନଙ୍କୁ ରେଫର୍ କରି ଦିଆ ଯାଉଥିବା ଅଭିଯୋଗ ହେଉଛି। କେବଳ ଡାକ୍ତର ସମସ୍ୟା ନୁହଁ, ଅନ୍ୟାନ୍ୟ ଅସୁବିଧା ମଧ୍ୟ ଏହି ଡାକ୍ତରଖାନାରେ ରହିଛି । ଶୌଚାଳୟ ସବୁ ସଫା ରହୁ ନଥିବାରୁ ରୋଗୀ ଓ ସଂପର୍କୀୟ ମାନେ ବାହାରକୁ ଯିବାକୁ ବାଧ୍ୟ ହେଉଛନ୍ତି। ଫିଲଟରକୁ ତାଲା ଦେଇଥିବାରୁ ପାନୀୟ ଜଳର ଅସୁବିଧା ହେଉଛି। ଏନେଇ ଖଡ଼ିଆଳ ସ୍ୱାସ୍ଥ୍ୟ କେନ୍ଦ୍ରର ଇନ୍ ଚାର୍ଜ ଡାକ୍ତର ରଞ୍ଜିତ ରାଉତଙ୍କୁ ପଚାରିବାରୁ ପାଣି ଅଭାବ ଯୋଗୁ କିଛି ଦିନ ପରିମଳ ଅସୁବିଧା ହୋଇଥିବା ସ୍ୱୀକାର କରିଥିଲେ ଓ ଦରକାର ନଥିଲେ କାହାକୁ ରେଫର କରାଯାଉନି ବୋଲି କହିବା ସହ ଅନ୍ୟାନ୍ୟ ଅସୁବିଧା ଅତିଶିଘ୍ର ସମାଧାନ ହୋଇଯିବ ବୋଲି କହିଥିଲେ।

## ବିପର୍ଯ୍ୟୟ ପରିଚାଳନା ପାଇଁ ସାମୂହିକ ଓ ବ୍ୟକ୍ତିଗତ ସ୍ତରୀୟ ପ୍ରସ୍ତୁତି ନିମନ୍ତେ ପ୍ରଶିକ୍ଷଣ



କନ୍ଧମାଳ; (ମହାଭାରତ):ବିପର୍ଯ୍ୟୟ ପରିଚାଳନା ରେ ଆମ ରାଜ୍ୟ ଓଡିଶା ଦେଶରେ ଆଗରେ ଥିବାବେଳେ ଏବେ ସରକାରଙ୍କ ର ଲକ୍ଷ୍ୟ ରାଜ୍ୟର ସମସ୍ତ ଜନସାଧାରଣ କିପରି ଗ୍ରାମା□ଳରେ ଘଟୁଥିବା ବିଭିନ୍ନ ବିପଦକୁ ସଠିକ୍ ଭାବରେ ସାମ୍ନା କରି ତାର ସୁପରିଚାଳନା କରପାରିବେ । ସେଥିନିମନ୍ତେ ପ୍ରତ୍ୟେକ ସରକାରୀ ଓ ବେସରକାରୀ ସ୍ତରରେ ପ୍ରସ୍ତୁତି ଯାରି ରହିଛି । ଏହି ପରିପ୍ରେକ୍ଷୀରେ ଆଜି ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ , କନ୍ଧମାଳ ବିପର୍ଯ୍ୟୟ ପରିଚାଳନା ପ୍ରସମନ ବିଭାଗ ଓ କଟକ ର ମୁଣ୍ଡୁଳି ସ୍ଥିତ ଜାତୀୟ ବିପର୍ଯ୍ୟୟ ପ୍ରସମନ ବଳ ଙ୍କ ମିଳିତ ସହଯୋଗ ରେ ଫୁଲବାଣୀ ବ୍ଲକ୍ କାଣିବାଲି ଠାରେ ଟିମ୍ କମାଣ୍ଡର ବିନୋଦ କୁମାର ମିନା ଙ୍କ ଅଧକ୍ଷ୍ୟତା ରେ ଗ୍ରାମ୍ୟସ୍ତରୀୟ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଏକ ଦିନିକିଆ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ପ୍ରଶିକ୍ଷଣ ଶିବିରରେ ଗ୍ରାମବାସି ଙ୍କୁ ବିଭିନ୍ନ ବିପର୍ଯ୍ୟୟ ସମୟରେ ବିଭିନ୍ନ କୌଶଳ ମାଧମରେ ଯଥା-ପାଣିରେ ବୁଡିଯାଉଥିବା ବେଳେ, ବିଜୁଳି ମାରିବା ସମୟରେ, ଭୂମିକମ୍ପ ସମୟରେ, ସାପ ଦଂଶନ ସମୟରେ, ଛୋଟ ପିଲା କିମ୍ବା ବଡ ଲୋକ ଙ୍କ ଗଳାରେ କିଛି ଦ୍ରବ୍ୟ ଲାଗିଗଲା ବେଳେ କିପରି ନିଜକୁ ରକ୍ଷା କରି ପାରିବେ ସେ ବିଷୟରେ ଶିକ୍ଷା ପ୍ରଦାନ କରାଯାଇଥିଲେ । ଅନୁଷ୍ଠାନର ବରିଷ୍ଠ କର୍ମୀ ବିଶ୍ୱରଞ୍ଜନ କର ଉପସ୍ଥିତ ରହି ଏହି କର୍ମଶାଳା ମାଧମରେ ବିଭିନ୍ନ ବିପଦର ରୂପରେଖ କୁ ବର୍ଣ୍ଣନା କରିବା ସହ କିପରି ସ୍ଥାନୀୟ ଜନପ୍ରତିନିଧି, ବିଭିନ୍ନ ବିଭାଗ ର ଅଧିକାରୀ, ସ୍ଥାନୀୟ ସ୍ୱେଚ୍ଛାସେବୀ କର୍ମକର୍ତ୍ତା ଓ ଗାଁ ସ୍ତରରେ ଉପଲବ୍ଧ ସମ୍ବଳ କୁ ବ୍ୟବହାର କରି ବିପଦକାଳୀନ ପ୍ରଶମନ କରିପାରିବେ ତାହାର ବିଭିନ୍ନ ଉଦାହରଣ ମାଧମରେ ବୁଝାଇବାକୁ ଚେଷ୍ଟା କରିଥିଲେ । ସ୍ୱାତୀ ଅନୁଷ୍ଠାନ ର ସଂପାଦକ ହରି ଶଙ୍କର ରାଉତ ଙ୍କ ତତ୍ୱାବଧାନ ରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ବିପର୍ଯ୍ୟୟ ପ୍ରସମନ ବଳ ତରଫରୁ ଆଦିଦାଶ ତ୍ରିପାଠୀ, ମନୋରଞ୍ଜନ ମିଶ୍ର, କ୍ରିଷ୍ଣା ଡାଙ୍ଗା , ମିକ୍ରମ ସାହୁ ଓ ମୁକେଶ ରାଘବ ପ୍ରମୁଖ ବିଭିନ୍ନ କୌଶଳ ଗ୍ରାମବାସି ଙ୍କ ସମ୍ମୁଖରେ ପ୍ରଦର୍ଶିତ କରି ବୁଝାଇଥିଲେ ଯେ ଏହି କାର୍ଯ୍ୟକ୍ରମ ର ମୂଖ୍ୟ ଉଦ୍ଦେଶ୍ୟ ହେଉଛି ଜନସାଧାରଣ ମାନଙ୍କୁ ଛୋଟ ଛୋଟ ଜ୍ଞାନ କୌଶଳ ଶିଖାଇ ବିପଦ ସମୟରେ ମୂଲ୍ୟବାନ ଜୀବନ ବଞ୍ଚାଇବା। ସ୍ଥାନୀୟ ପଞ୍ଚାୟତ ପ୍ରତିନିଧି ଚନ୍ଦ୍ରାବତୀ ମୁଖୀ ଙ୍କ ସହିତ ୧୦୦ ରୁ ଅଧିକ ପୁରୁଷ ମହିଳା ଯୋଗଦେଇ ପ୍ରଶିକ୍ଷଣ ନେଇଥିବା ବେଳେ ମା ଗୃହ କର୍ତ୍ରିଙ୍ଗିଆ ତରଫରୁ ସସ୍ମିତା ବେହେରା ଓ ଗିତାଞ୍ଜଳୀ ମୁଖୀ ପରିଚାଳନା ରେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମର ଶେଷ ଭାଗରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଙ୍କ ଦ୍ୱାରା ପରିଚାଳିତ ମା ଗୃହ ସେବା ସମ୍ପର୍କିତ ଏକ ଆଲୋଚନା କରାଯାଇ ଆନୁଷ୍ଠାନିକ ପ୍ରସବ କୁ ସୁନିଶ୍ଚିତ କରିବା ପାଇଁ ଦିଆଯାଉଥିବା ବିଭିନ୍ନ ସୁବିଧା ସୁଯୋଗ ବିଷୟରେ ସୂଚନା ଦିଆଯାଇଥିଲା ।

## କ୍ଷୁଦ୍ର ଚଳଚ୍ଚିତ୍ର 'ଅଦମ୍ୟ'ର ପ୍ରିମିୟର ଶୋ, ଯୋଗଦେଲେ ଅଭିନେତା




ଆସିକା(ମହାଭାରତ)ଆସିକା ସେନେ କାର୍ଣ୍ଣିଭାଲ ଠାରେ ରିଲିଜ ହେଲା ସିନେମା ଅଦମ୍ୟୟ କ୍ରିଷ୍ଣା ଡିକେ ନିର୍ଦ୍ଦେଶିତ ଓ ସିମାଞ୍ଚଳ ମହାରଣାଙ୍କ ଦ୍ୱାରା ରଚିତ କ୍ଷୁଦ୍ର ଚଳଚ୍ଚିତ୍ର 'ଅଦ୍ୟମ'ର ପ୍ରିମିୟର ଶୋ ବହୁ ଦର୍ଶକ ଓ କଳାକାର ମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇ ଯାଇଛି ।ଲୋକକଳା ଉପରେ ପର୍ଯ୍ୟବେକ୍ଷିତ ଏହି ସିନେମାରେ ଗଞ୍ଜାମର ବାଘ ନୃତ୍ୟର ମହତ୍ୱ ସମ୍ପର୍କରେ ବର୍ଣ୍ଣନା କରାଯିବା ସହିତ ଅନ୍ୟ ଲୋକକଳା ସମ୍ପର୍କରେ ମଧ ତଥ୍ୟ ପ୍ରଦାନ କରାଯାଇଛି। ଲୋକପ୍ରିୟ ଅଭିନେତା ଚୌଧୁରୀ ଜୟପ୍ରକାଶ,ପ୍ରୀତି ରଞ୍ଜନ ପ୍ରଧାନ,ମଧୁସୂଦନ ମିଶ୍ର,ବିଟୁ ଡାକୁଆ,ଇ ସଞ୍ଚିତା ପାତ୍ର, କାଜଲ ବେହେରା, ପଦ୍ମଶ୍ରୀ ଗୋପୀନାଥ ସ୍ୱାଇଁ, ଜୟନ୍ତ ଆଚାର୍ଯ୍ୟ, ସୁଧାଂଶୁ ଶେଖର ଶତପଥି,ନାରାୟଣ ମହାରଣା,ରତ୍ନାକର ଶିୟ, ସପନ ସେଠି, କ୍ଷୀରସିନ୍ଧୁ ମହାନ୍ତି, ସୁଇଟି ପ୍ରମୁଖ ଏଥିରେ ଅଭିନୟ କରିଥିବା ବେଳେ ନୀଳମଣି ପଟ୍ଟନାୟକ, ଗଙ୍ଗାଧର ଡାକୁଆ,ଦ୍ୱିତୀକୃଷ୍ଣ ସାବତ, ଉମା ଶଙ୍କର ଆଚାରୀ,ସୋନମ ପ୍ରମୁଖ ସହଯୋଗ କରିଥିଲେ। ଆସିକା ଓ ଆଖପାଖ ଅଂଚଳର ଦର୍ଶକ ଏହି ସିନେମାଟିକୁ ଦେଖି ବେଶ ପ୍ରଶଂସା କରିଛନ୍ତି। ଗଞ୍ଜାମ ଜିଲ୍ଲାର ଲୋକକଳା ଅତି ସମୃଦ୍ଧ ଓ ଏହି ଲୋକକଳା ଗଞ୍ଜାମ ଜିଲ୍ଲାକୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦେଇପାରିଛି ବୋଲି କହିଥିଲେ ରାଷ୍ଟ୍ରୀୟ ପୁରସ୍କାର ପ୍ରାପ୍ତ ସିନେ ନିର୍ଦ୍ଦେଶକ ଆଶୁତୋଷ ପଟ୍ଟନାୟକୟଉକ୍ତ ସିନେମାର ନିର୍ଦ୍ଦେଶକ କିଷ୍ଣା ଡିକେ ଅଦମ୍ୟର କଳାତ୍ମକ ଦିଗ ସମ୍ପର୍କରେ ଅବଗତ କରାଇବା ସହିତ ଖୁସି ବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ନୃତ୍ୟମ ଅନୁଷ୍ଠାନର ଉପସଭାପତି ରତ୍ନାକର ଶିୟ ସଂଯୋଜନା କରିଥିଲେ।

## ଧାନ ମଣ୍ଡିରେ ପଡ଼ି ରହିଛି ଧାନ, ଚାଷୀ କୁଳ ଚିନ୍ତାରେ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିରେ ଥିବା ନିୟନ୍ତ୍ରିତ ବଜାର ପରିସରରେ ଥିବା ମଣ୍ଡିରେ ଚାଷୀଙ୍କ ଧାନ ବର୍ତ୍ତମାନ ସୁଦ୍ଧା ରହିଛ। ମଣ୍ଡି ରୁ ଉଠୁ ନଥିବା ଚାଷୀ ଅଭିଯୋଗ ହେଉଛି ଟାର୍ଗେଟ ନାହିଁ କହି ଚାଷୀ ଙ୍କୁ ସମବାୟ ସମିତ ଫେରାଇ ଦେଉଛନ୍ତି। ଚାଷୀ ବାରମ୍ବାର ସମବାୟ ସମିତି କୁ ଯାଇ ହଇରାଣ ହେଉ ଛନ୍ତି ଅନ୍ୟ ପଟେ ଚାଷୀ ଙ୍କ ଧାନ କ୍ରୟ କରିବ। ଶକାସେ ଗଞ୍ଜାମ ଜିଲ୍ଲାର ମିଲର ସମବାୟ ସମିତି ଜରୀଆରେ କ୍ରୟ କରିବାର ବ୍ୟବସ୍ଥା ରହିଛି ଓ ସମବାୟ ସମିତିକୁ ଟାର୍ଗେଟ ଦୀୟା ଯାଇଛି ବୋଲି ସମ୍ପାଦକ ମାନେ ପ୍ରକାଶ କରିଛନ୍ତି ଚାଷୀଙ୍କ ଟୋକନ ଅବଧି ସରିଯାଇ ।ଜିଲ୍ଲା ପ୍ରଶାସନ ଦ୍ୱାରା ଚାଷୀଙ୍କ ଟୋକେନ ଅବଧି ୧୫ ଦିନ କୁ ବୃଦ୍ଧି କରାଯାଇଛି ଆଉ କିଛି ଚାଷୀଙ୍କ ଧାନ ଟୋକେନ୍ ଅବଧି ସରିବାକୁ ବସିଲାଣି ଏବେବି ଚାଷୀଙ୍କ ଧାନ ମଣ୍ଡି ଛୁଆଁନୀତି ଚାଲିଛି ପରେ ମିଲିକୁ ଧାନ ପଠା ଯାଉଛି ମିଲରେ କଟିନି ଛଟିନି ଚାଲି ଥିବାର ଅଭି ଯୋଗ ହେଉଛି ଚାଷୀଙ୍କ ଧାନକୁ ପୁଣି ମିଲର ମେସିନରେ ପରୀକ୍ଷା କରି ଧାନ ଭଲ ନାହିଁ କହି କଟିନୀ ଛଟିନି କରା ଯାଉ ଥିବା ଚାଷୀ ଅଭିଯୋଗ ହେଉଛି ।

## ତୈଳ ଓ ଗ୍ୟାସ ସରଂକ୍ଷଣ ସଚେତନତା କାର୍ଯ୍ୟକ୍ରମ

ପାରାଦୀପ (ମହାଭାରତ) ପାରାଦୀପ ମହାବିଦ୍ୟାଳୟ ୟୁଥ ରେଡ କ୍ରସ (ୱାୟଆରସି ) ଶାଖା ଏବଂ କଟକ ର ମହିଳା ଓ ଶିଶୁ କଲ୍ୟାଣ ସମିତି ଓ ଭୁବନେଶ୍ୱର ଆଇଓସିଏଲ ରାଜ୍ୟ କାର୍ଯ୍ୟାଳୟ ମିଳିତ ଆନୁକୂଲ୍ୟରେ ତୈଳ ଓ ଗ୍ୟାସ ସରଂକ୍ଷଣ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପାରାଦୀପ ମହାବିଦ୍ୟାଳୟ ୟୁଥ ରେଡ କ୍ରସ ର ସ୍ୱେଛାସେବୀ ମାନେ ବହୁ ସଂଖ୍ୟାରେ ଏକ ସାଇକେଲ ଶୋଭାଯାତ୍ରାରେ ମହାବିଦ୍ୟାଳୟ ପରିସରରୁ ବାହାରି ତୈଳ ଓ ଗ୍ୟାସ ସରଂକ୍ଷଣ ନିମନ୍ତେ ସ୍ଲୋଗାନ ଦେଇ ବଡ଼ପଡ଼ିଆ, ନୂଆବଜାର ଓ ପାରାଦୀପ ସହରର ଗୁରୁତ୍ୱପୂର୍ଣ୍ଣ ଛକ ପରିକ୍ରମା କରିଥିଲେ । ଏହି ସଚେତନତା କାର୍ଯ୍ୟକ୍ରମରେ ୟୁଥ ରେଡକ୍ରସ ର କାଉନସେଲର ସୁଶ୍ରୀସ୍ମିତା ବେହେରା, ଏନସିସି ଅଧିକାରୀ ଲେଫ୍ଟନା□ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ର,ୱାୟଆରସି ପୂର୍ବତନ କାଉନସେଲର ବି.ଏନ.ବିଶ୍ୱାଳ, ଆଇକ୍ୟୁଏସି ସଂଯୋଜକ ଗଣେଶ୍ୱର ପାତ୍ର ଙ୍କ ସମେତ ବହୁ ସଦସ୍ୟ ଓ କର୍ମଚାରୀ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।



# ଦୀଗହରା ହୋଇଛି ପଣସ ମିଶନ୍ୟ ଉଚିଲ ମୂଲ୍ୟ ପାଉନାହାନ୍ତି ଚାଷୀ

ନାରାୟଣପାଟଣା(ମହାଭାରତ): ସୀତାଫଳ, ତେନ୍ତୁଳି ପରେ ଜିଲ୍ଲାରୁ ଉତ୍ପାଦିତ କଞ୍ଚା ପଣସର ଚାହିଦା ବିଛି । ପରିତାପ ର ବିଷୟ କୋରାପୁଟ ଜିଲ୍ଲା ବା ନାରାୟଣପାଟଣା ବ୍ଲକ ରେ ବିକ୍ରୟ ପାଇଁ ନା ଅଛି ବଜାର ନା ଅଛି ପଣସ ପ୍ରସ୍ତୁତି ଖାଦ୍ୟ ସାମଗ୍ରୀର ପ୍ରକ୍ରିୟାକରଣ କେନ୍ଦ୍ର। ମିଶନ ଶକ୍ତି ଅଧୀନରେ ହଜାରେ ହଜାରେ ମହିଳା ଗୋଷ୍ଠୀ ବ୍ଲକ ରେ ସକ୍ରିୟ ଥିବାବେଳେ ଏଥିରୁ ଚିପ୍ସ,ଆଚାର,ବ୍ୟଞ୍ଜନ, ମଞ୍ଜି ରୁ ଅଟା ଆଦି ପ୍ରସ୍ତୁତ ପାଇଁ ନାହିଁ ପ୍ରୋତ୍ସାହନ କିମ୍ବା ପ୍ରକ୍ରିୟାକରଣ କେନ୍ଦ୍ର ତେଣୁ ଚାଷୀ ଦଲାଲ ଙ୍କ ହାତକୁ ଟେକି ଦେବା ସହ ଅନ୍ୟ ଉପାୟ ନାହିଁ ବୋଲି ଚାସି ପ୍ରକାଶ କରନ୍ତିୟ ନାରାୟଣପାଟଣା କଠା ପଣସ କୁ ପଶ୍ଚିମ ଭାରତରେ ଏହାର ଆଦର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ।ପ୍ରତିଦିନ ନାରାୟଣପାଟଣା ଠୁ ଟ୍ରକ୍ ଓ ଭ୍ୟାନ୍ରେ ଟନ୍ ଟନ୍ ପଣସ ଲୋଡ୍ହୋଇ ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଗୁଜରାଟର ବିଭିନ୍ନ ସହରକୁ ଯାଉଛି । ହୋଲ୍ସେଲ୍ ବ୍ୟବସାୟୀମାନେ ବ୍ଲକ ର କ୍ଷୁଦ୍ର ବେବଶାଇ ଠାରୁ ଶାଗ ମାଛ ଦରରେ କିଣି ବାହାର ରାଜ୍ୟକୁ ପଠାଉଛନ୍ତି ୟଅଥଚ ଏଠିକା ଚାଷୀ ଉଚିତ ମୂଲ୍ୟ



ପାଉନାହାନ୍ତି । ପାହାଡ଼, ଜଙ୍ଗଲ ଭରା ଏହି ଜିଲ୍ଲାରେ ପଣସ ଗଛ ପ୍ରକୃତିର ଏକ ବରଦାନ କହିଲେ କିଛି ଭୁଲ ହେବନାହିଁ । କୋରାପୁଟ ଜିଲ୍ଲାର ନାରାୟଣପାଟଣା ର ଜଂଗଲୀ ପାନସରେ ଭିଟାମିନ ଏ, ବି ଭିଟାମିନ ସି, କ୍ୟାଲସିୟମ, ପୋଟାସିୟମ, ଆଇରନ ସହ ଅନେକ ପୋଷକ ତ□୍ ରହିଛି ।ଏହାସହ ବିଶେଷଜ୍ଞ ମତ କଠା ପଣସ ଖାଇବା ଦ୍ୱାରା ମଧୁ ମେହ ନିୟନ୍ତ୍ରିତ ହୋଇଥାଏ ପଣସ ଏପରି ଏକ ଫଳ ଯାହାକୁ କଞ୍ଚା ଅବସ୍ଥାରେ ଆମେ ପାରିବ ଭାବେ ବ୍ୟବହାର କରିଥାନ୍ତି ପଣାସର କଞ୍ଚା ସମୟକୁ ଆମେ ପଣସ କଠା ଭାବେ ଜାଣନ୍ତି ଏହି ପଣସ କଠା ମଧୁମେହ ରୋଗୀଙ୍କ ପାଇଁ ଖୁବ ଉପକାରୀ ଏହା ଛଡା ଓଜନ ହ୍ରାସ ପାଇଁ ମନ୍ଦେହେ ଔଷଧ ପରିଓ କାମ କରେ ଏଥିରେ କାମ କ୍ୟାଲୋରି ଥିବା ହେତୁ ଓଜନ ହ୍ରାସ କରିବାରେ ସାହାଯ୍ୟ ମଧ କରିଥାଏ ପାହାଡ଼ ଉପରେ ଲକ୍ଷ ଲକ୍ଷ ସଂଖ୍ୟାରେ ଏହି ଗଛ ଭରି ରହିଛି । ପ୍ରତିବର୍ଷ ଏହି ସଂଖ୍ୟା ବୃଦ୍ଧି ପାଉଛି । ବିଶେଷ କରି ବରିଗୀ, କୁମ୍ଭାରୀ, ପୋଡାପଦର, ବଳିପେଟା, ତଳଗୁମାଣ୍ଡି ପଞ୍ଚାୟତ ପାହାଡ଼ ରୁ ପ୍ରଚୁର ପରିମାଣରେ ପଣସ ଉତ୍ପାଦନ ହେଉଛି। ପାଚିଲା ଅପେକ୍ଷା କଷି ପଣସର ଚାହିଦା ଅଧିକ ରହିଛି । ତେଣୁ ଆଦିବାସୀମାନେ ଛୋଟ ଛୋଟ ପଣସକୁ ସଂଗ୍ରହ କରି ସହରର ହୋଲ୍ସେଲ୍ ବ୍ୟବସାୟୀଙ୍କୁ ଦେଉଛନ୍ତି । ଚାଷୀଙ୍କଠାରୁ ପଣସ ପିଛା ୧୦ରୁ ୧୫ ଟଙ୍କାରେ କିଣି ବ୍ୟବସାୟୀମାନେ ବାହାର ରାଜ୍ୟକୁ ପଠାଉଛନ୍ତି । ସେଠାରେ କିଲୋ ୨୫ରୁ ଅଧିକ ଟଙ୍କାରେ ବିକ୍ରି କରୁଛନ୍ତି । ଗୋଟିଏ ପଣସର ଓଜନ ୨ରୁ ୩ କିଲୋ ରହୁଥିବାରୁ ସେମାନେ ଏହାର ଫାଇଦା ନେଉଛନ୍ତି । ଫଳରେ ଗ୍ରାମାଞ୍ଚଳର ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛନ୍ତି ।ଆମ ଜିଲ୍ଲା ହେଉ ବା ରାଜ୍ୟ କଠା ପଣସ ବିକ୍ରୟ ପାଇଁ ନା ଅଛି ବଜାର ନା ଅଛି ପଣସ ପ୍ରସ୍ତୁତି ଖାଦ୍ୟ ସାମଗ୍ରୀର ପ୍ରକ୍ରିୟାକରଣ କେନ୍ଦ୍ରୟନା ମିଳୁଛି କେନ୍ଦ୍ର ପ୍ରତିଷ୍ଠା ପାଇଁ ପ୍ରସୋହୋନ ତେଣୁ କୋରାପୁଟ ଜିଲ୍ଲା ପ୍ରଶାସନ ସହ ରାଜ୍ୟ ସରକାରଙ୍କ ପଣସ ମିଶନ ଦୀଗହରା ହୋଇଛି ।ଆଦିବାସୀଙ୍କ ଆର୍ଥିକ ସ୍ଥିତି ର ଉନ୍ନତି ଆଣିବା ପାଇଁ ଜେଉ ସବୁ ଜଙ୍ଗଲଜାତ ଦ୍ରବ୍ୟ ରହିଛି ସେଥିମଧ୍ୟରୁ ନାରାୟଣପାଟଣା ପଣସ ଅନ୍ୟତମ ।ମିଶନ ଶକ୍ତି ଅଧୀନରେ ହଜାରେ ହଜାରେ ମହିଳା ଗୋଷ୍ଠୀ ବ୍ଲକ ରେ ସକ୍ରିୟ ଥିବାବେଳେ ଏଥିରୁ ଚିପ୍ସ,ଆଚାର,ବ୍ୟଞ୍ଜନ, ମଞ୍ଜି ରୁ ଅଟା ଆଦି ପ୍ରସ୍ତୁତ ପାଇଁ ନାହିଁ ପ୍ରୋତ୍ସାହନ କିମ୍ବା ପ୍ରକ୍ରିୟାକରଣ କେନ୍ଦ୍ର ତେଣୁ ଚାଷୀ ଦଲାଲ ଙ୍କ ହାତକୁ ଟେକି ଦେବା ସହ ଅନ୍ୟ ଉପାୟ ନାହିଁ ବୋଲି ଚାସି ପ୍ରକାଶ କରନ୍ତି ।ଜଙ୍ଗଲ ଓ ପାହାଡ଼ରୁ ସଂଗ୍ରହ ହେଉଥିବା ସାମଗ୍ରୀକୁ ଉଚିତ ଦରରେ ବିକ୍ରି ଲାଗି ଜିଲ୍ଲାରେ ଓରମାସ୍ ରହିଛି । ତଥାପି ଚାଷୀଙ୍କୁ ହତାଦର କରାଯାଉଛି । ପଣସ ଚାଷୀ ଓ ସଂଗ୍ରହକାରୀ କିଭଳି ଉଚିତ ମୂଲ୍ୟ ପାଇବେ ସେ ଦିଗରେ ବିଭାଗ ଧ୍ୟାନ ଦେଉନି । ସେପଟେ ଜିଲ୍ଲାରୁ ପ୍ରତିବର୍ଷ ପ୍ରାୟ ୨୦ ହଜାର କ୍ୱିଣ୍ଟାଲ୍ କଞ୍ଚା ପଣସ ପଶ୍ଚିମ ଭାରତକୁ ପଠାଯାଉଥିବା ଆକଳନରୁ ଜଣାପଡ଼ିଛି ଯେ ପ୍ରତିବର୍ଷ ଏହାର ଉତ୍ପାଦନ ବଢ଼ୁଛି । ତଥାପି ଜିଲ୍ଲାର ପଣସ ଚାଷୀମାନେ ପ୍ରତିବର୍ଷ ଅଭାବୀ ବିକ୍ରିର ଶିକାର ହେଉଛନ୍ତି ।ଏଠିକା କଞ୍ଚା ପଣସକୁ ବାହାର ରାଜ୍ୟର ଶୀତଳ ଭଣ୍ଡାରରେ ରଖି ବିକ୍ରି କରାଯାଉଛି ।ଏ ଦିଗରେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି । ଏ ସମ୍ପର୍କରେ ଓର୍ମାସର ସିଇଓ ରୋଷନ କାର୍ତ୍ତିକ ଙ୍କ ଶହ ଯୋଗାଯୋଗ କରିଥିଲୁ ଯକିନ୍ତୁ କୌଣସି ସନ୍ତୋଷ ଜନକ ଉତ୍ତର ମିଳିନାହିଁ , ଉତ୍ପାଦନକାରୀ ଗୋଷ୍ଠୀଙ୍କଠାରୁ ହିଁ କିଣିବାର ବିଭାଗୀୟ ନିୟମ ରହିଛି। ତେଣୁ ବ୍ୟକ୍ତିଗତଭାବେ ସଂଗ୍ରହକାରୀଙ୍କଠାରୁ କିଣାଯାଇପାରୁନି ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ରଙ୍କନାଥଦେବ ୧୦୮ ହନୁମାନ ଚାଳିଶା ପାଇଁ କଳସ ଶୋଭାଯାତ୍ରା




ବାଣପୁର : ( ମହାଭାରତ )ଖୋର୍ଦ୍ଧା ଜିଲ୍ଲା ବାଣପୁର ଠାରେ ଆଜି ଶ୍ରୀ ଶ୍ରୀ ଶ୍ରୀ ରଙ୍କନାଥ ଦେବ ୧୦୮ ହନୁମାନ ଚାଳିଶା ଯଜ୍ଞ କମିଟି ପକ୍ଷରୁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଅଛି। କମିଟିର ସଦସ୍ୟ ଏବଂ ସ୍ଥାନୀୟ ଶ୍ରଦ୍ଧାଳୁମାନେ ପୂର୍ବାହ୍ଣରେ ବଜାର ସାହି ସ୍ଥିତ ଶ୍ରୀ ଶ୍ରୀ ଶ୍ରୀ ରଙ୍କନାଥ ଦେବ ମନ୍ଦିର ପରିସରରୁ ଏକ ବିରାଟ ଶୋଭାଯାତ୍ରାରେ କଳସ ନେଇ ବଜାର ପରିକ୍ରମା କରି ସ୍ଥାନୀୟ ଦକ୍ଷପ୍ରଜାପତି ମନ୍ଦିରଠାରେ ପହଞ୍ଚିଥିଲେ।ମନ୍ଦିର ପୁଷ୍କରିଣୀରେ ପୂଜାର୍ଚ୍ଚନା କରି ସମସ୍ତ ଶ୍ରଦ୍ଧାଳୁମାନେ କଳସରେ ଜଳ ନେଇ ପୁନଶ୍ଚ ରଙ୍କନାଥ ମନ୍ଦିରରେ ପହଞ୍ଚିଥିଲେ। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଆଜିଠାରୁ ତିନି ଦିନ ଧରି ପ୍ରତ୍ୟହ ସଂଧ୍ୟାରେ ଶ୍ରୀ ଜଗନ୍ନାଥ କଥାମୃତ ପ୍ରବଚନ କାର୍ଯ୍ୟକ୍ରମ ଶ୍ରୀ ଶ୍ରୀ ଶ୍ରୀ ରଙ୍କନାଥ ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହେବ।ଉକ୍ତ ପ୍ରବଚନରେ ପ୍ରବକ୍ତା ଭାବେ ଯୋଗଦେଇଛନ୍ତି ଶ୍ରୀ କେଶବ ଦାସ ଦ୍ୱିତିକୃଷ୍ଣ ଜୀୟ ଅନୁରୂପ ଭାବେ ମହାଶିବରାତ୍ରି(ବୁଧବାର ) ଦିନ ସଂଧ୍ୟାରେ ୧୦୮ ଥର ସାମୁହିକ ହନୁମାନ ଚାଳିଶା ପଠନ କାର୍ଯ୍ୟକ୍ରମ କମିଟି ପକ୍ଷରୁ ଆୟୋଜନ କରାଯାଇଅଛି। ଉକ୍ତ କାର୍ଯ୍ୟକ୍ରମଟି ହରିପୁର ମଠ ମହନ୍ତ ରାମମୋହନ ଦାସଜି ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହେବ। ସେହିପରି ଭାବେ ମହାଶିବରାତ୍ରି ପରବର୍ତ୍ତୀ ଦିନ ଅର୍ଥାତ ଗୁରୁବାର ଦିନ ସକାଳୁ ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କମିଟି ପକ୍ଷରୁ ଆୟୋଜନ କରାଯାଇଥିବା ଜଣାପଡିଛି।ସୂଚନା ଥାଉକି ବାଣପୁର ବଜାର ସାହି ସ୍ଥିତ ଶ୍ରୀ ଶ୍ରୀ ଶ୍ରୀ ରଙ୍କନାଥ ଦେବ ୧୦୮ ହନୁମାନ ଚାଳିଶା ଯଜ୍ଞ କମିଟି ଦୀର୍ଘ ୧୯ ବର୍ଷ ହେଲା ଉକ୍ତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଶୃଙ୍ଖଳାର ସହ କରିଆସୁଅଛି। ଅନୁରୂପ ଭାବେ କମିଟିର ଅନୁରୋଧ କ୍ରମେ ଉକ୍ତ ମନ୍ଦିରର ଉନ୍ନତି ଉପଲକ୍ଷେ ଚଳିତ ବର୍ଷ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ମନ୍ଦିର ଉନ୍ନୟନ କାର୍ଯ୍ୟ ନିମନ୍ତେ ଭିତ୍ତି□ପ୍ରସ୍ତର ସ୍ଥାପନ କରିବେ ବୋଲି କମିଟି ସୂତ୍ରରୁ ପ୍ରକାଶ ।

## ଢେଙ୍କାନାଳରେ ଫରେଷ୍ଟ ପାର୍କର ଶୁଭ ଉଦଘାଟନ

ଢେଙ୍କାନାଳ,(ମହାଭାରତ) ସ୍ଥାନୀୟ ମ□ଫର୍ଟ ସ୍କୁଲ ପାର୍ଶ୍ୱସ୍ଥ ଚାରଖୋଲ ଜଙ୍ଗଲର ଫରେଷ୍ଟ ପାର୍କକୁ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଆଜି ଶୁଭ ଉଦଘାଟନ କରିଛନ୍ତି ।ସହର ମଧ୍ୟରେ ପ୍ରକୃତ ଫରେଷ୍ଟ ପାର୍କ ଜଙ୍ଗଲ ଟ୍ରେଲର ଉପଭୋଗ କରି ନିଜକୁ ସୁସ୍ଥ ଓ ଶାନ୍ତ କରିବାର ସୁଯୋଗ ନେବାକୁ କହିଛନ୍ତି । ଉତ୍ସବରେ ପୌର ଅଧ୍ୟକ୍ଷା ଜୟନ୍ତୀ ପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଫରେଷ୍ଟ ପାର୍କର ବିକାଶ ପାଇଁ ପୌରପାଳିକା ପକ୍ଷରୁ ପୂର୍ଣ୍ଣ ସହଯୋଗ କରାଯିବ ବୋଲି ସେ କହିଥିଲେ । ଏହି ଜଙ୍ଗଲ ଟ୍ରେଲ ବର୍ତ୍ତମାନ ୫୦୦ ମିଟର ବ୍ୟାପିଥିବା ବେଳେ ଆଗାମୀ ଦିନରେ ଏହାର ସୀମା ୨ କି.ମି. ପର୍ଯ୍ୟନ୍ତ ବୃଦ୍ଧି କରାଯିବ ବୋଲି ବନଖଣ୍ଡ ଅଧିକାରୀ ସୁମିତ କୁମାର କର ପ୍ରକାଶ କରିଛନ୍ତି । ପାର୍କରେ ପ୍ରଜାପତି ଓ ଚଢ଼େଇ ମାନଙ୍କୁ ଆକର୍ଷିତ କରିବା ପାଇଁ ବଟରଫ୍ଲାଏ ଗାର୍ଡ୍ଡେନରେ ଉଦ୍ଭିଷ୍ଟ ଫୁଲ ଗଛ ଏବଂ ୯୦ ରୁ ଅଧିକ ପ୍ରକାରର ଔଷଧୀୟ ବୃକ୍ଷ ଲାଗିଛି ବୋଲି ଏ.ସି.ଏଫ୍. ସତ୍ୟ ନାରାୟଣ ସାହୁ ସୂଚନା ଦେଇଥିଲେ




। ଏହି କାର୍ଯ୍ୟକ୍ରମରେ ଆଇ.ଏଫ୍.ଏସ୍. ( ପ୍ରୋବେସନ୍) ଉଦୟନ ସୁବୁଦ୍ଧି, ସ୍ଥାନୀୟ କାଉନ୍ସିଲର ପ୍ରତାପ ନାୟକ, ସହରର ବୁଦ୍ଧିଜୀବୀ, ବନବିଭାଗ କର୍ମଚାରୀ, ଗଣମାଧ୍ୟମର ପ୍ରତିନିଧି ମାନେ ଯୋଗ ଦେଇଥିଲେ।

## ଆସିକା ଚିନି କାରଖାନାର ଚଳିତ ବର୍ଷ ର ଆଖୁପେଢା କାର୍ଯ୍ୟକ୍ରମ ଶେଷ

ଆସିକା (ମହାଭାରତ): ଆସିକା ସମବାୟ ଚିନି ଶିଳ୍ପ ଲିଃ ଚଳିତ ବର୍ଷ ର ଆଖୁ ପେଢା ଋତୁ ର କାର୍ଯ୍ୟକ୍ରମ ଶେଷ ହୋଇଯାଇଛି । ଗତ ଜାନୁଆରୀ ୧୭ ତାରିଖରେ ପୂଜା ଅର୍ଚନା କରି ଆଖୁ ପେଢା ଆରମ୍ଭ କରିଥିଲେ। ଦୀର୍ଘ ୩୬ ଦିନର ସୁଚାରୁରୂପେ ପରିଚାଳନା ଫଳରେ ୩୪ ହଜାର ୩୧୦ ମେଟ୍ରିକ ଟନ ଆଖୁ ପେଢା ହୋଇଛି । ଏହି ଆଖୁ ପେଢା ରୁ ପ୍ରାୟ ୨୧ ହଜାର ୫୦୦ କୁଇଣ୍ଟାଲ ଚିନି ବାହାରିବା ଲକ୍ଷ ରଖାଯାଇଛି କ୍ଷ ଚଳିତ ବର୍ଷ ଗଞ୍ଜାମ ଜିଲ୍ଲା ର ୧୬ ଗୋଟି ବ୍ଲକ ରୁ ୧୫୬୩ ଜଣ ଚାଷୀ , ନୟାଗଡ ଜିଲ୍ଲା ରେ ୭୫ ଜଣ ଆଖୁ ଚାଷ କରିଛନ୍ତି । ଚଳିତ ୨୦୨୪-୨୫ ଆଖୁ ପେଢା ଋତୁ ରେ ଗଞ୍ଜାମ ଓ ନୟାଗଡ ଜିଲ୍ଲା ର ମୋଟ ୧୬୩୮ ଜଣ ଚାଷୀ ମାନଙ୍କ ଠାରୁ ୫୦ ଦିନ ରୁ ୬୦ ଦିନ ମଧ୍ୟରେ ପ୍ରାୟ ୫୦ ହଜାର ମେଟ୍ରିକ ଟନ ଆଖୁ ପେଢା ହେବାର ଧାର୍ଯ୍ୟ କରାଯାଇଥିଲେ ମଧ୍ୟ ମାତ୍ର ଏହା ୩୬ ଦିନରେ ଶେଷ ହୋଇଗଲା । ନୟାଗଡ ଅଂଚଳ ର ଚାଷୀ ମାନେ ଚୁକ୍ତି ଅନୁସାରେ ଆଖୁ ଯୋଗାଇଲେ ନାହିଁ ।ଗଞ୍ଜାମ ଜିଲ୍ଲାରେ ମଧ୍ୟ ଚାଷୀ ମାନଙ୍କୁ ପ୍ରଚୁର ଜଳ ସେଚନ ନହେବାରୁ ଆଖୁର ଉତ୍ପାଦକତା ବୃଦ୍ଧି ପାଇଲା ନାହିଁ । ଯାହା ଫଳରେ ଚଳିତ ବର୍ଷ ଆଖୁ ପେଢା ର ପରିମାଣ କମି ଯାଇଛି ବୋଲି କୁହାଯାଇଛି ।ଗତ ୧୦ ବର୍ଷ ମଧ୍ୟରେ ଚଳିତ ବର୍ଷ ଆଖୁ ଦରର ମୂଲ୍ୟ ସର୍ବାଧିକ ବୃଦ୍ଧି କରି ଚାଷୀ କୁ ସୁବିଧା ଦିଆଯାଇଥିଲେ ସୁଦ୍ଧା ଆଖୁ ଅଧିକ ପେଢା ହୋଇ ପାରିଲା ନାହିଁ । ଏହି ଆଖୁ ପେଢା ଋତୁରେ ଚିନି କାରଖାନାର ପରିଚାଳନା ନିର୍ଦ୍ଦେଶକ ଡା. ସୁଶାନ୍ତ କୁମାର ପଣ୍ଡା,ଚିନିକାରଖାନା ର ପରିଚାଳନା ପରିଷଦ ର ସଭାପତି ରବୀନ୍ଦ୍ର ପଣ୍ଡା, ,ନିର୍ଦ୍ଦେଶକ ପୂର୍ଣ୍ଣ ଚନ୍ଦ୍ର ବରାଡ଼ ଏବଂ ପରିଚାଳନା ନିର୍ଦ୍ଦେଶକଗଣ, ଚିନି କାରଖନା ର କେନ ମ୍ୟାନେଜର ପ୍ରଶାନ୍ତ କୁମାର ପାଢ଼ୀ, ଏକାଉଣ୍ଟ ଅଧିକାରୀ ଚିତ୍ତ ଚିନ୍ମୟ ରଞ୍ଜନ ନାୟକ, ଇ. କେଦାରନାଥ ସାହୁ, ଶ୍ରୀନିବାସ ମହାପାତ୍ର,ସିମାଞ୍ଚଳ ସାହୁ, ସୁକାନ୍ତ କୁମାର ପଣ୍ଡା, ବାଇଧର ନାୟକ, ଚିରଞ୍ଜିବି ମହାନ୍ତି, ଧ୍ରୁବ ଚରଣ ସାହୁ,ସମେତ ସମସ୍ତ କର୍ମଚାରୀ ଅକ୍ଲାନ୍ତ ପରିଶ୍ରମ କରି ଥିଲେ।

## ରାଇରଙ୍ଗପୁର' ହୋଟେଲ ହିନ୍ଦୁସ୍ତାନ ଇନ୍ ' ସମ୍ମିଳନୀ କକ୍ଷରେ ସ୍ୱର୍ଗତ ଇଂ ନିର୍ମଳକାନ୍ତି କବିଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି

ରାଇରଙ୍ଗପୁର (ମହାଭାରତ): ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ସହରର କୁଚେଇବୁଡି ଗ୍ରାମର ସୁଯୋଗ୍ୟ ସନ୍ତାନ ସ୍ୱର୍ଗତ ଇଂ ନିର୍ମଳ କାନ୍ତି କୁ 'ସ୍ଥାନୀୟ ହୋଟେଲ ହିନ୍ଦୁସ୍ତାନ ଇନ୍' ସମ୍ମିଳନୀ କକ୍ଷରେ ଶନିବାର ଦିନ ସଂଧ୍ୟାରେ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ମୟୂରଭଞ୍ଜ ଜିଲ୍ଲା ତଥା ରାଇରଙ୍ଗପୁର ଅଂଚଳର ମାନ୍ୟଗଣ୍ୟ ବ୍ୟକ୍ତି, ବିଭିନ୍ନ ରାଜନୈତିକ ନେତୃବୃନ୍ଦ,ସାରସ୍ୱତ ସାଧକ, ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତ୍ତା, ଗଣମାଧ୍ୟମ,ଜ୍ଞାତି ପରିଜନ, ଆତ୍ମୀୟ ସ୍ୱଜନ,ଶୁଭେଚ୍ଛୁ, ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଇଂ ନିର୍ମଳ କାନ୍ତି କବିଙ୍କ ଫଟୋଚିତ୍ର ରେ ପୁଷ୍ପମାଲ୍ୟ ଦେଇ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ।ତଦସହ ସ୍ମୃତି ଚାରଣ ସମୟରେ ତାଙ୍କ ସଂସ୍ପର୍ଶରେ ଆସିଥିବା ବିଭିନ୍ନ ବ୍ୟକ୍ତିମାନେ ତାଙ୍କର କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ । ବରିଷ୍ଠ ନାଗରିକ ସଂଘ ସଭାପତି ରସାନନ୍ଦ ଲେଙ୍କା,ପ୍ରାକ୍ତନ ଓକିଲ ସଙ୍ଘ ର ସଭାପତି ପ୍ରଭାସ କବି, ଗୋରୁମହିଷାଣୀ +୨ କଲେଜ ଅଧ୍ୟାପକ ଡଃ ଦିଗମ୍ବର ଗିରି,ସାମାଜିକ ଅନୁଷ୍ଠାନ ପରିକ୍ରମା ଅଧ୍ୟକ୍ଷ ମନୋଜ ଦାସ, ବରିଷ୍ଠ ସାମ୍ବାଦିକ ଶରତ ଦାସଙ୍କ ସମେତ ଅନ୍ୟମାନେ ପ୍ରମୁଖ ଇଂ ନିର୍ମଳକାନ୍ତି କବିଙ୍କ କର୍ମମୟ ଉପରେ କିଛି ଆଲୋକପାତ କରିଥିଲେ। ସେମାନେ ଜଣେ ସରକାରୀ ପୌର ବିଭାଗର ଦକ୍ଷ ଓ କର୍ମଠ ଯନ୍ତ୍ରୀ ଥିଲେ ।ସେ କେବଳ ଯନ୍ତ୍ରୀ ନ ଥିଲେ ଜଣେ ସୁ ସଂଗଠକ ଥିଲେ ।ଜଣେ ଖେଳାଳି ହୋଇ ନ ଥିଲେ ମଧ୍ୟ ଜଣେ ବିଶିଷ୍ଟ କ୍ରୀଡା ସଂଗଠକ ଥିଲେ ତାଙ୍କରି ପ୍ରେରଣା ଓ ଉତ୍ସାହ ବଳରେ ବିଭିନ୍ନ କ୍ରୀଡା କାର୍ଯ୍ୟକ୍ରମ ରାଇରଙ୍ଗପୁରରେ ଆୟୋଜିତ ହୋଇଥିଲା ।ସେହିଭଳି ଜଣେ ମଂଚ କଳାକାର ହୋଇ ନ ଥିଲେ ମଧ୍ୟ ସଂସ୍କୃତି ପ୍ରେମୀ ହୋଇଥିବାରୁ ସେ ବିଭିନ୍ନ କଳାକାରଙ୍କୁ ଏକାଠି କରାଇ ନାଟକ ମଂଚସ୍ଥ ନାଟକ ପ୍ରଦର୍ଶନ କରିବାରେ ପ୍ରେରଣା ଓ ସହଯୋଗ କରୁଥିଲେ । ତାଙ୍କ ସମୟରେ ବହୁ ନାଟକ ପ୍ରଦର୍ଶିତ ହୋଇଥିଲା ଯାହାକି ବର୍ତ୍ତମାନ ୩୦ ବର୍ଷ ହେଲା ରାଇରଙ୍ଗପୁର ରେ ନାଟକ ମଞ୍ଚସ୍ଥ ହେଉନାହିଁ ।ତାଙ୍କରି ସହଯୋଗରେ ବିଭିନ୍ନ ପୂଜା ମଣ୍ଡପ ଯଥା କୁଚେଇବୁଡି ଦୁର୍ଗାପୂଜା ଗଡି ଉଠିଥିଲା । ବିଭିନ୍ନ ସାମାଜିକ ଅନୁଷ୍ଠାନ ସହିତ ସେ ଜଡ଼ିତ ଥିଲେ । ତାଙ୍କ ସମୟରେ ବିଭିନ୍ନ ସାହିତ୍ୟ, ସଭା ,ସାରସ୍ୱତ ଗଢି ଉଠିଥିଲା । ତାଙ୍କର ସହଧର୍ମିଣୀ ନିରୁପମା କି ଓଡ଼ିଶାର ଜଣେ ବିଶିଷ୍ଟ ମହିଳା ସାରସ୍ୱତ ସାଧିକା ।ସେ ଜଣେ ଅମାୟିକ ବ୍ୟକ୍ତି ,ଅଳ୍ପ ଭାଷୀ,ସ୍ନେହୀ ବ୍ୟକ୍ତି ଥିଲେ । ଗୃହ ନିର୍ମାଣ ପାଇଁ ସହରର ଯେ କୌଣସି ବ୍ୟକ୍ତି ଯେତେବେଳେ ବି ପହଞ୍ଚିଲେ ମର୍ଧିନା ମୂଲ୍ୟରେ ନକ୍ସା,ଡିଜାଇନ୍ ଓ ଭଲ ପରାମର୍ଶ ଦେଇଥାନ୍ତି । ତାଙ୍କରି ଦେହାନ୍ତ ରାଇରଙ୍ଗପୁର ପାଇଁ ଅପୂରଣୀୟ କ୍ଷତି ହୋଇଛି ।ତାଙ୍କରି ଅମର ଆତ୍ମାର ସଦଗତି ନିମନ୍ତେ ଉପସ୍ଥିତ ସମସ୍ତେ ପ୍ରାର୍ଥନା କରିଥିଲେ ।

## କଳାହାଣ୍ଡି ରେ ଜିଲ୍ଲା ସ୍ତରୀୟ ବୃହତ ନିଯୁକ୍ତି ମେଳା ୨୦୨୫ ଅନୁଷ୍ଠିତ




କଳାହାଣ୍ଡି/ମହାଭାରତ: ଆଜି ସ୍ଥାନୀୟ ସି ଟି ସ୍କୁଲ ପ୍ରାଙ୍ଗଣ ଠାରେ ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ଜିଲ୍ଲା ପ୍ରଶାସନ କଳାହାଣ୍ଡି ତରଫରୁ ଜିଲ୍ଲା ସ୍ତରୀୟ ବୃହତ ନିଯୁକ୍ତି ମେଳା ର ଉଦ୍ଘାଟନ ସମାରୋହ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକଶ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହେଇଯାଇଛି । ଏହି ନିଯୁକ୍ତି ମେଳା ରେ ରାଜ୍ୟ ଓ ରାଜ୍ୟ ବାହାର ର ୪୦ ଗୋଟି ନିଯୁକ୍ତି ଦାତା ସଂସ୍ଥା ଯୋଗଦେଇଥିଲେ ଏହା ବ୍ୟତୀତ ୧୨ ଗୋଟି ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା, ଉଞ୍ଚଞ୍ଚଉ , ସରକାରୀ ଭବାନୀପାଟଣା, ଜୁନାଗଡ଼, ଧର୍ମଗଡ଼, ସରକାରୀ ପଲିଟେକ୍ନିକ କଳାହାଣ୍ଡି, ଜନ ଶିକ୍ଷଣ ସଂସ୍ଥାନ, ବିଶ୍ୱ ଦକ୍ଷତା କେନ୍ଦ୍ର, ଭୁବନେଶ୍ୱର, ଆଦି ଯୋଗ ଦେଇଥିଲେ ଭାରତୀୟ ସେନା ଓ ଭାରତୀୟ ବାୟୁସେନା ଅଧିକାରୀ ମାନେ ମଧ୍ୟ ମେଳା ରେ ଯୋଗ ଦେଇ ପିଲା ମାନଙ୍କୁ ଅଗ୍ନିବୀର ଓ ଅଗ୍ନିବୀର ବାୟୁ ରେ ଯୋଗ ଦେବା ପାଇଁ ପ୍ରୋତ୍ସାହିତ କରିଥିଲେ। ଏହି ମେଳା ରେ ଜିଲ୍ଲା ର ସମସ୍ତ ୧୩ ଟି ବ୍ଲକ ରୁ ୧୮୬୭ ଜଣ ନିଯୁକ୍ତି ଆଶାୟୀ ପ୍ରାଥୀ, ପ୍ରାଥୀନି ମାନେ ଯୋଗ ଦେଇଥିଲେ ତନ୍ମଧ୍ୟରୁ ୬୮୨ ଜଣ ବିଭିନ୍ନ ନିଯୁକ୍ତି ସଂସ୍ଥା ଓ ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା ସହିତ ଅନୁବନ୍ଧିତ ହୋଇଥିଲେ। ଜିଲ୍ଲାପାଳ ପିଲାମାନଙ୍କୁ ଏହି ସୁଯୋଗ ର ଭରପୁର ଫାଇଦା ନେବାପାଇଁ ଉପଦେଶ ଦେଇଥିଲେ ଓ ବିଭିନ୍ନ ଦକ୍ଷତା ବିକାଶ ତାଲିମ ନେଇ ରୋଜଗାର କ୍ଷମ ହେବାପାଇଁ ପରାମର୍ଶ ଦେଇଥିଲେ। ଏହି ମେଳା କୁ ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ ଅଜିତ କୁମାର ଉ□ରାୟ ପରିଚାଳନା କରିଥିଲେ ଓ ଜିଲ୍ଲା ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ କାର୍ଯ୍ୟାଳୟ ର ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ ସୁବିଦିତ ସାମନ୍ତରାୟ, ସୁବ୍ରତ ମେହେର, ପ୍ରିୟା, କେଶବ ଗାଭାଲେ ଓ ସମସ୍ତ କର୍ମକର୍ତା ସହାୟତା କରିଥିଲେ।

## ଠାକୁରମୁଣ୍ଡା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ



କରଞ୍ଜିଆ,(ମହାଭାରତ) ଠାକୁରମୁଣ୍ଡା ବ୍ଲକ ସାତକୋଶିଆ ଠାରେ ପ୍ରତିଷ୍ଠା ହୋଇ ଥିବା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଷଷ୍ଠ ଶ୍ରେଣୀ ପାଇଁ ନାମ ଲେଖାଇ ବାକୁ ରବିବାର ଦିନ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଛି। ଏଥି ନିମନ୍ତେ ପ୍ରକାଶିତ ନାମ ଲେଖା ବିଜ୍ଞପ୍ତି ଅନୁଯାୟୀ ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ପାଇଁ ୨୦୮ ଜଣ ଛାତ୍ର/ଛାତ୍ରୀ ବିଦ୍ୟାଳୟ ରେ ନାମ ଲେଖାଇବାକୁ ଆବେଦନ କରିଥିଲେ। ଆବେଦନ କାରୀଙ୍କ ମଧ୍ୟରୁ ୫ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିବା ବେଳେ ବାକି ୨୦୩ ଜଣ ପ୍ରରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ।ଏହି ବିଦ୍ୟାଳୟ ର ଷଷ୍ଠ ଶ୍ରେଣୀ ପାଇଁ ମୋଟ ୬୦ ଟି ସିଟ ବିଦ୍ୟାର୍ଥୀ ଙ୍କ ପାଇଁ ରହିଛି।ଠାକୁରମୁଣ୍ଡା ସରକାରୀ ବାଳିକା ବିଦ୍ୟାଳୟ (କନ୍ୟାଆଶ୍ରମ ) ର ପରୀକ୍ଷା କେନ୍ଦ୍ରରେ ଦିନ ୧୦ ଟା ରୁ ଏହି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା।ପରୀକ୍ଷା କେନ୍ଦ୍ର ର ଅଧିକ୍ଷକ ଭାବେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ପାପିଢ଼ ଦେବେନ୍ଦ୍ର କୁମାର ସାମଲ , ଜିଲ୍ଲାପାଳଙ୍କ ପ୍ରତିନିଧି ଭାବେ ଠାକୁରମୁଣ୍ଡା ଗୋଷ୍ଠି ଉନ୍ନୟନ ଅଧିକାରୀ ସ୍ୱପ୍ନେଶ୍ୱର ବେହେରା, ଜିଲ୍ଲା ପର୍ଯ୍ୟବେକ୍ଷକ ଭାବେ ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସ୍ୱାଇଁ , ଠାକୁରମୁଣ୍ଡା ସମାଜ ମଙ୍ଗଳ ଅଧିକାରୀ ରାକେଶ ରଞ୍ଜନ ଦାସ , ସାତକୋଶିଆ ଏକଲବ୍ୟ ମଡେଲ ସ୍କୁଲ ର ଅଧକ୍ଷ ପ୍ରଶାନ୍ତ କୁମାର ପରୀକ୍ଷା କେନ୍ଦ୍ର ଦାଇତ୍ୱ ରେ ରହିଥିଲେ।

## ବିଶୋଇ ଶାଖା ଆର୍ ଏସ୍ ଏସ୍ ତରଫରୁ ମାଗଣା ଚିକିତ୍ସା ସହିତ ମାଗଣା ଔଷଧ ବଣ୍ଟନ



ରାଇରଙ୍ଗପୁର (ମହାଭାରତ): ବର୍ଦ୍ଧିତ ଜନସଂଖ୍ୟାର ଆବଶ୍ୟକତା ସହିତ ଅଧିକ ଲାଭ ପାଇଁ ଉତ୍ପାଦିତ ହେଉଥିବା ଖାଦ୍ୟ ସାମଗ୍ରୀରେ ଏବେ ପ୍ରଚୁର ରାସାୟନିକ ଦ୍ରବ୍ୟ ବ୍ୟବହାର କରୁଛନ୍ତି ଉତ୍ପାଦନ କାରୀ ଗୋଷ୍ଠୀ। ଯାହାର ପ୍ରଚୁର କୁପ୍ରଭାବ ପଡୁଛି ମଣିଷ ଉପରେ। ଯାହା ଫଳରେ ପ୍ରତ୍ୟେକ ଗାଁ ଗାଁ ରେ ମାଳ ମାଳ ରୋଗୀୟ ଏହି କୁ ପ୍ରଭାବକୁ ଦୃଷ୍ଟିରେ ରଖି ମୟୁରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକର ବିଶୋଇ ଶାଖା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ସାଧାରଣତନ୍ତ୍ର ଦିବସରୁ ଆରମ୍ଭ ହୋଇଛି ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ସହିତ ମାଗଣା ଔଷଧ ବଣ୍ଟନ କାର୍ଯ୍ୟକ୍ରମ। ଏହି ପରିପ୍ରେକ୍ଷୀରେ ରବିବାର ଲୁହାକାନୀ ପଞ୍ଚାୟତ କାର୍ଯ୍ୟାଳୟରେ ଜନ କଲ୍ୟାଣ କାର୍ଯ୍ୟକ୍ରମରେ ଲୁହାକାନୀ ପଞ୍ଚାୟତର ଅନେକ ଗ୍ରାମର ପାଖାପାଖି ୨୦୦ ରୁ ର୍ଦ୍ଧ୍ୱ ରୋଗୀଙ୍କୁ ସଙ୍ଘ ପକ୍ଷରୁ ଚିକିତ୍ସା କରିବା ସହିତ ସହିତ ମାଗଣା ଔଷଧ ଦିଆଯାଇଥିଲା। ବିଶୋଇ ଶାଖା ଲୁହାକାନୀ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ତ୍ରୈଲୋକ୍ୟ ବେହେରା ଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ପଞ୍ଚାୟତର ସମିତି ସଭ୍ୟ ଦିଲିପ ଗିରି, ନାଏବ ସରପ□ ଜଗମୋହନ ନାଏକ,ଆଶାକର୍ମୀ ଓ ସମସ୍ତ ୱାର୍ଡ ସଭ୍ୟ ସହଯୋଗ କରି ସଫଳତା ଦେଇଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ବିଶୋଇ ଥାନା ଅଧିକାରିଣୀ ମିନି ଭୋଇ, ପ୍ରାକ୍ତନ ସାରସକଣା ବିଧାୟକ ଡଃ ବୁଡାନା ମୁର୍ମୁ ଡଃ ଶଙ୍କର ସୋରେନ୍ ସମେତ ସମସ୍ତ ସଦସ୍ୟ ଉପସ୍ଥିତିରେ ଭାରତ ମାତା ର ଫୋଟୋ ଚିତ୍ର ରେ ଧୂପଦୀପ ଦେଇ କାର୍ଯ୍ୟକ୍ରମ ର ଶୁଭାରମ୍ଭ କରିଥଲେ।ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଅଭିଜ୍ଞ ଡାକ୍ତର ବୁଡାନ୍ ମୁର୍ମୁ, ଶଙ୍କର ସୋରେନ୍ ରୋଗୀ ଚିକିତ୍ସା କରିବା ସହିତ ସଂଘର ଯୁବ ଫାର୍ମାସିଷ୍ଟ ଦିଲିପ କୁମାର ମହାନ୍ତ, ପ୍ରମୋଦ ବେହେରା,ପ୍ରିଥି ହେମ୍ବ୍ରମ, ସଞ୍ଜୟ ବେହେରା ଓ ବିଜୁବନ ଗିରି ରୋଗୀଙ୍କୁ ମାଗଣାରେ ଓାଷଧ ବାଣ୍ଟିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଲୁହାକନୀ ରାଷ୍ଟ୍ରିୟ ସ୍ୱୟଂସେବକ ସଂଘ ର ତ୍ରୈଲୋକ୍ୟ ବେହେରା ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ରସାନନ୍ଦ ରଣା,ଭୁବନ ବେହେରା, ଗଜେନ୍ଦ୍ର ବେହେରା, ମନୋଜ ପାତ୍ର, ଏସ୍ କେ ହାସେନ୍,ତରଣିସେନ ରଣା, ଶଙ୍କର ନାଏକ, ଜଗମୋହନ ନାଏକ, ଶିବପ୍ରସାଦ ମହାନ୍ତ, ନବିନ ବେହେରା, ଅଗସ୍ତି ନନ୍ଦ, ମନୋଜ ନନ୍ଦ,ପାଣ୍ଡୁ ନାଏକ, ପ୍ରତାପ ବେହେରା,ପରିଚାଳନା କରିଥିବା ବେଳେ ବଂଶୀଧର ଦାସ, ମହେନ୍ଦ୍ର ମୁର୍ମୁ,ତପନ କୁମାର ମହାନ୍ତ,ରୁପକ କୁମାର ଗନ୍ତାୟତ, ଉତ୍ତମ କୁମାର ବେହେରା,ଲମ୍ବଧର ତୁଙ୍ଗ, ସୁଜିତ ବେହେରା, ପର୍ଶୁରାମ ପାତ୍ର, ଫକିର ନାଏକ,ଅନିଲ ଧିର, ହରେକୃଷ୍ଣ ଧଳ ,ଭୀମ ଚରଣ ସର୍ଦ୍ଦାର ଓ ବହୁ ସଂଖ୍ୟକ ସ୍ୱୟଂ ସେବକ ସଂଘର କାର୍ଯକ୍ରତା ବିଶୋଇ ସଂଘ ରୁ ସହଯୋଗ କରିଥିଲେ।ଆଗକୁ ସଙ୍ଘ ପକ୍ଷରୁ ଏହି କାର୍ଯ୍ୟକ୍ରମକୁ ବିଶୋଇ ବ୍ଲକର ପ୍ରତ୍ୟେକ ଅପହଞ୍ଚ ପଞ୍ଚାୟତ ମାନଙ୍କରେ ଲୋକଙ୍କୁ ମାଗଣା ଚିକିତ୍ସା ସହିତ ଲୋକଙ୍କର ସ୍ୱାସ୍ଥ୍ୟ ର ଉନ୍ନତି ପାଇଁ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଖୋଲିବା ପାଇଁ ଲକ୍ଷ୍ୟ ରଖିଛି ।ସଙ୍ଘର ଏପରି ଜନହିତକର କାର୍ଯ୍ୟକୁ ଦେଖି ଜନସାଧାରଣ ବେଶ୍ ପ୍ରଶଂସା କରୁଥିବା ବେଳେ ସଙ୍ଘ ପ୍ରତି ଲୋକପ୍ରିୟତା ବୃଦ୍ଧି ପାଉଥିବା ଦେଖିବାକୁ ମିଳୁଛି।

## ମା କାଳୀ ହ୍ୟାଣ୍ଡଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ



ଆସିକା (ମହାଭାରତ):ଆସିକା ଟାଉନ ହଲ ଠାରେ ଆସିକା ଯୁଥ କ୍ଲବ ଦ୍ୱାରା ଆୟୋଜିତ ମା କାଳୀ ହ୍ୟାଣ୍ଡଲ ଟୁର୍ଣ୍ଣାମେ□ ଆନୁଷ୍ଠାନିକ ଭାବେ ଉଦଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଫାଇନାଲ ମ୍ୟାଚ ଓ ବ୍ରହ୍ମପୁର ହରିଡାଖଣ୍ଡି ମଧ୍ୟରେ ଅନୁଷ୍ଠିତ ହୋଇଥିଲ। ଏହି ମ୍ୟାଚ କୁ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ବିନେତା ସ୍ୱାଇଁ, ନଗର ବିଜେଡି ସଭାପତି ତଥା ସମାଜ ସେବି ସତ୍ୟନାରାୟଣ ସ୍ୱାଇଁ ଉଦଘାଟନ କରିଥିଲା ବେଳେ ବିଜୟୀ ବ୍ରହ୍ମପୁର ଫ୍ରେଣ୍ଡସ ଟିମ ବିଜୟୀ ହୋଇଥିଲା ଏହି ଅବସରରେ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆସିକା ନିର୍ବାଚନ ମଣ୍ଡଳୀର ଜନପ୍ରିୟା ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁ ପୂର୍ବତନ ଆସିକା ବ୍ଲକ ଅଧ୍ୟକ୍ଷ ତଥା ରାଜ୍ୟ ବିଜୁ ଯୁବ ଜନତା ଦଳର ସମ୍ପାଦକ ହରେକୃଷ୍ଣ ମଲିକ,ଜିଲ୍ଲା ପରିଷଦ ସଦସ୍ୟ ଜୋନ ନଂ-୦୩ ତଥା ରାଜ୍ୟ ବିଜୁ ଛାତ୍ର ଜନତା ଦଳର ସାଧାରଣ ସମ୍ପାଦକ ମନୋଜ କୁମାର ଦୋରା,ସ୍ଥାନୀୟ ୱାର୍ଡ ନଂ-୧୩ କାଉନସିଲର ତଥା ନଗର ବିଜୁ ଛାତ୍ର ଜନତା ଦଳର ସଭ୍ୟ ନିଗମ ରାଉତ,ନଗର ବିଜୁ ଯୁବ ଜନତା ସଭାପତି ଜିତେନ୍ଦ୍ର ମହାରଣା ପ୍ରମୁଖ ଯୋଗଦେଇ ବିଜେତା ଓ ଉପବିଜେତା ଟିମକୁ ଟ୍ରଫି ,ଅର୍ଥ ରାଶି ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରଥିଲେ ଏବଂ ଗ୍ରାମା□ଳର ପାରମ୍ପରିକ କ୍ରୀଡ଼ା ହେଣ୍ଡ ବଲ ଖେଳକୁ ଉଜ୍ଜୀବିତ ରଖିଥିବାରୁ ଆୟୋଜକ ମଣ୍ଡଳୀକୁ ସାଧୁବାଦ ଦେଇ କ୍ରୀଡ଼ାପ୍ରେମୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ସମ୍ମାନୀତ ଅତିଥି ଭାବେ ୱାର୍ଡ ନଂ-୦୮କାଉନସିଲର ମଦନମୋହନ ନାୟକ,ବିଜେଡି ଜିଲ୍ଲା ଯୁବ ସମ୍ପାଦକ ପ୍ରତାପ ଚନ୍ଦ୍ର ପ୍ରଧାନ, ୱାର୍ଡ ନଂ୧୪ କାଉନସିଲର ପ୍ରତିନିଧି ରୋଶନ ବୈଠାରୁ,ୱାର୍ଡ ନଂ ୯ କାଉନସିଲର ପ୍ରତିନଧି କାହ୍ନୁ ଚରଣ ପାତ୍ର,ବ୍ଲକ ଛାତ୍ର ବିଜେଡି ସଭାପତି ବିମଳ କୁମାର ପ୍ରଧାନ,ବ୍ଲକ ଯୁବ ବିଜେଡି ସାଧାରଣ ସମ୍ପାଦକ ନରେନ୍ଦ୍ର ନାହାକ ,ଯୁଗ୍ମ ଡିଜିଟାଲ ସମ୍ପାଦକ ଆକାଶ ସ୍ୱାଇଁ, ନିଳାଞ୍ଚଳ ମହାରଣା କାଳୀମୁଖୀ ଯୁବକ ସଂଘ ସଭାପତି ସଂଗ୍ରାମ ଚୌଧୁରୀ ଯୁବକ ସଂଘର ସମସ୍ତ ସଦସ୍ୟଙ୍କ ସମେତ ୱାର୍ଡ ବାସୀ, କ୍ରୀଡ଼ାପ୍ରେମୀ ଦର୍ଶକ ବୃନ୍ଦ ମାନେ ପ୍ରମୁଖ ଉପସ୍ଥିତ ରହି କ୍ରୀଡା ମଧ୍ୟରେ ଅନେକ ଉତ୍ସାହ ଓ ଉଦୀପନା ଭରିଦେଇଥିବା ସହିତ କ୍ରୀଡ଼ାବିତ ମାନଙ୍କୁ ଉତ୍ସାହିତ କରିଥିଲେୟ।

## ଆର୍ଥିକ ସଚେତନତା ଓ ଆର୍ଥିକ ଅନ୍ତର୍ଭୁକ୍ତ କରଣ କାର୍ଯ୍ୟକ୍ରମ



କଳାହାଣ୍ଡି/ମହାଭାରତ : ଜିଲ୍ଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ତରଫରୁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭା ଗୃହରେ ଆର୍ଥିକ ସଚେତନତା ଓ ଆର୍ଥିକ ଅନ୍ତର୍ଭୁକ୍ତ କରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ଯୋଗଦେଇ କାର୍ଯ୍ୟକ୍ରମ ସଂପର୍କରେ ଆଲୋକପାତ କରିଥିଲେ। ସହକାରୀ ନିର୍ଦ୍ଦେଶକ ଜିଲ୍ଲା ଆର୍ଥିକ ସେବା ଓ ସ୍ୱଳ୍ପ ସଞ୍ଚୟ ବିବେକାନନ୍ଦ ମହାନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ପୋଷ୍ଟାଲ ସୁପରିଟେଣ୍ଡେଣ୍ଟ ସୁଶାନ୍ତ ପାଣିଗ୍ରାହୀ ଚିଟଫଣ୍ଡ କମ୍ପାନୀ ରେ ଟଙ୍କା ବିନିଯୋଗ କରିବାର ଅପକାରିତା , ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ଜୀବନ ବୀମା ଅଟଳ ପେନସନ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ବି କେ ପଟ୍ଟନାୟକ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସୀଙ୍ଗ ରାଉତ, ବରିଷ୍ଠ ସାମ୍ବାଦିକ କାର୍ତ୍ତିକେ ଶ୍ୱର ନନ୍ଦ ,ପି. ଏଲ୍ ଉନ୍ନୟନ ଅଧିକାରୀ , ଅଭିଷେକ ପଣ୍ଡା ଙ୍କ ସମେତ ମିଶନ ଶକ୍ତି ମଣ୍ଡଳୀ ଓ ଅଙ୍ଗନବାଡି କର୍ମକର୍ତ୍ତା ସମେତ ୧୧୦ ଜଣ କର୍ମୀ ଯୋଗଦେଇଥିଲେ।



# ମହାଭାରତ ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ






## ୮୦ ଲକ୍ଷରୁ ଊର୍ଦ୍ଧ୍ୱ ହ୍ୱାଟ୍ସଅପ୍ ୟୁଜରଙ୍କୁ ଝଟ୍କା

**ନୂଆଦିଲ୍ଲୀ,୨୩।୨(ଏଜେନ୍ସି):** ଇନଷ୍ଟା ମେସେଜିଂ ଆପ୍ ହ୍ୱାଟ୍ସଆପର ବଡ଼ କାର୍ଯ୍ୟାନୁଷ୍ଠାନ । ୮୪ ଲକ୍ଷ ଭାରତୀୟ ୟୁଜର୍ସଙ୍କ ଆକାଉଣ୍ଟ ବ୍ୟାନ। ମାସକରେ ଭାରତରେ ୮୪ ଲକ୍ଷ ଆକାଉଣ୍ଟ ବନ୍ଦ କରିଛି ହ୍ୱାଟ୍ସଆପ୍। ଜାଲିଆତି ଏବଂ ସନ୍ଦେହଜନକ କାର୍ଯ୍ୟକଳାପ ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ମେସେଜିଂ ପ୍ଲାଟ୍ଫର୍ମ ପକ୍ଷରୁ କୁହାଯାଇଛି। ସ୍କାମ୍, ଭ୍ରମାତ୍ମକ ସୂଚନା ପ୍ରସାରଣ ଏବଂ ବେଆଇନ କାର୍ଯ୍ୟକଳାପ ପାଇଁ ହ୍ୱାଟ୍ସଆପର ବହୁଳ ବ୍ୟବହାର କରାଯାଉଥିବା ବେଳେ ଏହାର ମୁକାବିଲା ପାଇଁ ମୂଳ କମ୍ପାନୀ ମେଟା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ୨୦୨୪ ଅଗଷ୍ଟ ୧ରୁ ୩୧ ମଧ୍ୟରେ ଭାରତରେ ପ୍ରାୟ ୮୪.୫ ଲକ୍ଷ ହ୍ୱାଟ୍ସଆପ୍ ଆକାଉଣ୍ଟ ବ୍ୟାନ୍ ହୋଇଥିବା ମେଟା ସୂଚନା ଦେଇଛି। ଏଥିମଧ୍ୟରୁ ବୃହତ ସଂଖ୍ୟକ ଆକାଉଣ୍ଟ ୟୁଜରଙ୍କ ଅଭିଯୋଗ ପରେ ବ୍ୟାନ୍ ହୋଇଥିବାବେଳେ ଆଇନର ଉଲ୍ଲଂଘନ ପାଇଁ ୧୬.୬ ଲକ୍ଷ ଆକାଉଣ୍ଟକୁ ତତ୍କାଳ ବ୍ୟାନ୍ କରାଯାଇଥିବା ଜଣାପଡ଼ିଛି। ଆକାଉଣ୍ଟ ବ୍ୟାନ୍ କରିବା ପରେ ୟୁଜରମାନେ କାହାକୁ ମେସେଜ୍ କରିପାରିବେ ନାହିଁ । କୌଣସି ଡିଭାଇସରେ ଲଗଇନ୍ କରିପାରିବେ ନାହିଁ । ଯଦି କୌଣସି ତ୍ରୁଟି ପାଇଁ ଆକାଉଣ୍ଟ ବ୍ୟାନ୍ ହୋଇଛି ତାହେଲେ ଅଭିଯୋଗ କରିପାରିବେ ।

## ପାକିସ୍ତାନ ଜେଲରୁ ମୁକୁଳିଲେ ୨୨ ଭାରତୀୟ

**ନୂଆଦିଲ୍ଲୀ,୨୩।୨(ଏଜେନ୍ସି):** ପାକିସ୍ତାନ କରାଚୀରେ ଥିବା ୨୨ ଜଣ ଭାରତୀୟ ମତ୍ସ୍ୟଜୀବୀଙ୍କୁ ମୁକ୍ତ କରାଯାଇଛି । ଏହି ମତ୍ସ୍ୟଜୀବୀଙ୍କ କାରାଦଣ୍ଡ ଅବଧି ସମାପ୍ତ ହେବା ପରେ ତାଙ୍କୁ ମୁକ୍ତ କରିଛନ୍ତି ପାକିସ୍ତାନ ସରକାର । ଆଜି ସେମାନଙ୍କୁ ଭାରତ ପଠାଯାଇପାରେ । ପାକିସ୍ତାନ ଗଣମାଧ୍ୟମର ସୂଚନା ମୁତାବକ ଏଘି ଫାଉଣ୍ଡେସନ ଅଧ୍ୟକ୍ଷ ଫୈସଲ ଏଘି ଏହି ମତ୍ସ୍ୟଜୀବୀମାନଙ୍କୁ ଲାହୋର ପହଂଚାଇବାକୁ ସମସ୍ତ ପରିବହନ ବ୍ୟବସ୍ଥା କରିଛି । ଏହି ସଂସ୍ଥା କେବଳ ପରିବହନ ଖର୍ଚ୍ଚ ତୁଲାଇନାହିଁ ବରଂ ମତ୍ସ୍ୟଜୀବୀଙ୍କୁ ଉପହାର ସ୍ୱରୂପ କିଛି ଅର୍ଥରାଶି ମଧ୍ୟ ପ୍ରଦାନ କରିଛି । ମତ୍ସ୍ୟଜୀବୀମାନେ ଲାହୋରୁ ଭାରତ ଫେରିବେ । ଏଘି ଫାଉଣ୍ଡେସନର ଅଧ୍ୟକ୍ଷ ଫୈସଲ ଉଭୟ ଭାରତ ଓ ପାକିସ୍ତାନ ସରକାରକୁ ଏହି ମତ୍ସ୍ୟଜୀବୀମାନଙ୍କ ପ୍ରତି କୋହଳ ମନୋଭାବ ପୋଷଣ କରିବାକୁ ଅନୁରୋଧ କରିଥିଲେ । ସେ କହିଥିଲେ କି ଏମାନେ ଭୁଲରେ ସମୁଦ୍ର ସୀମା ପାର କରି ପାକିସ୍ତାନ ଭିତରେ ଅନୁପ୍ରବେଶ କରିଥିଲେ । ପାକିସ୍ତାନ ଅଧିକାରୀମାନେ ୱାଘା ବୋର୍ଡର ବାଟ ଦେଇ ଏହି ମତ୍ସ୍ୟଜୀବୀମାନଙ୍କୁ ଭାରତ ପଠାଇବେ ।

## ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ମିଳିଲା ଜେଡ ବର୍ଗର ସୁରକ୍ଷା



**ନୂଆଦିଲ୍ଲୀ,୨୩।୨(ଏଜେନ୍ସି):** ଦିଲ୍ଲୀର ନୂତନ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କୁ ଜେଡ ବର୍ଗର ସୁରକ୍ଷା ଦିଆଯାଇଛି । ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଜେଡ ବର୍ଗ ସୁରକ୍ଷା ଅଧୀନରେ, ପ୍ରାୟ ୨୨ ଜଣ ସୁରକ୍ଷାକର୍ମୀ ନିୟୋଜିତ ହୋଇଥାନ୍ତି । ଏଥିରେ ପିଏସଓ, ଏସ୍କର୍ଟ, ୱାଚର୍ସ ଏବଂ ପ୍ରାୟ ୮ ଜଣ ସଶସ୍ତ୍ର ଗାର୍ଡ ଅନ୍ତର୍ଭୁକ୍ତ । ପୂର୍ବରୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅତିଶି ଏବଂ ଶୀଲା ଦୀକ୍ଷିତଙ୍କୁ ମଧ୍ୟ ସୁରକ୍ଷା ପାଇଁ ଜେଡ ବର୍ଗର ସୁରକ୍ଷା ଦିଆଯାଇଥିଲା । ସେହିପରି, ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ଜେଡ୍ ପ୍ଲସ୍ ସୁରକ୍ଷା ମିଳିଛି । କୌଣସି ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ କି ପ୍ରକାରର ସୁରକ୍ଷା ଦିଆଯିବା ଉଚିତ ତାହା ସୁରକ୍ଷା ଏଜେନ୍ସିଗୁଡ଼ିକ ଦ୍ୱାରା ବିପଦ ଆକଳନ ଆଧାରରେ ନିଷ୍ପତ୍ତି ନିଆଯାଇଥାଏ । ସୂଚନା ଥାଉ କି ଯେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଛି ଏବଂ ତାଙ୍କ ବାସଭବନ ଏବଂ ଆଖପାଖରେ ସୁରକ୍ଷା ସହିତ ଉଚ୍ଚମାନର ସୁରକ୍ଷା ଉପକରଣ ସହିତ ପ୍ରବେଶ-ପ୍ରସ୍ଥାନ ଯାଞ୍ଚ ପଏଣ୍ଟ ସ୍ଥାପନ କରାଯିବ । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସୁରକ୍ଷାରେ ବାରିଅର ଲିଫ୍ଟ ସିଷ୍ଟମ, ବୁମ୍ ବାରିଅର, ଟାୟାର କିଲର ଅନ୍ତର୍ଭୁକ୍ତ କରାଯିବ । ଏଥିପାଇଁ ୨୧ କୋଟି ଟଙ୍କାର ବଜେଟ୍ ସ୍ଥିର କରାଯାଇଥିଲା । ମୁଖ୍ୟମନ୍ତ୍ରୀ ଯୋଗୀଙ୍କ ସୁରକ୍ଷା ବ୍ୟବସ୍ଥା କୌଣସି ଅଭେଦ୍ୟ ଦୁର୍ଗଠାରୁ କମ୍ ନୁହେଁ । ଯୋଗୀ ଆଦିତ୍ୟନାଥ ଦେଶର ସେହି ନେତାମାନଙ୍କ ତାଲିକାରେ ସାମିଲ ଅଛନ୍ତି, ଯେଉଁମାନେ ଏନଏସଜିର ବ୍ଲାକ କ୍ୟାଟ୍ କମାଣ୍ଡୋ ଦ୍ୱାରା ସୁରକ୍ଷିତ । ଗଣମାଧ୍ୟମ ରିପୋର୍ଟ ଅନୁସାରେ, ମୁଖ୍ୟମନ୍ତ୍ରୀ ଯୋଗୀଙ୍କୁ ଜେଡ ପ୍ଲସ୍ ବର୍ଗର ସୁରକ୍ଷା ଯୋଗାଇ ଦିଆଯାଇଛି । ଭାରତରେ, ଜେଡ ପ୍ଲସ ବର୍ଗର ସୁରକ୍ଷାକୁ ସର୍ବୋଚ୍ଚ ସ୍ତରର ସୁରକ୍ଷା ଭାବରେ ବିବେଚନା କରାଯାଏ । ସୁରକ୍ଷା ପାଇଁ ୧୦ ରୁ ଅଧିକ ଏନଏସଜି କମାଣ୍ଡୋ ନିୟୋଜିତ ହୋଇଛନ୍ତି । ଏହି ବର୍ଗର ସୁରକ୍ଷାର ସବୁଠାରୁ ବିଶେଷ କଥା ହେଉଛି ଯେ ସୁରକ୍ଷାରେ ନିୟୋଜିତ ପ୍ରତ୍ୟେକ କମାଣ୍ଡୋ ସମର କଳାରେ ବିଶେଷଜ୍ଞ ।

### ସୋସିଆଲ ମିଡ଼ିଆରେ ଆଉ ଚାଲିବନି ଅଶ୍ଳୀଳ କଣ୍ଟେଣ୍ଟ !

## କଠୋର ନିୟମ ଲାଗୁ କରିବେ କେନ୍ଦ୍ର ସରକାର

**ନୂଆଦିଲ୍ଲୀ,୨୩।୨(ଏଜେନ୍ସି):** ନିକଟରେ ୟୁଟ୍ୟୁବର ରଣବୀର ଆହ୍ଲାବାଦିଆଙ୍କ ମାମଲାରେ ସୁପ୍ରିମକୋର୍ଟ କଡ଼ା ଟିପ୍ପଣୀ ଦେଇଥିଲେ । ଏହା ମଧ୍ୟରେ କେନ୍ଦ୍ର ସରକାର ସୋସିଆଲ ମିଡ଼ିଆକୁ ନେଇ ଏକ ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି । ସୋସିଆଲ ମିଡ଼ିଆ ଇନଫ୍ଲୁଏନ୍ସରଙ୍କ ପାଇଁ କୋଡ ଅଫ୍ କଣ୍ଡକ୍ଟ ଆଣିବାକୁ କେନ୍ଦ୍ର ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଏହି କୋଡର ପାଳନ ୫ରୁ ୫ ଲକ୍ଷ ଫଲୋଅର୍ସ ଥିବା ଇନଫ୍ଲୁଏନ୍ସରଙ୍କ ପାଇଁ ଲାଗୁ ହେବ । ଭବିଷ୍ୟତରେ ଇଣ୍ଡିଆଜ ଗଟ ଟ୍ୟାଲେଣ୍ଟ ପରି ଶୋ' ଦେଶବାସୀଙ୍କ ଭାବନାକୁ ଯେପରି କ୍ଷତି ପହଞ୍ଚାଇ ନ ପାରିବ, ତା' ଉପରେ ଧ୍ୟାନ ଦିଆଯିବ । ଏଥିସହିତ ଇନଫ୍ଲୁଏନ୍ସର୍ସଙ୍କୁ କଣ୍ଟେଣ୍ଟ ପାଇଁ ରେଟିଂ ମଧ୍ୟ ଦେବା ବାଧ୍ୟତାମୂଳକ କରାଯିବ । ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ଓ ଓଟିଟି କଣ୍ଟେଣ୍ଟକୁ ନେଇ ସରକାର ବିଭିନ୍ନ ସ୍ତରରେ ପଦକ୍ଷେପ ଗ୍ରହଣ କରୁଛନ୍ତି । ଛୋଟ ପିଲାଙ୍କୁ ଅଶ୍ଳୀଳ-ଅଭଦ୍ର କଣ୍ଟେଣ୍ଟ ଠାରୁ ଦୂରେଇ ରଖିବା ପାଇଁ ନିୟମ ଅଣାଯିବ । ଓଟିଟି ପ୍ଲାଟଫର୍ମ ପାଇଁ ଆଡଭାଇଜରି ଓ ଡିଜିଟାଲ ଇଣ୍ଡିଆର ବିଧେୟକ ପ୍ରସ୍ତୁତି ଉପରେ କାମ ଚାଲିଛି । ଇଣ୍ଡିଆଜ ଗଟ ଟ୍ୟାଲେଣ୍ଟ ବିବାଦକୁ ନେଇ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସରକାରଙ୍କୁ ଜବାବ ମାଗିଛନ୍ତି। ଏଭଳି ଖରାପ କଣ୍ଟେଣ୍ଟ ଉପରେ ରୋକ ଲଗାଇବା ପାଇଁ କେନ୍ଦ୍ର ସରକାର କ'ଣ ପଦକ୍ଷେପ ଗ୍ରହଣ କରିଛନ୍ତି ତାହା ମଧ୍ୟ ସରକାରଙ୍କୁ ପ୍ରଶ୍ନ କରିଥିଲେ କୋର୍ଟ । ପରବର୍ତ୍ତୀ ଶୁଣାଣିରେ ସରକାର ଏହି ତଥ୍ୟ ଦାଖଲ କରିବାକୁ କୋର୍ଟ କହିଛନ୍ତି । ସୋସିଆଲ ମିଡ଼ିଆ କଣ୍ଟେଣ୍ଟରୁ ଅଶ୍ଳୀଳତା, ଅଭଦ୍ରତା ଓ ଗାଳିଗୁଲଜକୁ ଦୂର କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ । କଣ୍ଟେଣ୍ଟକୁ ରେଟିଂ ଦେଇ ଶେୟାର କରାଯାଉଥିବା ପୋଷ୍ଟ କେଉଁ ସ୍ତରର ବୋଲି ସ୍ପଷ୍ଟ କରିବାକୁ ପଡ଼ିବ । କୋଡ ଅଫ୍ କଣ୍ଡକ୍ଟରେ ରେଟିଂ ଏକରୁ ପାଞ୍ଚ ପର୍ଯ୍ୟନ୍ତ ରଖାଯାଇପାରେ । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସୋସିଆଲ ମିଡ଼ିଆ ଇନଫ୍ଲୁଏନ୍ସର୍ସଙ୍କ ପାଇଁ କୋଡ ଅଫ୍ କଣ୍ଡକ୍ଟ ଜାରି କରିବ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି ।

## ୧୬୧୦ ଲିଟର ମଦ ଓ ୧୨ ହଜାର ଲିଟର ପୋଚ ଜବତ



**ଆଠଗଡ,(ନିପ୍ର):** କଟକ ଜିଲ୍ଲାପାଳ ଓ ଜିଲ୍ଲା ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଆଠଗଡର କୋରଙ୍ଗା ଗ୍ରାମରେ ଅବକାରୀ ଓ ପୁଲିସ ପକ୍ଷରୁ ମିଳିତ ଚଢାଉ କରାଯାଇଛି। ଭୋର ସମୟରେ ନବନିଯୁକ୍ତ ଆଠଗଡ ଅବକାରୀ ଉପଅଧୀକ୍ଷକ ସି ଏଚ ତିରୁପତିଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢାଉରେ କୋରଙ୍ଗା ଗ୍ରାମର ଗୋଟିଏ ଘରୁ ବହୁ ପରିମାଣର ମଦ ଓ ଗୁଡ ମିଶ୍ରିତ ପୋଚ ଜବତ କରାଯାଇଛି। ଏକାଧିକ ଚୋରା ମଦ ଭାଟି ଉପରେ ମଧ୍ୟ ଚଢାଉ କରାଯାଇ ମଦ ଓ ପୋଚ ଜବତ କରାଯାଇଥିଲା । ମୋଟ ୧୬୧୦ ଲିଟର ସଦ୍ୟ ପ୍ରସ୍ତୁତ ଦେଶୀ ମଦ ଓ ମଦ ପ୍ରସ୍ତୁତି ପାଇଁ ଗଚ୍ଛିତ ୧୨୨୧୫ ଲିଟର ପୋଚ ଜବତ କରାଯାଇ ଘଟଣାସ୍ଥଳରେ ନଷ୍ଟ କରାଯାଇଥିଲା। ତେବେ ଜଣେ ବି ଚୋରା ମଦ ବ୍ୟବସାୟୀ ଗିରଫ ହୋଇନଥିବାବେଳେ ଏ ସମ୍ପର୍କିତ ୪ଟି ମାମଲା ରୁଜୁ କରାଯାଇଛି । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ଯେତେବେଳେ ବି ଚୋରା ମଦ କାରବାର ପେଣ୍ଠ କୋରଙ୍ଗା, ଭିରୁଡା ଓ ଡାଳୁଆ ଅଞ୍ଚଳରେ ଅବକାରୀ ଚଢାଉ ହେଉଛି ଚୋରା ମଦ ମାଫିଆ କେବେ ବି ଧରାପଡ଼ିବାର ନଜିର ନାହିଁ । ମାମଲା ରୁଜୁ ହେଉଛି, କିନ୍ତୁ ଅଭିଯୁକ୍ତ ଆଦୌ ଧରା ପଡୁନାହାନ୍ତି । ଏଥିରୁ ମଦ ମାଫିଆ ଓ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଥିବା ସ୍ପଷ୍ଟ ଜଣାପଡୁଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଆଠଗଡ ଅବକାରୀ ନିରୀକ୍ଷକ ରବି ନାରାୟଣ ପ୍ରଧାନ, ଉପନିରୀକ୍ଷକ ଅରୁଣ କୁମାର ଭୋଇ, ବାଙ୍କୀ ଏସଆଇ ସୌମ୍ୟରଞ୍ଜନ ମାଝି, କଟକ ସଦର ଏସଆଇ ଅଜିତ ପାତ୍ର, ଭ୍ରାମ୍ୟମାଣ ସ୍କ୍ୱାଡ୍ ? ଏସଆଇ ସେଫାଳୀ ଦାସ ଓ ଆଠଗଡ ଥାନା ଉପନିରୀକ୍ଷକ ଜନ୍ମିତା ସାସମଲଙ୍କ ସମେତ ବହୁ ଅବକାରୀ ଏବଂ ପୁଲିସ କର୍ମଚାରୀ ଏଥିରେ ଅଂଶଗ୍ରହଣ କରିଥିଲେ।

## 'ଜଙ୍ଗଲ ଆମର ମୂଲ୍ୟବାନ ସମ୍ପଦ'

### ଉପାନ୍ତ ସୁନାପାଲି ଗାଁରେ ବନାଗ୍ନି ନିରାକରଣ ଜନ ସଚେତନତା କାର୍ଯ୍ୟକ୍ରମ



**ଉଲୁଣ୍ଡା,(ନିପ୍ର):** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକର କୋଟସମଲାଇ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବଣ ପାହାଡ଼ ଘେରା ଉପାନ୍ତ ସୁନାପାଲି ବନ ସୁରକ୍ଷା ସମିତି ଠାରେ ବନାଗ୍ନି ନିରାକରଣ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପିଏଏନଜିଓ ଡିଓ ସୁଚରିତା ନାୟକ ସ୍ୱାଗତ ଭାଷଣ ସହ ସଭା କାର୍ଯ୍ୟ ଆରମ୍ଭ କରିଥିବା ବେଳେ, ପ୍ରକୃତିପ୍ରେମୀ ସତ୍ୟଜିତ ଗଡୁଆ ଅତିଥି ଭାବେ ଯୋଗ ଦେଇ ଗ୍ରୀଷ୍ମଋତୁର ଆଗମନରେ ଜଙ୍ଗଲରେ ବିଭିନ୍ନ ସ୍ଥାନରେ ନିଆଁ ଲାଗି ବହୁତ କ୍ଷୟକ୍ଷତି ହେଉଥିବା ବେଳେ ବନ୍ୟପ୍ରାଣୀ, ବୃକ୍ଷଲତା ଓ ଔଷଧୀୟ ବୃକ୍ଷଲତା ମାଟିର ଉର୍ବରତା ମଧ୍ୟ ହ୍ରାସ ପାଉଛି ଯାହାଫଳରେ ପରିବେଶ ଦିନକୁ ଦିନ ପ୍ରଦୂଷଣ ହେଇଯାଉଛି ବୋଲି ବକ୍ତବ୍ୟ ରଖିବା ସହ ଜ଼ିରୋ ଜଙ୍ଗଲ ନିଆଁ ପାଇଁ ନିବେଦନ କରିଥିଲେ। ଚାଷ ଜମିରେ ନିଆଁ ନଲଗାଇବା, ମହୁଲଗୋଟାଳି ମାନଙ୍କୁ ନିଆଁ ନଲଗାଇବା, କୌଣସି ସ୍ଥାନରେ ନିଆଁ ଲାଗିଥିବାର ଦେଖିଲେ ତୁରନ୍ତ ଲିଭାଇବା ପାଇଁ ଉଦ୍ୟମ କରିବା ସହ ବନ ବିଭାଗ କର୍ମଚାରୀଙ୍କୁ ଖବର ଦେବା ପାଇଁ ଟିମ୍ ଲିଡର ସଂଜୀବ କୁମାର ନାଗ ସମସ୍ତଙ୍କୁ ବୁଝାଇବା ସହ ଅନୁରୋଧ କରିଥିବା ବେଳେ, ଜଙ୍ଗଲ ଆମର ମୂଲ୍ୟବାନ ସମ୍ପଦ ଜଙ୍ଗଲରେ ନିଆଁ ଲଗାଇବା ନାହିଁ ବୋଲି ଆମ ଜଙ୍ଗଲକୁ ଆମେ ସୁରକ୍ଷା କରିବା ବୋଲି ବନପାଳ ରଘୁମଣୀ ଭୋଇ ସମସ୍ତଙ୍କୁ ଅନୁରୋଧ କରିଥିଲେ । ଶେଷରେ ପ୍ରକୃତିପ୍ରେମୀ ସତ୍ୟଜିତ ସମସ୍ତ ବନ କର୍ମଚାରୀ ଓ ବନ ସୁରକ୍ଷା ସମିତି ସଭ୍ୟ ସଭ୍ୟା, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନଙ୍କୁ ଆମ ଜଙ୍ଗଲରେ ଆମେ ନିଆଁ ଲଗାଇବା ନାହିଁ, ଆମେ ବନାଗ୍ନିକୁ ନିରାକରଣ କରିବା ପାଇଁ ସମସ୍ତେ ପ୍ରତିଜ୍ଞାବଦ୍ଧ ରହିବା ପାଇଁ ଅନୁରୋଧ କରିବା ସହ ସଭା ସାଙ୍ଗ କରିଥିଲେ ଉକ୍ତ କାର୍ଯ୍ୟକ୍ରମରେ ସଭାପତି ନବୀନ ଧରୁଆ ,ଉପ- ସଭାନେତ୍ରୀ ଅଷ୍ଟମୀ ଦେହେରୀ, କୋଷାଧ୍ୟକ୍ଷ ବଶିଷ୍ଠ ଭୁକ୍ତା, ସନ୍ଧ୍ୟାରାଣୀ ଦେହେରୀ, ସଚିନ ଧରୁଆ ଭୋଇଙ୍କ ସମେତ ସମସ୍ତ ସଭ୍ୟ ସଭ୍ୟା, ଏସ ଏଚ ଜି ମହିଳା ଉପସ୍ଥିତ ଥିଲେ।

## କନିଷି କ୍ଲଷ୍ଟରସ୍ତରୀୟ ନିପୁଣ ମେଳା ଆୟୋଜିତ



**ଗୋପାଳପୁର,(ନିପ୍ର):** କନିଷି କ୍ଲଷ୍ଟର ସ୍ତରୀୟ ନିପୁଣ ମେଳା ୨୦୨୫ କନିଷି ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କନିଷି କ୍ଲଷ୍ଟର ସିଆରସିସି ବିରୁପାକ୍ଷ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ରଙ୍ଗେଇଲୁଣ୍ଡା ବ୍ଲକର ଏବିଇଓ ସୁକାନ୍ତ ଜେନା ଓ ଏବିଇଓ କୁସୁମ ପାଢ଼ୀ ଯୋଗଦେଇ ନିପୁଣ ମେଳା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥି ଭାବେ ସି ଆର୍ ସି ସି ଗୋପାଳ ପଣ୍ଡା, ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସୁଚେତା ପାଢ଼ୀ, ପରିଚାଳନା କମିଟି ସଭାପତି ଜ୍ୟୋତିଞ୍ଜଳି ଦଳ ବେହେରା ଯୋଗ ଦେଇଥିଲେ। କନିଷି କ୍ଲଷ୍ଟରର ମୋଟ ୯ଟି ବିଦ୍ୟାଳୟରୁ ୯୦ ଜଣ ଏଫଏଲଏନ୍ ଛାତ୍ରଛାତ୍ରୀ ତାଙ୍କର ଏଫଏଲଏନ୍ ଶିକ୍ଷକ ଶିକ୍ଷୟତ୍ରୀ ଏବଂ ଅଭିଭାବକ ମାନଙ୍କୁ ନେଇ ଆୟୋଜିତ ମେଳାରେ ସାକ୍ଷରତା, ସଂଖ୍ୟାଜ୍ଞାନ, ସୃଜନଶୀଳତା, ମତାମତ ପ୍ରଦାନ ଏହି ଭଳି ଚାରୋଟି ଷ୍ଟଲର ବ୍ୟବସ୍ଥା ହୋଇଥିଲା।

### ଦେଶୀ ମଦ ଜବତ, ମହିଳାଙ୍କ ସହିତ ୨ ଗିରଫ



**ସମ୍ବଲପୁର,(ନିପ୍ର):** ସମ୍ବଲପୁର ଯୁଯୋମୁରା ବ୍ଲକ୍ ଅନ୍ତର୍ଗତ ଝାଙ୍କରପାଲି ଗ୍ରାମ ପଞ୍ଚାୟତର ଶୀତଲେନପାଲି ମାକଡିଆପଡା ଠାରେ ବେଆଇନ ଭାବରେ ରଖାଯାଇଥିବା ୩୮ ଲିଟର ଦେଶୀ ରନ୍ଧାମଦ ଜବତ କରି ୨ ଜଣକୁ ଗିରଫ କରିଛି ସମ୍ବଲପୁର ଗୁଇନ୍ଦା ଅବକାରୀ ବିଭାଗ। ଶୀତଲେନପାଲି ମାକଡିଆପଡା ଠାରେ ପୁର୍ଣିମା ମିର୍ଦ୍ଧା ଓ ସୁମିତ ମିର୍ଦ୍ଧା ନାମକ ୨ ଜଣକୁ ଗିରଫ କରିବା ସେମାନଙ୍କ ଠାରୁ ୩୮ ଲିଟର ବେଆଇନ ଦେଶୀ ରନ୍ଧାମଦ ଜବତ କରାଯାଇଥିଲା। ଏଣୁ ଏକ ମାମଲା ରୁଜୁ କରି ଉଭୟଙ୍କୁ ଗିରଫ ଗିରଫ କରାଯାଇ ଅଦାଲତ ଚାଲାଣ କରାଯାଇଥିବା ନେଇ ଅବକାରୀ ବିଭାଗ ସୂଚନା ଦେଇଛି।

## ଜାତୀୟ ସ୍ତରୀୟ ନେଟ ବଲ ପ୍ରତିଯୋଗିତାରେ ଗଞ୍ଜାମର ୧୩ ଖେଳାଳୀ



**ବ୍ରହ୍ମପୁର,(ନିପ୍ର):** ଆସନ୍ତା ୨୩ ତାରିଖ ଠାରୁ ହରିୟଣା କଳିଙ୍ଗ, ଭିବାନି, ବାଲାଜୀ ସେକେଣ୍ଡାରୀ ସ୍କୁଲରେ ଅନୁଷ୍ଠିତ ହେବାକୁ ଥିବା ୩୭ ତମ ଜାତୀୟ ଜୁନିଅର ନେଟବଲ ପ୍ରତିଯୋଗିତାରେ ଗଞ୍ଜାମ ଜିଲ୍ଲାରୁ ୧୩ ଖେଳାଳି ମନୋନିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୨ଜଣ ଚମାଖଣ୍ଡି ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ଏସ୍ ସକ୍ଷମ ଶ୍ରୀ ରେଡ୍ଡୀ, ଶ୍ରୀଜିତ୍ ନାୟକ, ଦୀପକ କୁମାର ସେଠୀ, ଶିବରାମ ସାମଲ, ଅର୍ପିତା କାଣ୍ଡି, ସୋନାଲି ଗୌଡ଼, ବୈଶାଖୀ ଲେଙ୍କା, ଜି ବନ୍ଦନା ରେଡ୍ଡୀ, ସିମ୍ରନ୍ ଚୌଧୁରୀ, ଅସ୍ମା ପ୍ରଧାନ, ରୋଷନି ମହାରଣ ଏବଂ ଭାରତୀ ପ୍ରଧାନ ରହିଥିବା ବେଳେ ଏକ ଘୋରେଇ ସ୍କୁଲ ଛାତ୍ର ଆର କ୍ଷୀରୋଦ ରେଡ୍ଡୀ ରହିଛନ୍ତି। କୋଚ ଭାବେ ମାଣିକପୁର ସ୍କୁଲ ପିଇଟି ଶିକ୍ଷକ ଜିତେନ୍ଦ୍ର ଖୁଣ୍ଟିଆ ଛାତ୍ରଛାତ୍ରୀଙ୍କ ସହ କଟକ ଷ୍ଟେସନ ରୁ ଯାତ୍ରା ଆରମ୍ଭ କରିଛନ୍ତି। ଆଦର୍ଶ ବିଦ୍ୟାଳୟ ର ସମସ୍ତ ଛାତ୍ରଛାତ୍ରୀଙ୍କୁ ସ୍କୁଲ ପିଇଟି ଶିକ୍ଷକ ପିଣ୍ଟୁ ବେହେରା ପ୍ରଶିକ୍ଷଣ ଦେଇଥିବା ବେଳେ ସ୍କୁଲ ଅଧକ୍ଷ ପ୍ରମୋଦ କୁମାର ବେହେରା ସଫଳତା କାମନା କରିଛନ୍ତି।

## ଓଡିଶା ଆନ୍ତଃ ବିଶ୍ୱବିଦ୍ୟାଳୟ ସାଂସ୍କୃତିକ ପ୍ରତିଯୋଗିତା-୨୦୨୫

**ବ୍ରହ୍ମପୁର,(ନିପ୍ର):** ଓଡିଶା ସରକାରଙ୍କ ସହାୟତାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଆୟୋଜିତ ଓଡିଶା ଆନ୍ତଃ ବିଶ୍ୱବିଦ୍ୟାଳୟ ସାହିତ୍ୟିକ ଏବଂ ସାଂସ୍କୃତିକ ପ୍ରତିଯୋଗିତାର ତୃତୀୟ ଦିବସର କାର୍ଯ୍ୟକ୍ରମରେ ଓଡିଆ ଏବଂ ଇଂରାଜୀ ବକ୍ତୃତା ପ୍ରତିଯୋଗିତା, ତର୍କ ପ୍ରତିଯୋଗିତାର ୧ମ ରାଉଣ୍ଡ, ଇଂରାଜୀ ରଚନା ଲିଖନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଇଂରାଜୀ ବାକ୍ତୃତା ରେ ମୋଟ ୧୬ ଟି ବିଶ୍ୱବିଦ୍ୟାଳୟର ୩୨ ଜଣ ପ୍ରତିଯୋଗୀ ଭାଗ ନେଇଥିଲା ବେଳେ ଓଡିଆ ବାକ୍ତୃତା ରେ ୩୪ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ ।ସେହିଭଳି ଇଂରାଜୀ ତର୍କରେ ୧୧ ଜଣ ଓ ଇଂରାଜୀ ରଚନା ଲିଖନରେ ୧୩ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ ଓ ବିଭିନ୍ନ ପ୍ରତିଯୋଗିତାରେ ପ୍ରତିଭାବାନ ଛାତ୍ର ଛାତ୍ରୀ ବିଚାରକ ମଣ୍ଡଳୀଙ୍କ ଗହଣରେ ନିଜ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ ଓ ସନ୍ଧ୍ୟା ରେ ଆୟୋଜିତ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଭିନ୍ନ ବିଶ୍ୱବିଦ୍ୟାଳୟର ପ୍ରତିନିଧିତ୍ୱ କରୁଥିବା ଛାତ୍ର ଛାତ୍ରୀମାନେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ଓ ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିବା ପାଇଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର୍ ଗୀତାଞ୍ଜଳି ଦାଶ, ସ୍ନାତକୋତ୍ତର ବିଭାଗର ଅଧ୍ୟକ୍ଷ ପ୍ରଫେସର୍ ସୁକାନ୍ତ କୁମାର ତ୍ରିପାଠୀ କୁଳସଚିବ ଶ୍ରୀ ସଚିଦାନନ୍ଦ ନାୟକ ପ୍ରମୁଖ ଛାତ୍ର ଛାତ୍ରୀଙ୍କ ଗହଣରେ ଯୋଗଦେଇ ଉତ୍ସାହିତ କରିଥିଲେ ଓ ଏହି ଅବସରରେ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ଦ୍ୱାରା ପ୍ରସ୍ତୁତ ଓଡ଼ିଆ ଓ ଇଂରାଜୀ ପତ୍ରିକା ଉନ୍ମୋଚିତ ହୋଇଥିଲା ଓ ଫେବୃଆରୀ ୧୯ରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବରେ ଓଡିଶାର ୧୭ଟି ବିଶ୍ୱବିଦ୍ୟାଳୟରୁ ୫୦୩ ଜଣ ଛାତ୍ରଛାତ୍ରୀ ପ୍ରତିନିଧିତ୍ୱ କରିଛନ୍ତି।

## ଆଶ୍ରମ ବିଦ୍ୟାଳୟରେ ବାର୍ଷିକ ମହୋତ୍ସବ ପାଳନ




**ପାପଡାହାଣ୍ଡି,(ନିପ୍ର):** ପାପଡାହାଣ୍ଡି ବ୍ଲକ ଲାବାନ୍ୟପଦର ଆଶ୍ରମ ବିଦ୍ୟାଳୟ ଠାରେ ବାର୍ଷିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଖେମା ଗୋରଡାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ନବରଙ୍ଗପୁର ସାଂସଦ ପାପଡାହାଣ୍ଡି ବ୍ଲକ ପ୍ରତିନିଧି ହରିହର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସାଂସଦଙ୍କ ଉମରକୋଟ ବ୍ଲକ ପ୍ରତିନିଧି ବାସନ୍ତୀ ମାଝୀ ବ୍ଲକ ମଂଗଳ ସମ୍ପ୍ରସାରଣ ଅଧିକାରୀ ଦେବବ୍ରତ ପରିଡ଼ା ବ୍ଲକ୍ ଉପାଧ୍ୟକ୍ଷ ସୁଶାନ୍ତ ବେହେରା ସିଆର ସିସି ଧରଣି ଧର କମର୍ଲା ଧନସୁଳି ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବନସିଂ ନାୟକ ଏସ ଏମ୍ ସି ସଭାପତି ରାମ ହରିଜନ ସମିତି ସଭ୍ୟ କିଶୋର ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅଥିତି ଭାବେ ଯୋଗ ଦେଇଥିଲେ। ଏହି ଉତ୍ସବରେ ଅଥିତି ମାନେ ଛାତ୍ର ଛାତ୍ରୀଙ୍କୁ ଶିକ୍ଷା ପ୍ରତିଭାର ବିକାଶ ପାଇଁ ବାର୍ତ୍ତା ଦେଇଥିଲେ। ଏହି ଅବସରରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ଓ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଚାଲିଥିବା ବେଳେ ବେଳେ ଜିଲ୍ଲା ମଂଗଳ ଅଧିକାରୀ ପାଲକା ରବିନ୍ଦ୍ର ଅତିରିକ୍ତ ମଂଗଳ ଅଧିକାରୀ ଭରତ ଚନ୍ଦ୍ର ସାହୁ ଓ ନିବେଦିତା ବିଶ୍ୱାଳ ଯୋଗଦାନ କରିଥିଲେ। ଲାବାନ୍ୟପଦର ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଖେମା ଗରଡା, ସମେତ ଶିକ୍ଷୟତ୍ରୀ କୈଶଲ୍ୟା ଭତରା, ରଶ୍ମିତା ପୃଷ୍ଟି. ରୋଶନୀ ବେଗମ, କୃତିବାସ ହରିଜନ ସୁରୋଜ ଚହାନ୍, ମେଟ୍ରୋନ ଦିଦି ବିତା ପତି ଉପସ୍ଥିତ ରହି ସହଯୋଗ କରିଥିଲେ।

## ଜିଲ୍ଲା ସଂସ୍କୃତି ପରିଷଦ ସାଧାରଣ ପରିଷଦ ବୈଠକ

**ଛତ୍ରପୁର,(ନିପ୍ର):** ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ନିର୍ଦ୍ଦେଶ କ୍ରମେ ନବଗଠିତ ଜିଲ୍ଲା ସଂସ୍କୃତି ପରିଷଦର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ବୈଠକରେ ଜିଲ୍ଲାର ଲୋକକଳା ଗୁଡିକୁ ଦୀର୍ଘଜୀବୀ ରଖିବା ସକାଶେ କଳାକାର ମାନଙ୍କୁ ପ୍ରଦାନ କରାଯାଉଥିବା ପାରିଶ୍ରମିକ ବୃଦ୍ଧି କରାଯାଇଛି । ଜିଲ୍ଲାରେ ରହିଥିବା ଲୋକକଳା, ଲୋକ ସଙ୍ଗୀତ ଓ ଲୋକନୃତ୍ୟ ସମ୍ପର୍କିତ କର୍ମଶାଳା ଗୁଡିକୁ ଭଞ୍ଜନଗର, ଛତ୍ରପୁର ଏବଂ ବ୍ରହ୍ମପୁର ଉପଖଣ୍ଡର ଆୟୋଜନ କରିବା ସକାଶେ ନିଷ୍ପତ୍ତି ଗ୍ରହଣ କରାଗଲା । ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଚିତ୍ରଖଳଆର ପ୍ରତିଯୋଗିତା ଏବଂ କର୍ମଶାଳା ଆୟୋଜନ କରି ଚିତ୍ରକଳାର ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ପ୍ରଶିକ୍ଷଣ ଦେବା ସକାଶେ ବୈଠକରେ ସ୍ଥିର ହୋଇଯାଇଛି । ଗଞ୍ଜାମ ଜିଲ୍ଲାର ଲୋକ ନୃତ୍ୟ, ଲୋକସଙ୍ଗୀତ ଆଦି କ୍ଷେତ୍ରରେ ଯୁବପୀଢୀଙ୍କୁ ସାମିଲ କରି ଲୋକକଳାର ବିକାଶ ଓ ଦୀର୍ଘଜୀବୀ କରି ରଖିବା ଦିଗରେ ପଦକ୍ଷେପ ଗ୍ରହଣ ସକାଶେ ସଭ୍ୟ/ସଭ୍ୟାଗଣ ମତ ନେଇଥିଲେ । ଜିଲ୍ଲା ସ୍ତରୀୟ ନାଟକ ମହୋତ୍ସବ, ଲୋକକଳା କର୍ମଶାଳା, ଏକକ ଅଭିନୟ, ସଙ୍ଗୀତ ଗାନ, ବକ୍ତୃତା, ଚିତ୍ରକଳା, ଶାସ୍ତ୍ରୀୟ ସଙ୍ଗୀତ ନୃତ୍ୟ କର୍ମଶାଳା ଓ ପ୍ରତିଯୋଗିତା ଆୟୋଜନ କରିବା ସକାଶେ ସ୍ଥିର କରାଗଲା । ଜିଲ୍ଲାର ଲୋକକଳା, ଲୋକ ସଂସ୍କୃତି ଏବଂ ଜିଲ୍ଲାର ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ସମ୍ପର୍କିତ ପୁସ୍ତକ ପ୍ରକାଶନ ନିମନ୍ତେ ସ୍ଥିର କରାଯାଇଥିଲା । ଗଞ୍ଜାମ ଜିଲ୍ଲାର ଲୋକକଳା, ସଂସ୍କୃତି, ଭାଷା ସାହିତ୍ୟ ସମ୍ପର୍କିତ ଏକ ୱେବ ପୋର୍ଟାଲ ପ୍ରସ୍ତୁତ କରି ସମସ୍ତ ସୂଚନା ସେଥିରେ ଯେଭଳି ସର୍ବ ସାଧାରଣଙ୍କ ନିମନ୍ତେ ଉପଲବ୍ଧ ହେବ ସେହି ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥିର କରାଯାଇଥିଲା । ଜିଲ୍ଲା ସଂସ୍କୃତି ବିଭାଗ ଆନକୂଲ୍ୟରେ ରହିଥିବା ଛତ୍ରପୁର ସ୍ଥିତ ଜିଲ୍ଲା ସଂସ୍କୃତି ଭବନ ଏବଂ ବ୍ରହ୍ମପୁର ଠାରେ ରହିଥିବା ବିଜୁ ପଟ୍ଟନାୟକ ସଂସ୍କୃତି ଭବନର ମରାମତି, ଆବଶ୍ୟକୀୟ ଗୃହ ନିର୍ମାଣ ଏବଂ ଏହାର ରକ୍ଷଣା ବେକ୍ଷଣ ଦିଗରେ ପଦକ୍ଷେପ ଗ୍ରହଣ କରିବା ସକାଶେ ନିଷ୍ପତ୍ତି ହୋଇଥିଲା । ଜିଲ୍ଲାର ଐତିହ୍ୟ କଳା, ସଂସ୍କୃତିର ସୁରକ୍ଷା ଓ ବିକାଶ ଦିଗରେ ବ୍ରହ୍ମପୁର ଠାରେ ସଂଗ୍ରହାଳୟ, ଆର୍ଟ ଗ୍ୟାଲେରୀ, ଚିତ୍ରକଳା କାରୁକାର୍ଯ୍ୟ, ଦୃଶ୍ୟ ଶ୍ରାବ୍ୟ ପ୍ରଦର୍ଶନୀ, ପ୍ରଶିକ୍ଷଣ କେନ୍ଦ୍ର, ହସ୍ତଶିଳ୍ପ, କଳା ଓ ଚାରୁକଳା ସାମଗ୍ରୀର ପ୍ରଦର୍ଶନୀ ଓ ବିକ୍ରୟ କେନ୍ଦ୍ର ଇତ୍ୟାଦି ନିର୍ମାଣ ସକାଶେ ବିଭାଗୀୟ ନିର୍ଦ୍ଦେଶ ପ୍ରକାରେ ଡିପିଆର୍ ପ୍ରସ୍ତୁତ କରିବା ନେଇ ଆଲୋଚନା ହୋଇଥିଲା । ବୈଠକରେ ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ସଂପାଦକ ରବି ନାରାୟଣ ବେହେରା, ଜିଲ୍ଲା ପଞ୍ଚାୟତ ଅଧିକାରୀ ଜିଲ୍ଲା ସଂସ୍କୃତି ପରିଷଦ ତଥା କୋଷାଧ୍ୟକ୍ଷ ପ୍ରହଲ୍ଲାଦ ପ୍ରଧାନ, ଆକାଶବାଣୀ ବ୍ରହ୍ମପୁର କେନ୍ଦ୍ରର ଉଦଘୋଷକ ଅମିତା ଦାଶ, ଜାତୀୟ ଯୁବ ପୁରସ୍କାର ପ୍ରାପ୍ତ ସାମାଜିକ କର୍ମୀ ତଥା କଳା ସଂଗଠକ ଅରୁଣ କୁମାର ଶତପଥୀ, ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ଏବଂ ଲୋକକଳା ଗୁରୁ ପଦ୍ମଶ୍ରୀ ସ୍ୱର୍ଗତ ଭଗବାନ ସାହୁଙ୍କ ନାତି ବିଘ୍ନେଶ୍ୱର ସାହୁ, ଭାରତ ଲୀଳା ବରିଷ୍ଠ ଗୁରୁ ରଙ୍କନିଧି ବେହେରା, ଖଲ୍ଲିକୋଟ ଚାରୁ କାରୁକଳା ମହା ବିଦ୍ୟାଳୟଙ୍କ ଅଧ୍ୟକ୍ଷ ଙ୍କ ପ୍ରତିନିଧି ବିପିନ ଚନ୍ଦ୍ର ସେଠୀ ଏବଂ ସଂସ୍କୃତି ବିଭାଗୀୟ କର୍ମଚାରୀ କେଶବ ବେହେରା ଓ ଚନ୍ଦ୍ର ଶେଖର ଆଚାର୍ଯ୍ୟ ଉପସ୍ଥିତ ଥିଲେ।

# ୧୪,୦୦୦ ରନ୍ ପୂରଣ କଲେ କୋହଲି

ଦୁବାଇ,୨୩ା୨ : ପାକିସ୍ତାନ ବିପକ୍ଷ ଆଇସିସି ଚାମ୍ପିୟନ୍ସ ଟ୍ରଫି ମ୍ୟାଚ୍‌ରେ ଭାରତୀୟ ଦଳର ତାରକା ବ୍ୟାଟର ବିରାଟ କୋହଲି ଏକାଧିକ ବ୍ୟକ୍ତିଗତ ରେକର୍ଡର ଅଧିକାରୀ ହୋଇଛନ୍ତି ।ସେ ଦିନିକିଆ କ୍ରିକେଟରେ ୧୪,୦୦୦ ରନ୍ ପୂରଣ କରିଛନ୍ତି । ୧୨.୨ ଓଭରରେ ପାକିସ୍ତାନ ବୋଲର ହାରିସ୍ ରୌଫଙ୍କୁ ଚୌକା ମାରି ସେ ଏହି କୃତିତ୍ୱ ଅର୍ଜନ କରିଛନ୍ତି । ଏଥିସହ ସେ ଦିନିକିଆରେ ଭାରତର ଦ୍ୱିତୀୟ ସର୍ବାଧିକ ରନ୍‌ସ୍କୋରର ହୋଇପାରିଛନ୍ତି । ସଚିନ ତେନ୍ଦୁଲକର ୧୮,୪୨୬ ରନ୍‌କରି ପ୍ରଥମ ସ୍ଥାନରେ ରହିଛନ୍ତି ।

ବିରାଟ କୋହଲି ଦିନିକିଆରେ ଦ୍ରୁତ ତମ ୧୪୦୦୦ ରନ୍ ପୂରଣ କରି ସଚିନ ତେନ୍ଦୁଲକରଙ୍କୁ ପଛରେ ପକାଇଛନ୍ତି । ସଚିନଙ୍କ ପରି, କୋହଲି ମଧ୍ୟ ପାକିସ୍ତାନ ବିପକ୍ଷରେ ଏହି ସଫଳତା ହାସଲ କରିଛନ୍ତି । କୋହଲି ବିଶ୍ୱର ତୃତୀୟ ବ୍ୟାଟର ଯିଏକି, ଏକଦିବସୀୟ ମ୍ୟାଚ୍‌ରେ ଏତେ ରନ୍ କରିଛନ୍ତି । ତାଙ୍କ ପୂର୍ବରୁ ପୂର୍ବତନ ଭାରତୀୟ ବ୍ୟାଟର ସଚିନ ତେନ୍ଦୁଲକର ଏବଂ ପୂର୍ବତନ ଶ୍ରୀଲଙ୍କା ଅଧିନାୟକ କୁମାର ସାଙ୍ଗାକାରା ଦିନିକିଆରେ ୧୪୦୦୦ ରନ୍ ପୂରଣ କରିଛନ୍ତି ।



ସଚିନ ୨୦୦୬ରେ ଏହି ସଫଳତା ହାସଲ କରିଥିଲେ । ସେହି ସମୟରେ ସଚିନ ପେଶାରରେ ପାକିସ୍ତାନ ବିପକ୍ଷରେ ଏକ ଶତକୀୟ ଇନିଂସ ଖେଳିଥିଲେ । ଏହା ଏକ ସଂଯୋଗ ଯେ, ଉଭୟ ମହାନ ବ୍ୟାଟର କେବଳ ପାକିସ୍ତାନ ବିପକ୍ଷରେ ଏହି ସଫଳତା ହାସଲ କରିଛନ୍ତି ।

ଏହି ମ୍ୟାଚ୍‌ରେ କୋହଲି ୨ଟି କ୍ୟାଚ୍ ନେଇଥିଲେ । ପ୍ରଥମେ ସେ ହର୍ଷିତ ରାଣାଙ୍କ ବଲ୍‌ରେ ଖୁସଦିଲ ଶାହାଙ୍କୁ ଏବଂ ପରେ କୁଲଦୀପ ଯାଦବଙ୍କ ବଲ୍‌ରେ ନସିମ ଶାହାଙ୍କୁ କ୍ୟାଚ୍ କରି ପାଭିଲିୟନ ପଥ ଦେଖାଇଥିଲେ । ଏଥିସହ ସେ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟରେ ଭାରତର ସବୁଠାରୁ ଅଧିକ କ୍ୟାଚ୍ ନେବାରେ ରେକର୍ଡ କରିଛନ୍ତି । ପୂର୍ବରୁ ମହମ୍ମଦ ଆଝାରୁଦ୍ଦିନ ୧୫୬ଟି କ୍ୟାଚ୍ ନେଇ ଭାରତୀୟ ରେକର୍ଡର ଅଧିକାରୀ ଥିବାବେଳେ କୋହଲିଙ୍କ କ୍ୟାଚ୍ ସଂଖ୍ୟା ୧୫୮ରେ ପହଞ୍ଚିଛି । ଶ୍ରୀଲଙ୍କାର ମାହେଲା ଜୟବର୍ଦ୍ଧନେ ୨୧୮ ଓ ଅଷ୍ଟ୍ରେଲିଆର ରିକି ପଣ୍ଟିଂ ୧୬୦ କ୍ୟାଚ୍ ନେଇ ଏହି ତାଲିକାର ପ୍ରଥମ ଦୁଇ ସ୍ଥାନରେ ରହିଛନ୍ତି ।

# ଉତ୍କଳ କ୍ଲବକୁ ୩-୧ ଗୋଲ୍‌ରେ ହରାଇଲା ପତାକା କ୍ଲବ୍



ଖଣ୍ଡପଡା, ୨୩ା୨ (ମହାଭାରତ): ଖଣ୍ଡପଡା ମଧୁବନ ମିନିଷ୍ଟାଡିୟମ ପରିସରରେ ଖଣ୍ଡପଡ଼ା ସ୍ପୋର୍ଟସ ଆସୋସିଏସନ୍ ଆନୁକୁଲ୍ୟରେ ୬ଷ୍ଠ ବାର୍ଷିକ ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍ ରବିବାର ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ମ୍ୟାଚ୍‌ରେ ଅନୁଗୁଳ ପତକା କ୍ଲବ୍ ୩-୧ ଗୋଲ୍‌ରେ ଜଟଣୀର ଉତ୍କଳ କ୍ଲବ୍‌କୁ ପରାସ୍ତ କରି ସେମିଫାଇନାଲ୍‌ରେ ପ୍ରବେଶ କରିଛି । ଆଜିର ଖେଳକୁ ମୁଖ୍ୟ ରେଫରୀ ଭାବେ ପ୍ରସନ୍ନ ନାୟକ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନ୍‌ସମ୍ୟାନ୍ ଭାବେ ସାଇରମ କିସ୍କୋ ଓ ସଗିର ଅହମ୍ମଦ ସହଯୋଗ କରିଥିବା ବେଳେ ୪ର୍ଥ ରେଫରୀ ଭାବେ କ୍ରୀଡ଼ା ଶିକ୍ଷକ ସମୀର ଖୁଂଟିଆ ଦାୟିତ୍ୱ ତୁଲାଇଥିଲେ । ମୁଖ୍ୟ ଅତିଥି ରୁପେ ସ୍ଥାନୀୟ ବିଧାୟକ ଇଂ. ଦୁଷ୍ମନ୍ତ କୁମାର ସ୍ୱାଇଁ ଟୁର୍ଣ୍ଣାମେଂଟ୍‌କୁ ଉଦ୍‌ଘାଟନ କରିଥିଲେ । ନୟାଗଡ଼ ରାଣୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ ଯୋଗଦେଇ ଉଭୟ ଦଳର ଖେଳାଳୀ ଓ ଆୟୋଜକ ମାନଙ୍କୁ ଉତ୍ସାହିତ କରିଥିଲେ ।

ଅନ୍ୟତମ ଅତିଥି ରୁପେ ବିଜେପି ନେତା ରାଘବ ମଲ୍ଲିକ, ଜିଲ୍ଲାପରିଷଦ ସଦସ୍ୟା ଉଜଳା ମହାରଣା, ସାଂସଦ ପ୍ରତିନିଧି ଗୟାଧର ପରିଡ଼ା, ସମାଜସେବୀ ଚିତରଞ୍ଜନ ମିଶ୍ର ଓ ଆଂଚଳିକ ସାମ୍ବାଦିକ ସଂଘର ସଭାପତି ବିନାୟକ ମିଶ୍ର ପ୍ରମୁଖ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ଖଣ୍ଡପଡ଼ା ସହରାଂଚଳ ତଥା ଆଖପାଖ ଅଂଚଳରୁ ୩ହଜାରରୁ ଉର୍ଦ୍ଧ୍ୱ ଦର୍ଶକଙ୍କର ଏହି ମ୍ୟାଚ୍ ଦେଖିବା ପାଇଁ ସମାଗମ ହୋଇଥିଲା । ଆସନ୍ତାକାଲି ସୁଜିତ୍ ଫୁଟ୍‌ବଲ୍ କ୍ଲବ୍ ଫୁଲବାଣୀ ଓ ଯୁବଜ୍ୟୋତି କ୍ଲବ୍ କଟକ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ଠାରୁ ପ୍ରକାଶ ।

# କେନ୍ଦ୍ରାପଡାରେ ସର୍ବଭାରତୀୟ ଫୁଟବଲ୍ ମ୍ୟାଚ୍

କେନ୍ଦ୍ରାପଡା, ୨୩ା୨ : କେନ୍ଦ୍ରାପଡା ପୌରସଂସ୍ଥା ଅନ୍ତର୍ଗତ ହାଇସ୍କୁଲ୍ ପଡିଆରେ ଆଜାଦ ସ୍ପୋର୍ଟିଂ କ୍ଲବ୍ ଦ୍ୱାରା କ୍ଲବର ସଭାପତି ହିବଜୁ ରେହେମାନଙ୍କ ନେତୃତ୍ୱରେ ଏବଂ ସମ୍ପାଦକ ସେକ୍ ଲିଆକ୍ ଅଲ୍ଲିଙ୍କ ତ୍ୱାବଧାନରେ ଦିବା ରାତ୍ରୀ ଏକ ସର୍ବ ଭାରତୀୟ ଫୁଟବଲ୍ ଟୁର୍ନାମେଣ୍ଟ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତି ଯୋଗୀତାରେ ମୁଖ୍ୟ ଅତିଥି ଭାବେ ବିଧାୟକ ଧ୍ରୁବଚରଣ ସାହୁ, ମୁଖ୍ୟବକ୍ତା ମନୁଅର ଅଲ୍ଲି ଖାଁ, ସମ୍ମାନୀୟ ଅତିଥୀ ଭାବେ ସ୍ମୃତି ରଂଜନ ସାମଲ ପ୍ରମୁଖ ଯୋଗ ଦେଇ ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉକ୍ତ ଟୁର୍ନାମେଣ୍ଟକୁ ଶୁଭାରମ୍ଭ କରିଥିଲେ । ଆଜାଦ କ୍ଲବ୍ ପକ୍ଷରୁ ମଞ୍ଚାସୀନ ଅତିଥୀ ମାନଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ମଞ୍ଚାସୀନ ଅତିଥୀ ମାନେ ଖେଳକୁ ହଜାର ହଜାର ଦର୍ଶକ ମାନଙ୍କ ଗ୍ରହଣରେ ମନଭରୀ ଉପଭୋଗ କରିବା ସଂଗେ ସଂଗେ ପ୍ରତି ଯୋଗୀତାରେ ଅଂଶ ଗ୍ରହଣ କରିଥିବା ପ୍ରତିଯୋଗୀ ମାନଙ୍କୁ କରତାଳି ଦେଇ ଉତ୍ସାହିତ କରିଥିଲେ । ଚନ୍ଦ୍ କ୍ଲବ୍ କେନ୍ଦ୍ରାପଡା ଓ ଟାରଜନ କ୍ଲବ୍ କଟକ ମଧ୍ୟରେ ଏକ ଯୋରଦାର ସର୍ବ ଭାରତୀୟ ସ୍ତରର ସେମି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିବା ବେଳେ ଟାରଜନ ୫/୩ ଗୋଲରେ ଟ୍ରାଇବେକର ରେ ଜିତିଥିବା ବେଳେ ଚନ୍ଦ୍ କ୍ଲବ୍ କିନ୍ତୁ ପରାଜୟ ବରଣ କରିଥିଲା । ଏହି ପ୍ରତିଯୋଗୀତାରେ ଧାରା ବିବରଣୀ ପ୍ରଦାନ କରିଥିଲେ କୋଚ୍ ଜ୍ୟୋତିର୍ମୟୀ ଦାସ ଓ ବରଦାକାନ୍ତ ବରାଳ ଏବଂ ଆଥଲେଟିକ୍ ଆସୋସେସନର ସାଧାରଣ ସମ୍ପାଦକ ସୟଦ୍ ଅକମଲ୍ ଅଲ୍ଲି ପ୍ରମୁଖ ସେହିପରି ଖେଳ ପରିଚାଳନା କରିବା ପାଇଁ କଲିକତାରୁ ଆସିଥିବା ୪ଜଣ ମହିଳା ରେଫରୀ ସିନି ରାଜପୁତ, ପ୍ରଣିତା ଘୋଷ, ସୋମା ମୁର୍ମୁ ଓ ଦେବଜାନୀ ମଣ୍ଡଳ ଏହି ଟୁର୍ନା ମେଣ୍ଟରେ ଆଜାଦ କ୍ଲବର ସଦସ୍ୟ ସେକ୍ ଅବଦୁଲ୍ ମଜିଦ, ଆମିର ଅହେମ୍ମଦ, ପରଭେଜ୍ ଅକ୍ତର, ଆଜିମ୍ ଖାଁନ୍, ନଫିସ୍ ଅହେମ୍ମଦ୍, ନୁର ଖାଁନ୍, ରହେମ୍ମଦ୍ ଖାଁନ୍, ସେକ୍ ଅକ୍ତର, ଅହେମ୍ମଦ ଖାଁନ୍, ଟିକା ଖାଁନ ଓ ଫୁରଖାନ ଖାନ, ରାଜୁ ଖାଁନ ଏବଂ ଆଜାର ଉଦ୍ଦିନ୍ ଖାଁନଙ୍କ ସମେତ ଅନ୍ୟାନ୍ୟ ବହୁ କର୍ମକର୍ତ୍ତାମାନେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଉପସ୍ଥିତ ରହି ସମସ୍ତ ସାହାଯ୍ୟ ସହଯୋଗ କରିଥିବା ଦେଖିବାକୁ ମିଳିଥିଲା ।




# ମା ବୁଢ଼ୀ କ୍ଲବ ଚମ୍ପିୟାନ

ଅନୁଗୁଳ, ୨୩ା୨ : ସ୍ଥାନୀୟ ଶିବା ପଡିଆରେ ରବିବାର ଆୟୋଜିତ ଶିବାନନ୍ଦ ଓ ପଦ୍ମଚରଣ ସ୍ମାରକୀ ଫୁଟବଲ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ ରେ ମା ବୁଢ଼ୀ କ୍ଲବ ଅନୁଗୁଳ ସାଉଥ ବଲଣ୍ଡା କୁ ଟାଇ ବ୍ରେକର ରେ ୩-୧ ଗୋଲ ରେ ପରାସ୍ତ କରି ଚମ୍ପିୟାନ ହୋଇଥିଲା । ନିର୍ଦ୍ଧାରିତ ସମୟ ରେ ପରସ୍ପର କୁ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଅନୁଗୁଳ ମାଟିରେ ଫୁଟବଲ ଖେଳର ଉନ୍ନତି ପାଇଁ ସବୁମନ୍ତେ ଉଦ୍ୟମ କରିବେ ବୋଲି ପ୍ରକାଶ କରିଥିଲେ । ସେ ଚମ୍ପିଆନ ମା ବୁଢ଼ୀ କ୍ଲବ କୁ ନଗଦ ୧୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ । ରନର୍ସଅପ ବଲଣ୍ଡା ଦଳକୁ ନଗଦ ୭ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା ବଲାଣ୍ଡା ର ମାଧବ ସ୍ୱାଇଁ ଫାଇନାଲ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ । ଏହାଛଡା ବେଷ୍ଟ ଗୋଲକିପର ଏବଂ ଟୁର୍ନାମେଣ୍ଟ ର ଶ୍ରେଷ୍ଠ ଖେଳାଳି ଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା ସମ୍ମାନିତ ଅତିଥି ରୂପେ ପୌର ନିର୍ବାହୀ ଅଧିକାରୀ ସ୍ୱୟ ପ୍ରକାଶ ତ୍ରିପାଠୀ, ପୂର୍ବତନ କାଉନସିଲର ପ୍ରଦୀପ ରାଉତ ପ୍ରମୁଖ ଯୋଗ ଦେଇଥିଲେ । ଭେଟ୍ରାନ କ୍ଲବ୍ ପକ୍ଷରୁ ପ୍ରମୋଦ ରାଉତ, ପ୍ରଶାନ୍ତ କୁମାର ସିହ୍ନା, ବୁଲୁ ରାଉତରାୟ, ହରମୋହନ ମିଶ୍ର, ରମେଶ ସାହୁ, ବରିଷ୍ଠ ଆଇନଜୀବି ଭୂପେଶ ଚନ୍ଦ୍ର ପ୍ରଧାନ, ବୈକୁଣ୍ଠ ରାଉତ, ରମେଶ ସାହୁ, ପ୍ରଭାସ ଦାସ ପ୍ରମୁଖ ଉପସ୍ଥିତଥିଲେ ।

## ଦୁଃଖ ପ୍ରକାଶ କଲା ପିସିବି

କରାଚୀ, ୨୩ା୨ : ଭାରତୀୟ ଦଳ ତାର ଚାମ୍ପିୟନ୍ସ ଟ୍ରଫି ମ୍ୟାଚ ପାକିସ୍ତାନରେ ନ ଖେଳି ନିରପେକ୍ଷ ଭେନ୍ୟୁରେ ଖେଳିବା ନିଷ୍ପତ୍ତିକୁ ନେଇ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ମୁଖ୍ୟ ମହସିନ ନକଭି ନୈରାଶ୍ୟ ବ୍ୟକ୍ତ କରିଛନ୍ତି ୨୯ ବର୍ଷର ବ୍ୟବଧାନ ପରେ ପାକିସ୍ତାନରେ ହୋଇଥିବା ଆଇସିସି ଇଭେଣ୍ଟର ସଫଳ ଆୟୋଜନକୁ ନେଇ ସେ ଆଶାବ୍ୟକ୍ତ କରିଛନ୍ତି ।

ଆମେ ଏକ ବିଶ୍ୱସ୍ତରୀୟ ଇଭେଣ୍ଟର ସଫଳ ଆୟୋଜନ ଉପରେ ବିଶେଷ ଗୁରୁତ୍ୱ ଦେଉଛୁ । କିନ୍ତୁ ନିର୍ଦ୍ଦ୍ୱନ୍ଦ୍ୱରେ କହିପାରିବୁ ଯେ, ପାକିସ୍ତାନରେ ଭାରତ ଖେଳୁ ନ ଥିବାରୁ ଆମେ ଦୁଃଖିତ ଏଥିଲାଗି କେବଳ ପିସିବି ନୁହେଁ ବରଂ, ପୂରା ବିଶ୍ୱର କ୍ରିକେଟର ପ୍ରଶଂସକ, ଆଇସିସି, ଆର୍ଥିକ ସହଯୋଗୀ ଦୁଃଖିତ ଅଛନ୍ତି । ଆମେ ୨୦୧୧, ୨୦୧୨, ୨୦୧୬ ସମେତ ୨୦୨୩ ଇଭେଣ୍ଟ ପାଇଁ ଦଳ ଅନେକ ଥର ଭାରତ ଟୁର କରିଥିଲା ଏଥିଯୋଗୁ ଭାରତ, ପାକିସ୍ତାନକୁ ଆସି ଖେଳିବ ବୋଲି ଆମେ ଆଶା କରିଥିଲୁ କିନ୍ତୁ ଆମ ଆଶା ପୂରଣ ହୋଇ ନ ଥିଲା ବୋଲି ନକଭି କହିଛନ୍ତି ।

# ଭାରତର ଯୁଗଳ ବିଜୟ : ଜର୍ମାନୀକୁ ହରାଇଲେ ମହିଳା

ଭୁବନେଶ୍ୱର, ୨୩ା୨ : କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ଏଫ୍ଆଇଏଚ୍ ହକି ପ୍ରୋ ଲିଗ୍‌ରେ ଭାରତୀୟ ମହିଳା ଦଳ ଶକ୍ତିଶାଳୀ ଜର୍ମାନୀ ବିପ ଯାହାର ଫଳ ସ୍ୱରୂପ ଦ୍ୱାଦଶ ମିନିଟ୍‌ରେ ଦୀପିକାଙ୍କ ଗୋଲ୍ ବଳରେ ଭାରତ ୧-୦ରେ ଆଗୁଆ ହୋଇଯାଇଥିଲା । ଏହି ଗୋଲ୍‌ଟିକୁ ସେ ପେନାଲ୍ଟି କର୍ଣ୍ଣରରୁ ସ୍କୋର୍ କରିଥିଲେ । ପରବର୍ତ୍ତୀ ୪୮ ମିନିଟ୍ କାଳ ଉଭୟ ଦଳ ଏକାଧିକ ସୁଯୋଗ ପାଇଥିଲେ ମଧ ତାହାକୁ ଗୋଲ୍‌ରେ ରୂପାନ୍ତର କରିବାକୁ ସକ୍ଷମ ହୋଇ ନଥିଲେ ।

ଫଳରେ ଭାରତୀୟ ଦଳ ସେହି ୧-୦ର ସ୍କୋର୍ ଲାଇନ୍‌ରେ ବିଜୟୀ ହୋଇ ଏହି ପ୍ରତିଯୋଗିତାରେ ଷଷ୍ଠ ମ୍ୟାଚ୍‌ରୁ ଦ୍ୱିତୀୟ ବିଜୟ ପାଇଥିଲା । ବରିଷ୍ଠ ଖେଳାଳି ସୁଶୀଳା ଚାନୁ ପୋଖରମବାମ୍ ୨୫୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାର ମାଇଲଖୁଣ୍ଟ ଛୁଇଁ ଥିବାରୁ ପଡ଼ିଆ ଭିତରେ ଭାରତୀୟ ଦଳ ପକ୍ଷରୁ ତାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହା ପୂର୍ବରୁ ଖେଳାଯାଇଥିବା ନେଦରଲାଣ୍ଡ୍‌ସ-ଇଂଲଣ୍ଡ ମ୍ୟାଚ୍‌ରେ ନେଦରଲାଣ୍ଡ୍ ଏକତରଫା ଭାବେ ୬-୦ରେ ଇଂଲଣ୍ଡକୁ ପରାସ୍ତ କରିଥିଲା ।



### ପୁରୁଷ ୪-୦ରେ ଆୟର୍ଲାଣ୍ଡକୁ ହରାଇଲେ

ଭାରତୀୟ ମହିଳାଙ୍କ ଭଳି ପୁରୁଷ ମଧ ଶନିବାର ବିଜୟର ମିଠାମିଠା ସ୍ୱାଦ ଚାଖିଛନ୍ତି ଏକତରଫା ଭାବେ ୪-୦ରେ ଆୟର୍ଲାଣ୍ଡକୁ ହରାଇ ଦେଇଛନ୍ତି । ଏହି ମୁକାବିଲାରେ ଭାରତୀୟ ଖେଳାଳିମାନେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଆଧିପତ୍ୟ ବିସ୍ତାର କରିଥିଲେ ପ୍ରଥମ ତିନି କ୍ୱାର୍ଟର୍‌ରେ ଚାରିଟି ଗୋଲ୍ ଦେଇ ବିଜୟକୁ ସୁନିଶ୍ଚିତ କରିଥିଲେ ତୃତୀୟ କ୍ୱାର୍ଟର ଶେଷ ସୁଦ୍ଧା ୪-୦ରେ ଆଗୁଆ ହେବା ପରେ ଚତୁର୍ଥ କ୍ୱାର୍ଟର୍‌ରେ ରକ୍ଷଣାତ୍ମକ ଖେଳ ଖେଳି ଆୟର୍ଲାଣ୍ଡ୍ ଅଗ୍ରଭାଗକୁ ବାନ୍ଧି ରଖିଥିଲେ ଭାରତ ପକ୍ଷରୁ ପ୍ରଥମ ଗୋଲ୍ ଓଡ଼ିଆ ତାରକା ନୀଲମ ସଂଜୀପ ଖେସ୍ (୧୪ ମିନିଟ୍) ଦେଇଥିଲେ ଏହା ପରେ ମନଦୀପ ସିଂହ (୨୪ ମିନିଟ୍), ଅଭିଷେକ (୨୮) ଓ ସମସେର୍ ସିଂହ (୩୪ ମିନିଟ୍) ସଫଳ ହୋଇଥିଲେ ।

# ୨ରୁ ବିଜୁ ପଟ୍ଟନାୟକ ଓ୍ୱାନ୍‌ଡେ ଟ୍ରଫି କ୍ରିକେଟ

ବ୍ରହ୍ମପୁର, ୨୩ା୨ : ସ୍ଥାନୀୟ ସର୍କିଟ ହାଉସ ଠାରେ ରବିବାର ଅପରାହ୍ନରେ ବ୍ରହ୍ମପୁର ଆଲଫା ସ୍ପୋର୍ଟିଂଙ୍ଗ କ୍ଲବ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ମେମୋରିଆଲ ଟ୍ରଫିର ଅଧକ୍ଷ ଡ.ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କ ଅଧାକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ସୂଚନା ଦିଆଯାଇଛି ଯେ, ଆସନ୍ତା ମାର୍ଚ୍ଚ ମାସ ୨ ତାରିଖ ଠାରୁ ୧୦ ତାରିଖ ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀ ଷ୍ଟାଡିୟମ୍ ପରିସରରେ ୧୫ତମ ଜାତିୟ ସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ । ଉକ୍ତ ରାଜ୍ୟ ସ୍ତରୀୟ ବିଜୁ ପଟ୍ଟନାୟକ ଟୁର୍ଣ୍ଣାମେଣ୍ଟରେ ରାଜ୍ୟ ବାହାରର ୧୦ଗୋଟି ସୁନାମ ଧନ୍ୟ ଦଳ ମାନେ ଅଂଶ ଗ୍ରହଣ କରିବାକୁ ଥିବା ବେଳେ, ବିଶାଖାପାଟଣା ଦଳ ସହ ଫେମସ କ୍ଲବ୍ କେଜେଆର୍, ଓ୍ୱିନର ଅଫ୍ ଫାଷ୍ଟ ପିକ୍ୟ ସହ ରାଇସିଂ ଷ୍ଟୁଡେଣ୍ଟସ କଟକ, ଲିଡ୍ସ ଏକାଡେମୀ ସହ ଆର୍ ଇସିଁଶି ରାଉରକେଲା, ରାଇସିଂ ଷ୍ଟାର ଆଲ୍ଟା ସହ କେଶିଏ କେସିଙ୍ଗା, ିନର ଅଫ୍ ସେକେଣ୍ଡ ପିକ୍ୟୁ ସହ ଆଲଫା ସ୍ପୋର୍ଟିଂ କ୍ଲବ୍, ୟୁ ଏଣ୍ଡ ମି ବାଲେଶ୍ୱର ସହ ରାମେଶ୍ୱର ଭୁବନେଶ୍ୱର ଦଳର ପ୍ରତିଯୋଗିତା ହେବାକୁ ଥିବା ବେଳେ, ଶେଷ ଦିବସ ଅର୍ଥା ୧୦ ତାରିଖ ଦିନ ମେଗା ଗ୍ରାଣ୍ଡ ଫାଇନାଲ ଅନୁଷ୍ଠିତ ହେବ ବୋଲି କହିଥିଲେ ସେହିପରି ସାଧାରଣ ସମ୍ପାଦକ ବିଜୟ ଭାସ୍କର ସିଂ ସାମନ୍ତ କହିଛନ୍ତି ଯେ, ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ବିଜୟୀ ଦଳଙ୍କ ପାଇଁ ଲକ୍ଷେ ଏଗାର ହଜାର ଟଙ୍କା ପୁରସ୍କାର ରାଶି ରହିଥିବା ବେଳେ, ରନର ଦଳ ପାଇଁ ୬୬ ହଜାର ଟଙ୍କା ପୁରସ୍କୃତ ରାଶି ରଖାଯାଇଛି ।

# ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଆଶାରେ ଭାରତ

ନୂଆଦିଲ୍ଲୀ, ୨୩ା୨ : ଭାରତରେ ୨୦୩୬ ଅଲିମ୍ପିକ୍ସ ଆୟୋଜନ କରିବାକୁ ଭାରତ ସରକାର ଆଗ୍ରହ ଦେଖାଇଛନ୍ତି । ଏଥିପାଇଁ ସରକାରଙ୍କ ପକ୍ଷରୁ ଅଲିମ୍ପିକ୍ସ ଆୟୋଜନ କମିଟି ନିକଟରେ ବିଧିବଦ୍ଧ ଭାବେ ଆବେଦନ କରାଯାଇଛି ।ଅଲିମ୍ପିକ୍ସ ଆୟୋଜନ ନିଷ୍ପତ୍ତି ଝୁଲି ରହିଥିବା ବେଳେ ଏବେ ଭାରତ ସରକାର ଆଉ ଏକ ବଡ଼ ପଦକ୍ଷେପ ନେଇଛନ୍ତି ଭାରତ ସରକାର ଦେଶରେ ରାଜ୍ୟ ଗୋଷ୍ଠୀ କ୍ରୀଡ଼ା ବା କମନଲେଥ ଗେମ ଆୟୋଜନ କରିବାକୁ ଆଗ୍ରହ ଦେଖାଇଛନ୍ତି ।



୨୦୩୦ରେ ରାଜ୍ୟ ଗୋଷ୍ଠୀ କ୍ରୀଡ଼ାକୁ ୧୦୦ ବର୍ଷ ପୂରିବାକୁ ଯାଉଛି । ଏହି ୧୦୦ ବର୍ଷ ପୂର୍ତ୍ତି ଅବସରରେ ଇଭେଣ୍ଟର ଆୟୋଜନ କରିବାକୁ ଭାରତ ସରକାର ଚାହୁଁଛନ୍ତି ଏଥିପାଇଁ ଭାରତର ସରକାର ବିଧିବଦ୍ଧ ଭାବେ ଆବେଦନ କରିବେ ବୋଲି ଜଣାପଡ଼ିଛି । ଆୟୋଜନର ଅଧିକାର ପାଇବା ପାଇଁ ଆବେଦନର ଶେଷ ତାରିଖ ହେଉଛି ମାର୍ଚ୍ଚ ୩୧ । ଏହାରି ଭିତରେ ଭାରତ ସରକାରଙ୍କୁ ଆୟୋଜକ କମିଟି ନିକଟରେ ନିଜର ଆବେଦନପତ୍ର ଦାଖଲ କରିବାକୁ ପଡ଼ିବ । ସୂତ୍ର ଅନୁସାରେ, ନିକଟରେ ଭାରତୀୟ ଅଲିମ୍ପିକ ଆସୋସିଏସନ (ଆଇଓଏ) ଅନଔପଚାରିକ ଭାବେ ରାଜ୍ୟ ଗୋଷ୍ଠୀ କ୍ରୀଡ଼ା ମହାସଂଘ ବା ସିଜିଏଫ ସହ ହୋଷ୍ଟିଂ ଅଧିକାର ସମ୍ପର୍କରେ ଆଲୋଚନା କରିଥିଲା । ନୂଆଦିଲ୍ଲୀ ଓ ଅହମଦାବାଦରେ ଥିବା କ୍ରୀଡ଼ା ଭିତ୍ତିଭୂମିର ଉଦାହରଣ ଦେଇ ଭାରତ ସରକାର ୨୦୩୦ରେ ରାଜ୍ୟ ଗୋଷ୍ଠୀ କ୍ରୀଡ଼ାର ଆୟୋଜନ କରିବାକୁ ଚାହୁଁଥିବା ସିଜିଏଫକୁ ଅନଔପଚାରିକ ଭାବେ ଜଣାଇଛନ୍ତି ସିଜିଏଫ ସହ ଆଲୋଚନା କରିବା ପରେ ଭାରତ ସରକାର ବିଧିବଦ୍ଧ ଭାବେ ହୋଷ୍ଟିଂ ଅଧିକାରୀ ଭାବେ ମାର୍ଚ୍ଚ ୩୧ ପୂର୍ବରୁ ଆବେଦନ କରିବେ ବୋଲି କୁହାଯାଉଛି ।

ଭାରତକୁ କ୍ରୀଡ଼ାର ପାୱାର ହାଉସ ଭାବେ ଗଢ଼ି ତୋଳିବାକୁ ଭାରତ ସରକାର ଚାହୁଁଛନ୍ତି । ଏଥିପାଇଁ ଭାରତୀୟ ଅଲିମ୍ପିକ ଆସୋସିଏସନ ବା ଆଇଓଏ ଔପଚାରିକ ଭାବେ ଅକ୍ଟୋବର ୧ରେ ଅନ୍ତର୍ଜାତୀୟ ଅଲିମ୍ପିକ ଆସୋସିଏନର ଭିବଷ୍ୟତ ହୋଷ୍ଟ କମିଶନ ନିକଟକୁ ଚିଠି କରିଛି ।ଏଥିରେ ଆଇଓଏ ୨୦୩୬ରେ ଅଲିମ୍ପିକ୍ସ ଓ ପାରା ଅଲିମ୍ପିକ୍ସ ଆୟୋଜନ କରିବାକୁ ଇଚ୍ଛା ପ୍ରକାଶ କରିଛି । ଏବେ ଭାରତର ଆବେଦନ ଉପରେ ଅନ୍ତର୍ଜାତୀୟ ଅଲିମ୍ପିକ୍ସ ଆସୋସିଏସନ ବିଚାର କରୁଥିବା ଜଣାପଡ଼ୁଛି । କିନ୍ତୁ ୨୦୩୬ ପୂର୍ବରୁ ଭାରତ ରାଜ୍ୟ ଗୋଷ୍ଠୀ କ୍ରୀଡ଼ାର ଆୟୋଜନ କରିବାକୁ ମଧ୍ୟ ଚାହୁଁଛି ।

ଭାରତ ଏଯାଏ କେବଳ ଗୋଟିଏ ଥର ରାଜ୍ୟ ଗୋଷ୍ଠୀ କ୍ରୀଡାର ଆୟୋଜନ କରିଛି । ୨୦୧୦ରେ ଦିଲ୍ଲୀରେ ଏହା ଆୟୋଜନ ହୋଇଥିଲା । ଭାରତ ମଧ୍ୟ ଏହି କ୍ରୀଡ଼ା ମହାକୁମ୍ଭରେ ଦମଦାର ପ୍ରଦର୍ଶନ କରିଥିଲା । ୨୦୧୦ ରାଜ୍ୟ ଗୋଷ୍ଠୀ କ୍ରୀଡ଼ାରେ ଭାରତ ୩୮ଟି ସ୍ୱର୍ଣ୍ଣ, ୨୭ଟି ରୌପ୍ୟ ଓ ୩୬ଟି ବ୍ରୋଞ୍ଜ ସହ ମୋଟ ୧୦୧ ପଦକ ଜିତିଥିଲା । ପଦକ ଜିତିବା ତାଲିକାରେ ମଧ୍ୟ ଦେଶ ୨ ନମ୍ବରେ ରହିଥିଲା ।

୧୯୩୦ରୁ ପ୍ରତି ୪ ବର୍ଷରେ ଥରେ ରାଜ୍ୟ ଗୋଷ୍ଠୀ କ୍ରୀଡ଼ା ଆୟୋଜନ ହେଉଛି ।ଭାରତ ପ୍ରଥମ ସଂସ୍କରଣରେ ଭାଗ ନେଇ ନଥିଲା । ସେହିପରି ୧୯୫୦, ୧୯୬୨, ୧୯୮୬ରେ ମଧ ଭାରତରୁ କେହି ବି ରାଜ୍ୟ ଗୋଷ୍ଠୀ କ୍ରୀଡ଼ାରେ ଭାଗ ନେଇ ନଥିଲେ । ୨୦୨୬ରେ ସ୍କଟଲ୍ୟାଣ୍ଡର ଗ୍ଲାସଗୋରେ ରାଜ୍ୟ ଗୋଷ୍ଠୀ କ୍ରୀଡ଼ା ଆୟୋଜନ ହେବ ।

# ଯୁବରାଜଙ୍କ ଫିଟନେସ ଦେଖି ପ୍ରଶଂସା କଲେ ସଚିନ

ନୂଆଦିଲ୍ଲୀ, ୨୩ା୨ : ୨୨ ଫେବୃଆରୀ, ୨୦୨୫ରେ ଅନ୍ତର୍ଜାତୀୟ ମାଷ୍ଟର୍ସ ଲିଗ ଟି-୨୦ ୨୦୨୫ର ଉଦଘାଟନୀ ମ୍ୟାଚରେ ପୂର୍ବତନ ଭାରତୀୟ କ୍ରିକେଟର ଯୁବରାଜ ସିଂହ ଏକ ଚମତ୍କାର କ୍ୟାଚ ନେଇଥିଲେ ଶ୍ରୀଲଙ୍କା ମାଷ୍ଟର୍ସ ଇନିଂସର ଅଷ୍ଟମ ଓଭରରେ, ଲାହିରୁ ଥିରିମାନେ ଇରଫାନ ପଠାନଙ୍କ ବଲରେ ଲଙ୍ଗ-ଅନ ଅଞ୍ଚଳରେ ଏକ ସଟ ଖେଳିଥିଲେ ।



ଏହି ସମୟରେ, ବାଉଣ୍ଡରି ଲାଇନରେ ଠିଆ ହୋଇଥିବା ଯୁବରାଜ ପବନରେ ଡେଇଁ କ୍ୟାଚ ନେଇଥିଲେ । ତାଙ୍କର ଏହି କ୍ୟାଚକୁ ସବୁଠି ପ୍ରଶଂସା କରାଯାଉଛି ଏବଂ ଏହାର ଭିଡିଓ ମଧ୍ୟ ଭାଇରାଲ ହେଉଛି । ପ୍ରକୃତରେ, ଶ୍ରୀଲଙ୍କା ମାଷ୍ଟର୍ସ ବିପକ୍ଷରେ, ଇରଫାନ ପଠାନ ବୋଲିଂ କରୁଥିବା ସମୟରେ ଏବଂ ଲାହିରୁ ଥିରିମାନେ ବ୍ୟାଟିଂ କରୁଥିବା ସମୟରେ ଯୁବରାଜ ସିଂହ (ଯୁବରାଜ ସିଂହ କ୍ୟାଚ ଭିଡିଓ) ଇନିଂସର ଅଷ୍ଟମ ଓଭରରେ ଏକ ଚମତ୍କାର କ୍ୟାଚ ନେଇଥିଲେ ।କିନ୍ତୁ ବଲଟି ବ୍ୟାଟରେ ଜୋରରେ ବାଜି ନଥିଲା ଏବଂ ଏହା ବାଉଣ୍ଡରି ନିକଟରେ ପଡୁଥିବା ପରି ମନେ ହେଉଥିଲା କିନ୍ତୁ ସେଠାରେ ଥିବା ଯୁବରାଜ ଠିକ ସମୟରେ ଦୌଡ଼ି ଦୁଇ ହାତରେ ଏକ ଚମତ୍କାର କ୍ୟାଚ ନେଇଥିଲେ ।ଏହି କ୍ୟାଚ କଷ୍ଟକର ଥିଲା ।କାରଣ ଯୁବରାଜଙ୍କୁ ବାଉଣ୍ଡରି ପାର ନ ହେବା ପାଇଁ ସତର୍କ ରହିବାକୁ ପଡିଲା ।

୪୩ ବର୍ଷ ବୟସରେ ଯୁବରାଜଙ୍କ ଫିଟନେସ୍ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ । ତାଙ୍କର କ୍ୟାଚ ପରେ, ଇରଫାନ, ସଚିନ ତେନ୍ଦୁଲକର, ଷ୍ଟୁଆର୍ଟ ବିନ୍ନି ଏବଂ ଅନ୍ୟ ଖେଳାଳିମାନେ ତାଙ୍କ ପାଖକୁ ଯାଇ ତାଙ୍କୁ ପ୍ରଶଂସା କରିଥିଲେ । ଷ୍ଟାଡିୟମରେ ବସିଥିବା ପ୍ରଶଂସକଙ୍କ କରତାଳିରେ ସମଗ୍ର ଷ୍ଟାଡିୟମ ପ୍ରତିଧ୍ୱନିତ ହୋଇଥିଲା ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ